

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୩୦ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 July 2026
Vol.No. 36 ■ No.198 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସନ୍ତଷ୍ଠ ସାମ୍ନା, ବାଲେଶ୍ୱର
website : sagarika.in.net


# ରାଜ୍ୟସଭା ଓ ଲୋକସଭା ବାରମ୍ବାର ମୁଲତବୀ

## ରାହୁଲଙ୍କ ଟିପ୍ପଣୀକୁ ନେଇ ବିଜେପିର ପାଲଟା ଆକ୍ରମଣ



ନୂଆଦିଲ୍ଲୀ,୨୯/୭ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ପ୍ରସଙ୍ଗରେ ବୁଧବାର ସଂସଦର ଉଭୟ ଗୃହର କାର୍ଯ୍ୟ ସୁରୁଖୁରୁରେ ଚାଲି ପାରିନଥିଲା । ରାଜ୍ୟସଭାରେ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ ପୂର୍ବତନ ଜେଏନଏସୟୁ ସଭାପତି ଆଇଶି ଘୋଷଙ୍କ ବିରୋଧରେ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି । ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଗଣତନ୍ତ୍ର ବିପଦରେ ଥିବା ଅଭିଯୋଗ କରି ସରକାରଙ୍କଠାରୁ ଉତ୍ତରଦାୟିତ୍ୱ ଦାବି କରିଛନ୍ତି । ଅନ୍ୟପକ୍ଷରେ ପ୍ରତିବାଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱାଭାବିକ ପ୍ରକ୍ରିୟା ବୋଲି ଜେପି ନଡ୍ଡା କହିଛନ୍ତି । ରାଜ୍ୟସଭା ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଗୃହରେ ଉପସ୍ଥିତ ରହିବାକୁ ବିରୋଧୀ ଦାବି କରିଥିଲେ । ରାଜ୍ୟସଭା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ଲୋକସଭାରେ ପ୍ରଶ୍ନପତ୍ର ଲିକ୍ ସମ୍ପର୍କିତ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ଉପରେ ଆଲୋଚନା ଦ୍ୱିତୀୟ ଦିନ ପାଇଁ ଚାଲିଥିଲା । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶ୍ନପତ୍ର ଲିକ୍ ଉପରେ କହିଥିଲେ । ରାହୁଲ ଗାନ୍ଧୀ ଗୃହମନ୍ତ୍ରୀ ଅମିତ ଶାହ ଛାତ୍ରମାନଙ୍କ ଉପରେ ପେଲେଟ୍ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି କହିବା ପରେ ଏନଡିଏ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । କିରେନ ରିଜୁଜୁ ରାହୁଲ ଗାନ୍ଧୀଙ୍କଠାରୁ କ୍ଷମା ଓ ପ୍ରମାଣ ମାଗିଥିଲେ । ଏହି ପ୍ରସଙ୍ଗରେ ପ୍ରବଳ ହୋହଲ୍ଲା ଭିତରେ ସଂସଦକୁ ଅପରାହ୍ଣ ୨ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । ଗତକାଲି ମଙ୍ଗଳବାର ବିଲ୍ ଉପରେ ନଅ ଘଣ୍ଟା ଧରି ଆଲୋଚନା ହୋଇଥିଲା । ପ୍ରଥମ ଦିନରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଓ ବିଜେପି ସାଂସଦ ବଂଶୁରୀ ସ୍ୱରାଜ ସରକାରଙ୍କ ପକ୍ଷରୁ ଉପସ୍ଥାପନ କରିଥିଲେ । ବିତର୍କରେ ବିରୋଧୀ ଦଳ ପକ୍ଷରୁ ଗୌରବ ଗୋଗୋଇ, ପ୍ରିୟଙ୍କା ଗାନ୍ଧୀ ଓ ଅଖିଳେଶ ଯାଦବ କହି ଥିଲେ । ଅନ୍ୟପକ୍ଷରେ ଆଜି ସକାଳେ ସମାଜବାଦୀ ପାର୍ଟିର ସାଂସଦମାନେ ସଂସଦ ବାହାରେ ଦାନ ବାକ୍ସ ଧରି ପ୍ରତିବାଦ କରାଯାଇଥିଲା ଓ ରାମ ମନ୍ଦିର ଦାନ ଚୋରିକୁ ନେଇ ବିଜେପିକୁ ସମାଲୋଚନା କରିଥିଲେ । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଯେଉଁ ସରକାର ଦାନ ବାକ୍ସକୁ ସୁରକ୍ଷା ଦେଇପାରିବ ନାହିଁ, ସେ ଯୁବପିଢ଼ିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିପାରିବ ନାହିଁ । ସଂସଦରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀଙ୍କ ବିରୋଧରେ ଦେଇଥିବା ତାଙ୍କ ବୟାନକୁ ସମର୍ଥନ କରିଥିଲେ । ସେ କହିଥିଲେ, ମୁଁ କେବଳ ସତ୍ୟ କହିଛି, ଏବଂ ଯଦି ମୋତେ ସତ୍ୟ କହିବା ପାଇଁ ଦଣ୍ଡ ଦିଆଯାଏ, ତଥାପି ମୁଁ ସତ୍ୟ କହି ଚାଲିବି । ପ୍ରିୟଙ୍କା ଗତକାଲି ସଂସଦରେ ଅଭିଯୋଗ କରିଥିଲେ ଯେ, ବିଲକିସ୍ ବାନୋ ଦୁଷ୍କର୍ମ ଦୋଷୀଙ୍କ ମୁକ୍ତି ଉପରେ ପ୍ରହଲ୍ଲାଦ ଜୋଶୀ ଖୁସି ପ୍ରକାଶ କରିଥିଲେ । କଂଗ୍ରେସ ସାଂସଦ କେସି ବେଣୁଗୋପାଳ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀଙ୍କ ସମ୍ପର୍କରେ ପ୍ରିୟଙ୍କା ଗାନ୍ଧୀଙ୍କ ବୟାନକୁ ସମର୍ଥନ କରିଛନ୍ତି । ◆◆ପୃଷ୍ଠା ୭

# ଗୋଟିଏ ପଟେ କୂଟନୈତିକ ଆଲୋଚନା, ଅନ୍ୟପଟେ ମିସାଇଲ୍ ମାଡ଼: ମଧ୍ୟପ୍ରାଚ୍ୟରେ ପୁଣି ବଢ଼ିଲା ଉତ୍ତେଜନା



ନୂଆଦିଲ୍ଲୀ,୨୯/୭ : ମଧ୍ୟପ୍ରାଚ୍ୟରେ ଥମୁନି ଯୁଦ୍ଧ ଉତ୍ତେଜନା । ଗୋଟିଏ ପଟେ ଆମେରିକା ଓ ଇସ୍ରାଏଲ୍‌ର ନେତୃତ୍ୱ ମଧ୍ୟରେ କୂଟନୈତିକ ଆଲୋଚନା । ଅନ୍ୟପଟେ ଆମେରିକୀୟ ସେନା ଠିକଣାକୁ ଲକ୍ଷ୍ୟ କରି ଇରାନର ମିସାଇଲ୍ ଆକ୍ରମଣ । ଏହି ଘଟଣା ପରେ ପଶ୍ଚିମ ଏସିଆରେ ପୁଣି ଥରେ ତୀବ୍ର ହୋଇଛି ଉତ୍ତେଜନା । ରିପୋର୍ଟ ଅନୁସାରେ, ଇରାନର ଇସ୍ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ବା ଆଇଆରଜିସି ଜୋର୍ଡାନରେ ଥିବା ଏକ ଆମେରିକୀୟ ସେନା ଘାଟିକୁ ବାଲିଷ୍ଟିକ୍ ମିସାଇଲ୍‌ରେ ଲକ୍ଷ୍ୟ କରିଛି । ଆମେରିକୀୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଆକ୍ରମଣରେ ନିକ୍ଷେପ କରାଯାଇଥିବା ମିସାଇଲ୍‌ଗୁଡ଼ିକୁ ଆକାଶ ମାର୍ଗରେ ଇଣ୍ଟରସେପ୍ଟ କରାଯାଇଛି । ଏହି ଆକ୍ରମଣ ଏଭଳି ସମୟରେ ହୋଇଛି, ଯେତେବେଳେ ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା କମାଇବା ପାଇଁ କୂଟନୈତିକ ପ୍ରୟାସ ଚାଲିଥିଲା । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହୋଇଛି । ଇରାନର ପରମାଣୁ କାର୍ଯ୍ୟକ୍ରମ ଓ ଆଞ୍ଚଳିକ ସୁରକ୍ଷାକୁ ନେଇ ଦୁଇ ନେତାଙ୍କ ଆଲୋଚନା ଗୁରୁତ୍ୱ ବହନ କରୁଛି । ଏହାରି ମଧ୍ୟରେ ଇରାନ ପକ୍ଷରୁ ଆମେରିକୀୟ ସେନା ଘାଟିକୁ ମିସାଇଲ୍ ଆକ୍ରମଣ କରାଯିବା ଘଟଣା ନୂଆ ଚିନ୍ତା ସୃଷ୍ଟି କରିଛି । ଗତ କିଛି ସମୟ ଧରି ଆମେରିକା ଓ ଇରାନ ମଧ୍ୟରେ ସାମରିକ ମୁହାଁମୁହିଁ ସ୍ଥିତି ଦେଖାଦେଇଛି । ଏହାରି ମଧ୍ୟରେ ଆମେରିକା ପକ୍ଷରୁ ଇରାନ ବିରୋଧରେ ସାମରିକ ଅଭିଯାନରେ ବିରାମ ଦିଆଯାଇଥିଲା । କିନ୍ତୁ ଏବେ ଇରାନର ମିସାଇଲ୍ ଆକ୍ରମଣ ଯୋଗୁଁ ସେହି ବିରାମ ଉପରେ ପ୍ରଶ୍ନ ଉଠିଛି । ଏହା ସହିତ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ପୁଣି ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି । ତେବେ ଆକ୍ରମଣରେ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ମୃତାହତ ସମ୍ପର୍କରେ ତୁରନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ◆◆ପୃଷ୍ଠା ୭

# ସିଏମ୍‌ଓରୁ ଫାଇଲ୍ ଗାୟବ ମାମଲା : ତଦନ୍ତକୁ ଜୋରଦାର କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୯/୭ (ନି.ପ୍ର): ସିଏମ୍‌ଓରୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଗାୟବ ହେବା ମାମଲାରେ କ୍ରାଇମବ୍ରାଞ୍ଚ ଏବେ ନିଜର ତଦନ୍ତକୁ ଆହୁରି ଜୋରଦାର କରିଛି । ବିଶେଷ କରି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା ସମ୍ପର୍କିତ ନାଇଡୁ କମିସନଙ୍କ ରିପୋର୍ଟ ଫାଇଲ୍ କୁଆଡ଼େ ଗଲା, ତାହାକୁ ନେଇ ଖୋଳତାଡ଼ କରୁଛି ତଦନ୍ତକାରୀ ଟିମ୍ । ଏହି ଫାଇଲ୍ କାର୍ଯ୍ୟାଳୟରେ କାହାକୁ ହସ୍ତାନ୍ତର କରାଯାଇଥିଲା ଏବଂ କିଏ ନେଇ କାହାକୁ ଦେଇଥିଲା, ସେହି ଦିଗ ଉପରେ ଏବେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି । କ୍ରାଇମବ୍ରାଞ୍ଚ ଡିଜି ଏହି ମାମଲାରେ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି ଯେ, ଏଥିରେ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ । ପର୍ଯ୍ୟାୟ କ୍ରମେ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯିବ । ଯଦି କେହି ଏହି ନୋଟିସକୁ ଅଣଦେଖା କରନ୍ତି କିମ୍ବା ଉଚିତ କାରଣ ନଦର୍ଶାଇ ହାଜର ନହୁଅନ୍ତି, ତେବେ ସେମାନଙ୍କୁ ସନ୍ଦେହ ଘେରରେ ରଖାଯିବ । ଡିଜିଙ୍କ ଏହି ବୟାନ ପରେ ଏବେ ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅଡୁଆ ବଢ଼ିପାରେ ବୋଲି ଚର୍ଚ୍ଚା ହେଉଛି । ଏହି ମାମଲାରେ ଏବେ ସୁଦ୍ଧା ପୂର୍ବତନ ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ମୋଟ ୪ ଜଣଙ୍କୁ ସମନ୍ କରାଯାଇ ସାରିଛି । ◆◆ପୃଷ୍ଠା ୭

# ଓଡ଼ିଶାରେ ବନ୍ୟା ସ୍ଥିତି: ୪୪ଟି ବ୍ଲକ୍, ୨୪୩ଟି ପଞ୍ଚାୟତ ଏବଂ ୭୪୮ଟି ଗ୍ରାମ ପ୍ରଭାବିତ, ୨୨୬ଟି ଜଳବନ୍ଦୀ

■ଉବୁଟୁବୁ ଉତ୍ତର ଓଡ଼ିଶା: ଭାଙ୍ଗିଲା ଘାଇ, ଗାଁଗଣ୍ଡାରେ ପଶିଲା ବନ୍ୟାଜଳ

■ଭୟ ବଢ଼ାଇଲା ମହାନଦୀ, ମଧ୍ୟମ ଧରଣର ବନ୍ୟା ଆଶଙ୍କା




ଭୁବନେଶ୍ୱର, ୨୯/୭ (ନି.ପ୍ର): ରାଜ୍ୟର ବନ୍ୟା ପରିସ୍ଥିତି ବିଶେଷତଃ ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ସଙ୍ଗିନ । ବନ୍ୟାଜଳରେ ଭାସି ଏକାଧିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଛି । ରାସ୍ତାଘାଟ ଧୋଇ ହୋଇଯାଇଛି । ଏଭଳି ସ୍ଥିତିରେ ଆସନ୍ତାକାଲି ମହାନଦୀରେ ଉଦ୍‌ବୃତ୍ତ ବନ୍ୟାଜଳ ନିଷ୍କାସନ ହେବ । ଏଣୁ ତଳମୁଣ୍ଡରେ ମଧ୍ୟମ ଧରଣର ବନ୍ୟାସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଦିଆଯାଇଛି । ଏଭଳି ସ୍ଥିତିରେ ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଯଦି କୌଣସି ସ୍ଥାନରେ ବନ୍ୟାଜନିତ ସମସ୍ୟା ହୁଏ ତେବେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷକୁ ଫୋନ୍ କରିବାକୁ ନିବେଦନ କରାଯାଇଛି । ଆଜି ରାଜ୍ୟର ବନ୍ୟାସ୍ଥିତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢ଼ୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥୀ ଏସ୍., ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଜଳ ସମ୍ପଦ ବିଭାଗ ଓ ଅନ୍ୟାନ୍ୟ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ବୈଠକରୁ ମିଳିଥିବା ବିବରଣୀ ଅନୁସାରେ, ମନ୍ତ୍ରୀ ପୂଜାରୀ କହିଥିଲେ, ଲଗାଣ ବର୍ଷାଜନିତ ବନ୍ୟା ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି । ଅପରାହ୍ଣ ସୁଦ୍ଧା ୪୪ଟି ବ୍ଲକ୍, ୨୪୩ଟି ଗ୍ରାମ ପଞ୍ଚାୟତ ଏବଂ ୭୪୮ଟି ଗ୍ରାମ ବନ୍ୟା ପ୍ରଭାବରେ ରହିଛି । ◆◆ପୃଷ୍ଠା ୭

# ରାଜ୍ୟସଭାରେ 'ବନ୍ଦେ ମାତରମ୍' ସଂଶୋଧନ ବିଲ୍ ଗୃହୀତ: ଜାତୀୟ ସଙ୍ଗୀତକୁ ଅପମାନ କଲେ ହେବ ୩ ବର୍ଷ ଜେଲ୍



ନୂଆଦିଲ୍ଲୀ,୨୯/୭ : 'ବନ୍ଦେ ମାତରମ୍'କୁ ନେଇ ଆସିଲା ବଡ଼ ଖବର । ରାଜ୍ୟସଭାରେ ଗୃହୀତ ହୋଇଛି 'ପ୍ରିଭେନସନ୍ ଅଫ୍ ଇନସଲ୍ଟସ୍ ଟୁ ନ୍ୟାସନାଲ ଅନର୍ (ସଂଶୋଧିତ) ବିଲ୍, ୨୦୨୬' । ଏହି ସଂଶୋଧନ ମାଧ୍ୟମରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'କୁ ମଧ୍ୟ ଆଇନଗତ ସୁରକ୍ଷା ଦେବାକୁ ବ୍ୟବସ୍ଥା କରାଯାଇଛି । ବିଲ୍‌ର ଉଦ୍ଦେଶ୍ୟ ହେଉଛି 'ବନ୍ଦେ ମାତରମ୍'ର ଗାନକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦେବା କିମ୍ବା ଏହାର ଅପମାନକୁ ଦଣ୍ଡନୀୟ ଅପରାଧର ପରିସରକୁ ଆଣିବା । ଏହା ଦ୍ୱାରା ଜାତୀୟ ସଙ୍ଗୀତ ଓ ଜାତୀୟ ପତାକା ଭଳି ଜାତୀୟ ପ୍ରତୀକଗୁଡ଼ିକ ପାଇଁ ଥିବା ଆଇନଗତ ସୁରକ୍ଷାର ପରିସର ବଢ଼ିବ । ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, 'ବନ୍ଦେ ମାତରମ୍'ର ଗାନକୁ ଉଦ୍ଦେଶ୍ୟମୂଳକ ଭାବେ ରୋକିବା କିମ୍ବା ଏହାର ଗାନରେ ନିୟୋଜିତ କୌଣସି ସମାବେଶରେ ବାଧା ସୃଷ୍ଟି କରିବା ଦଣ୍ଡନୀୟ ହୋଇପାରେ । ଏଭଳି ଅପରାଧ ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍, ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି । ଏହି ପ୍ରାବଧାନ ପୂର୍ବରୁ ଜାତୀୟ ସଙ୍ଗୀତ ସମ୍ପର୍କିତ ଆଇନରେ ଥିଲା । ସଂଶୋଧନ ପରେ ଏହାର ପରିସରରେ 'ବନ୍ଦେ ମାତରମ୍'କୁ ମଧ୍ୟ ସାମିଲ କରାଯାଇଛି । ◆◆ପୃଷ୍ଠା ୭

# ବ୍ୟାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ଘର ଅଭିମୁଖେ ମାର୍ଚ୍ଚ: ଯୋଗଦେଲେ ଜେନ୍-ଜେଡ୍ ପ୍ରତିବାଦକାରୀ



ଭୋପାଳ: ମଧ୍ୟପ୍ରଦେଶରେ କୃଷକ ଆନ୍ଦୋଳନ ତୀବ୍ର ରୂପ ନେଇଛି । ପ୍ରାୟ ୨ ହଜାର କୃଷକ ପୁଲିସ ବ୍ୟାରିକେଡ୍ ଭାଙ୍ଗି ରାଜଧାନୀ ଭୋପାଳରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ମାର୍ଚ୍ଚ କରିଛନ୍ତି । ଏହି ଆନ୍ଦୋଳନରେ ଜେନ୍-ଜେଡ୍ ପ୍ରତିବାଦକାରୀମାନେ ମଧ୍ୟ ସାମିଲ ହୋଇଥିଲେ । କୃଷକମାନେ ମୁଖ୍ୟତଃ ମୁଗ ଫସଲର ୧୦୦ ପ୍ରତିଶତ ସରକାରୀ କ୍ରୟ, ନ୍ୟୂନତମ ସମର୍ଥନ ମୂଲ୍ୟ (ଏମ୍‌ଏସ୍‌ପି) ନିଶ୍ଚିତ କରିବା ଏବଂ କୃଷି ସମ୍ବନ୍ଧୀୟ ଅନ୍ୟାନ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି । ମଙ୍ଗଳବାର ନର୍ମଦାପୁରମ୍‌ରୁ ଭୋପାଳ ଅଭିମୁଖେ ଆସୁଥିବା କୃଷକମାନେ ରାଜଧାନୀରେ ପହଞ୍ଚିବା ପରେ ପୁଲିସ ଲଗାଇଥିବା ବ୍ୟାରିକେଡ୍ ହଟାଇ ଆଗକୁ ବଢ଼ିଥିଲେ । ପ୍ରତିବାଦକାରୀମାନଙ୍କୁ ରୋକିବା ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଭୋପାଳର ହୋଶଙ୍ଗାବାଦ ରୋଡ୍ ନିକଟରେ ବହୁ ସଂଖ୍ୟକ କୃଷକ ଏକାଠି ହୋଇଥିଲେ । ଆନ୍ଦୋଳନ ଯୋଗୁଁ ସହରର ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ବେଳେ କିଛି ସ୍କୁଲ୍ ମଧ୍ୟ ବନ୍ଦ ରହିଥିଲା । କୃଷକ ଆନ୍ଦୋଳନ ସହ ଜେନ୍-ଜେଡ୍ ପ୍ରତିବାଦକାରୀଙ୍କ ଯୋଗଦାନ ଏହାକୁ ଆହୁରି ବ୍ୟାପକ କରିଛି । ଶିକ୍ଷା ଓ ଯୁବ ସମସ୍ୟା ସମ୍ପର୍କିତ ପ୍ରସଙ୍ଗରେ ଆନ୍ଦୋଳନ କରୁଥିବା କିଛି ଯୁବ ପ୍ରତିବାଦକାରୀ ମଧ୍ୟ କୃଷକଙ୍କ ଦାବିକୁ ସମର୍ଥନ କରି ରାସ୍ତାକୁ ଓହ୍ଲାଇଥିଲେ । କୃଷକ ନେତାମାନେ କହିଛନ୍ତି ଯେ ଫସଲର ଉଚିତ ମୂଲ୍ୟ ନ ମିଳିବାରୁ ଚାଷୀମାନେ ଆର୍ଥିକ ସମସ୍ୟାରେ ପଡୁଛନ୍ତି । ◆◆ପୃଷ୍ଠା ୭

# ଅଗଷ୍ଟରୁ ବଢ଼ିବ ଦରଦାମ: ରୋଷେଇଠୁ ଗ୍ୟାରେଜ୍ ପର୍ଯ୍ୟନ୍ତ ସବୁ ହେବ ମହଙ୍ଗା

ନୂଆଦିଲ୍ଲୀ,୨୯/୭ : ଅଗଷ୍ଟ ୧ ତାରିଖରୁ ସାଧାରଣ ଲୋକଙ୍କ ଉପରେ ପଡ଼ିବାକୁ ଯାଉଛି ମହଙ୍ଗା ମାଡ଼ । ରୋଷେଇ ଘରଠାରୁ ଆରମ୍ଭ କରି ଗ୍ୟାରେଜ ପର୍ଯ୍ୟନ୍ତ ବ୍ୟବହୃତ ଅନେକ ଜରୁରୀ ସାମଗ୍ରୀର ଦର ବୃଦ୍ଧି ପାଇବ । ଦୈନନ୍ଦିନ ବ୍ୟବହାରର ଏଫଏମସିଜି ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ, ସ୍ମାର୍ଟଫୋନ୍, କାର୍ ଓ ପୋଷାକ ଭଳି ବିଭିନ୍ନ କ୍ଷେତ୍ରରେ କମ୍ପାନିଗୁଡ଼ିକ ପର୍ଯ୍ୟାୟକ୍ରମେ ମୂଲ୍ୟ ବଢ଼ାଇବାକୁ ଯୋଜନା କରିଛନ୍ତି । ଚାହା, ଖାଇବା ତେଲ, ସାବୁନ୍, ଡିଟରଜେଣ୍ଟ ସମେତ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଦର ୬ରୁ ୮ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ । ସେହିପରି ରେଫ୍ରିଜରେଟର, ୱାସିଂ ମେସିନ୍ ଓ ଟେଲିଭିଜନ ଭଳି ଘରୋଇ ଇଲେକ୍ଟ୍ରୋନିକ୍ ସାମଗ୍ରୀର ମୂଲ୍ୟ ୪ରୁ ୬ ପ୍ରତିଶତ ବୃଦ୍ଧି ହେବାର ସମ୍ଭାବନା ରହିଛି । ଗତ କିଛି ମାସ ଧରି ମେମୋରି ଚିପ୍‌ର ଦର ବହୁଗୁଣ ବଢ଼ିଥିବାରୁ ସ୍ମାର୍ଟଫୋନ୍‌ର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ । ଅଟୋମୋବାଇଲ କ୍ଷେତ୍ରରେ ମଧ୍ୟ ଗ୍ରାହକଙ୍କୁ ଅଧିକ ଟଙ୍କା ଗଣିବାକୁ ପଡ଼ିବ । କାର୍ ନିର୍ମାତା କମ୍ପାନିଗୁଡ଼ିକ ପର୍ଯ୍ୟାୟକ୍ରମେ ମୂଲ୍ୟ ବୃଦ୍ଧି କରୁଛନ୍ତି । ବିଶେଷକରି ମାରୁତି ସୁଜୁକି ୩୦ ଅଗଷ୍ଟରୁ ବିଭିନ୍ନ ମଡେଲ୍‌ର ଦର ସର୍ବାଧିକ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ାଇବାକୁ ଘୋଷଣା କରିଛି । ହୋଣ୍ଡା କାର୍ସ ଓ ମର୍ସିଡିଜ୍-ବେଞ୍ଜ ମଧ୍ୟ ଆଗାମୀ ସପ୍ତାହଗୁଡ଼ିକରେ ନୂଆ ଦର ଲାଗୁ କରିବାକୁ ଯାଉଛନ୍ତି । ଏହି ଦରବୃଦ୍ଧି ପଛରେ ରହିଛି ଅନେକ ବିଶ୍ୱସ୍ତରୀୟ କାରଣ । ◆◆ପୃଷ୍ଠା ୭

# ବଲାଙ୍ଗୀରର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବଲାଙ୍ଗୀର,୨୯/୦୭ (ନି.ପ୍ର): ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଗାମୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୬ ପାଳନ ସମ୍ବନ୍ଧୀୟ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଡ. ବିଜୟାନନ୍ଦ ସେଠୀ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ହିମାଂଶୁ ବେହେରା ମଂଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ଅତ୍ୟନ୍ତ ସଫଳ, ସ୍ମରଣୀୟ ଓ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ମାଝୀ ବୈଠକର ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତି ଅନୁସାରେ, ତା. ୧୫.୦୮.୨୦୨୬ ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ ଘଂଟାରେ ରାମଧୂନ, ସକାଳ ୬ ରୁ ୭ ଘଂଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଭାତ ଫେରି, ସକାଳ ୭.୦୦ରୁ ୮.୦୦ ମଧ୍ୟରେ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତୋଳନ, ସକାଳ ୭.୩୦ରୁ ୭.୪୫ ମଧ୍ୟରେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଏବଂ ସକାଳ ୯.୧୫ରେ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରି, ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରି, ଜନସାଧାରଣଙ୍କୁ ଉଦ୍ବୋଧନ ଦେବା ସହ କୃତି ପ୍ରତିଯୋଗୀ ଓ ପ୍ରତିଭାମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରିବେ। ଏହି ସମ୍ମିଳିତ ପ୍ୟାରେଡ୍ରେ ସଶସ୍ତ୍ର ପୋଲିସ ବାହିନୀ, ଓଡ୍ରାଫ୍, ଗୃହରକ୍ଷୀ ବାହିନୀ, ପୋଲିସ କଲର ପାର୍ଟି ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ.ସି.ସି, ସ୍କାଉଟ୍, ଗାଇଡ୍, ରେଡ୍‌କ୍ରସ୍ ଏବଂ ସିଭିଲିଆନ୍ ଦଳ ଅଂଶଗ୍ରହଣ କରିବେ। ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, ବ୍ୟଙ୍ଗଚିତ୍ର, ସ୍ୱାଧୀନତା ସଂଗ୍ରାମୀ ବେଶସଜ୍ଜା ଏବଂ ସଂସ୍କୃତ, ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ମାଧ୍ୟମିକ ଶିକ୍ଷା ପରିଷଦ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀ ଏବଂ ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ୟାରେଡ୍ ଉତ୍ସବ ପରେ ଜିଲ୍ଲା କାରାଗାରର ଅନ୍ତେବାସୀ ଏବଂ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନ କରାଯିବ। ପାର୍ବତୀଗିରି ବାଳ ନିକେତନ, ଡାଃ. ହରେକୃଷ୍ଣ ମହତାବ ମାନସିକ ଅନଗ୍ରସର ସଂସ୍ଥାନ, ଉତ୍କଳବନ୍ଧୁ ସେବାଶ୍ରମ ଏବଂ ଡେଷ୍ଟିଚ୍ୟୁଟ୍ ହୋମର ଅନ୍ତେବାସୀଙ୍କୁ ମଧ୍ୟ ଫଳ ଓ ମିଷ୍ଟାନ୍ନ ପ୍ରଦାନ କରାଯିବ। ଅପରାହ୍ନ ୪:୦୦ ଘଂଟାରେ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏକାଦଶ ବନାମ ଜିଲ୍ଲା ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ବୈଠକରେ ବଲାଙ୍ଗୀର ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, କ୍ରୀଡ଼ାବାସ ଅଧିକ୍ଷକ ପରାଶର ବାଗ, ଆଂଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭନା ଭୋଇ, ଆରଆଇ ଓଫ ପୋଲିସ ଲୋକନାଥ ଭୋଇ, ସହକାରୀ କମାଣ୍ଡଂଟ ଶରତ କୁମାର ସୁନା, ଡ଼ିଏସପି ପୀତାମ୍ବର ମଲ୍ଲିକ, ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଜେନା, ବିଭିନ୍ନ ବିଭାଗର ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ ଅନୁଷ୍ଠାନର କର୍ମକର୍ତା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବିକାଶ ପ୍ରକଳ୍ପ ଓ ପ୍ରଶାସନିକ କାର୍ଯ୍ୟର ସମୀକ୍ଷା: ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଅଭିଯାନ ଓ ବିଭିନ୍ନ ଅଭିନବ ପଦକ୍ଷେପର ପ୍ରଶଂସା

ନୂଆପଡ଼ା,୨୯/୦୭ (ନି.ପ୍ର): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର-ତଥା-ପ୍ରମୁଖ ଶାସନ ସଚିବ ଏବଂ ନୂଆପଡ଼ା ଜିଲ୍ଲାର ରାଜ୍ୟ ନୋଡ଼ାଲ ଅଧିକାରୀ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କ ଦୁଇଦିନିଆ ନୂଆପଡ଼ା ଗସ୍ତ ଅବସରରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟ, ପ୍ରଶାସନିକ ପଦକ୍ଷେପ, ଅଭିନବ ପଦକ୍ଷେପ, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଅଭିଯାନ ଏବଂ 'ମିଶନ ନୂଆପଡ଼ା–ଫ୍ରମ୍ ଡ୍ରିମ୍ ଟୁ ରିଆଲିଟି' ଅଧୀନରେ ଚିହ୍ନଟ ୨୫ଟି ଡ୍ରିମ୍ ପ୍ରକଳ୍ପର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସମୀକ୍ଷା ବେଳେ ଶ୍ରୀ ଚୌଧୁରୀ କହିଥିଲେ ଯେ, ନୂଆପଡ଼ାର ସାମଗ୍ରିକ ଓ ଦୀର୍ଘମିଆଦି ବିକାଶ ପାଇଁ ପ୍ରସ୍ତୁତ ୨୫ଟି ଡ୍ରିମ୍ ପ୍ରକଳ୍ପ ଜିଲ୍ଲାର ବିକାଶର ନୂତନ ଦିଗ ନିର୍ଦ୍ଧାରଣ କରିବ। ବ୍ରିଜିଂ ନୂଆପଡ଼ା, ସାଲିହା ଗାନ୍ଧୀ ସ୍ମୃତିସ୍ଥଳୀର ବିକାଶ, ଖଡ଼ିଆର ଋଷିପୀଠ ଓ ପାରିପାର୍ଶ୍ୱିକ ଅଞ୍ଚଳର ପର୍ଯ୍ୟଟନ ବିକାଶ, ନୂଆପଡ଼ା ପ୍ଲାଷ୍ଟିକ୍ ପ୍ୟାଲେଟାଇଜେସନ୍ ପ୍ରକଳ୍ପ ଏବଂ ଖଡ଼ିଆର କଟନ୍ ଜିନିଂ ଆଣ୍ଡ ପ୍ରେସିଂ ମିଲ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ପାଇଁ ବୈଜ୍ଞାନିକ ଦୃଷ୍ଟିକୋଣରେ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ (ଡିପିଆର୍) ପ୍ରସ୍ତୁତ କରି ବିଭିନ୍ନ ବିଭାଗର ଯୋଜନା ସହ ସମନ୍ୱୟ ରଖି କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ। ନୂଆପଡ଼ାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଓ ଆବଶ୍ୟକ ସମର୍ଥନ ମିଳିବ ବୋଲି ସେ ଆଶ୍ୱାସନ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଅଭିନବ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ପ୍ରବାସ ନିରାକରଣ ସଚେତନତା ଶିବିର ଅଧୀନରେ ଜିଲ୍ଲାର ପାଞ୍ଚଟି ବ୍ଲକରେ ଏପର୍ଯ୍ୟନ୍ତ ୮୬ଟି ସଚେତନତା ଶିବିର ଆୟୋଜନ, 'ଝିଅ ପାଇଁ ଗଛଟିଏ', 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ', ପ୍ରତି ସୋମବାର ଗ୍ରାମାଞ୍ଚଳରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର, 'ପକ୍ଷୀ ପାଇଁ ଦିନଟିଏ', ରକ୍ତଦାନ ଶିବିର ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଭଳି ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଜିଲ୍ଲାପାଳ କହିଥିଲେ ଯେ, ସମନ୍ୱିତ ପ୍ରୟାସ ଫଳରେ ଜିଲ୍ଲାରେ ପ୍ରବାସ ହ୍ରାସ ପାଇଛି। କିନ୍ତୁ କିଛି ଆକାଂକ୍ଷାଜନିତ ପ୍ରବାସ ଏବେ ମଧ୍ୟ ରହିଛି। ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ରୋଜଗାରର ସୁଯୋଗ ବୃଦ୍ଧି ପାଇଁ ନୂଆପଡ଼ା ଜିଲ୍ଲାକୁ ଏକ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ଜିଲ୍ଲାର ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଏବଂ ନିଷିଦ୍ଧ ପ୍ଲାଷ୍ଟିକ୍ ବିରୋଧରେ ଚାଲିଥିବା ନିରନ୍ତର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ଅବଗତ କରାଇଥିଲେ। ୟୁନିସେଫ୍ ର ସାଉଥ୍ ଏସିଆ ବୁଲେଟିନ୍ ରେ ଏହି ଅଭିଯାନ ସ୍ଥାନ ପାଇଥିବା ଏବଂ ଏହା ରାଜ୍ୟ ତଥା ଦେଶ ପାଇଁ ଏକ ଅନୁକରଣୀୟ ମଡେଲ୍ ଭାବେ ପରିଚିତି ଲାଭ କରିଥିବା ବିଷୟ ସେ ଉଲ୍ଲେଖ କରିଥିଲେ। ଏହି ପଦକ୍ଷେପର ପ୍ରଶଂସା କରି ଶ୍ରୀ ଚୌଧୁରୀ ଅଭିଯାନକୁ ଆହୁରି ସୁଦୃଢ଼ ଭାବେ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଦୁଇଦିନିଆ ଗସ୍ତ ସମୟରେ ଶ୍ରୀ ଚୌଧୁରୀ ଡୁମେରପାଣି ଏବଂ ଖୋକସାରେ ଗୋପାଳନ ଯୋଜନାର ସଫଳ ହିତାଧିକାରୀଙ୍କୁ ଭେଟି ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ବୈଜ୍ଞାନିକ ଚାରା ଚାଷ, ସ୍ଥାୟୀ ଜଳ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଡେରି ୟୁନିଟ୍ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଇଥିଲେ। ସେ ପରିବେଶ ନିୟନ୍ତ୍ରିତ ବ୍ରଏଲର୍ ପୋଲ୍ଟ୍ରି ୟୁନିଟ୍ ପରିଦର୍ଶନ କରି ବୈଜ୍ଞାନିକ ପରିଚାଳନା, ଜୈବ ସୁରକ୍ଷା, ବର୍ଜ୍ୟ ପରିଚାଳନା ଓ ଖାଦ୍ୟ ପରିଚାଳନାକୁ ଗୁରୁତ୍ୱ ଦେବା ସହ ଚାରା ଉଦ୍ୟୋଗୀ ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଓମଫେଡ୍ କ୍ଷୀର ସଂଗ୍ରହ କେନ୍ଦ୍ର ପରିଦର୍ଶନ ବେଳେ କ୍ଷୀର ମୂଲ୍ୟ ପ୍ରଦାନର ମାନୁଆଲ୍ ବ୍ୟବସ୍ଥା ପରିବର୍ତ୍ତେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଏବଂ ସ୍ୱଚ୍ଛ ଦେୟ ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଏବଂ ଜିଲ୍ଲା ରୋଗ ନିର୍ଣ୍ଣୟ ପରୀକ୍ଷାଗାର ପରିଦର୍ଶନ କରି ସେବାର ମାନ ବୃଦ୍ଧି, ଅଧିକ ନମୁନା ସଂଗ୍ରହ ଏବଂ ଭିତ୍ତିଭୂମିର ଉନ୍ନତି ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

# କୃଷି ଭିତ୍ତିକ ପର୍ବ ଜରାସିଂହା ବୁଢ଼ୀଆଈ ଯାତ୍ରା

ବଲାଙ୍ଗିର,୨୯/୦୭ (ନି.ପ୍ର): ଦେଓଗାଁ ବ୍ଲକର ବହୁ ପ୍ରସିଦ୍ଧ ବୁଢ଼ିଆଈ ଯାତ୍ରା ଆରମ୍ଭ ହୋଇଯାଇଛି । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହେଉଥିବା ଗୋରସ ରୁକା ପର୍ବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ରୀତିନୀତି ଅନୁସାରେ ଜରାସିଂହା ଗାଁର ସମସ୍ତ ଶ୍ରଦ୍ଧାଳୁଙ୍କ ଘରୁ ଗୋରସ ବୁଢ଼ୀଆଈ ମନ୍ଦିରକୁ ଆଣିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ । ମଙ୍ଗଳବାର ଦିନ ସେରନିବଟା ପର୍ବ ପାଳିତ ହେବାକୁ ଥିବାବେଳେ ବୁଧବାର ଦିନ ବୁଢ଼ୀଆଈ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାରୁ ବୁଢ଼ିଆଈ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଯାଇଛି । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ସେରନିବଟା ପୂଜା ହେବା ସହ ସମସ୍ତ ଦେହେଲିଆଙ୍କୁ ଲାଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ତା'ପର ଦିନ ଅର୍ଥାତ୍ ପୂର୍ଣ୍ଣମା ତିଥିରେ ବହୁ ପ୍ରତୀକ୍ଷିତ କୃଷି ଭିତ୍ତିକ ପର୍ବ ବୁଢ଼ୀଆଈ ଯାତ୍ରା ବା କାଦୋଯାତ୍ରା ଅନୁଷ୍ଠିତ ହୋଇଥାଏ । କାହିଁ କେଉଁ କାଳରୁ ବଲାଙ୍ଗିର ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାରୁ ମଧ୍ୟ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥାଏ । ଯେହେତୁ ଏହା କୃଷି ଭିତ୍ତିକ ପର୍ବ ଓ ଏହି ପର୍ବରେ ବର୍ଷା ଏବଂ ଚାଷକୁ ନେଇ ଆକଳନ କରାଯିବାର ପରଂପରା ରହିଛି । ତେଣୁ ଏହି ଯାତ୍ରାରେ ବହୁ ଜନ ସମାଗମ ହୋଇଥାଏ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମ୍ୟାନେଜରଙ୍କ କେଳେଙ୍କାରୀ

କେନ୍ଦ୍ରାପଡ଼ା,୨୯/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଆର୍‌ବିଏସ୍‌କେ ମ୍ୟାନେଜର ଜ୍ୟୋସ୍ନା ନାୟକଙ୍କ କେଳେଙ୍କାରୀ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ସେ ତାଙ୍କର ସବୁ ଅନୁକମ୍ପା ଓଜାଡ଼ି ଦେଉଥିବା ଶୁଣିବାକୁ ମିଳିଛି। ଖବର ଅନୁସାରେ ରାଜ୍ୟ ବାହାରର ଏକ ନିର୍ଦ୍ଦିଷ୍ଟ ହସ୍ପିଟାଲକୁ ହୃଦରୋଗ ଚିକିତ୍ସା ପାଇଁ ରୋଗୀଙ୍କୁ ବିନା ସହଯୋଗୀ ପଠାଇ ଖର୍ଚ୍ଚାନ୍ତ ଓ ହଟ ହଟା କରାଉଛନ୍ତି। ମାଡାମ କମିଶନ ଖାଇ ତାଙ୍କ ପେଟ ପୁରୁନି ଯେ, ରାଜ୍ୟ ଭିତରେ ବି ଦଲାଲି ଧନ୍ଦା କରିବାକୁ ପଛ ଘୁଂଚା ଦେଉନାହାନ୍ତି। ବିଶେଷ କରି ଗ୍ରହଣ ଖଣ୍ଡିଆ ଭଳି ଏକ ଜନ୍ମଗତ ତ୍ରୁଟିର ଶିକାର ହୋଇଥିବା ଶିଶୁମାନଙ୍କୁ ତାଙ୍କର ଦଲାଲି ଧନ୍ଦା ପାଇଁ ମୁଖ୍ୟ ଶିକାର ଭାବିନେଇଛନ୍ତି ମ୍ୟାନେଜର। ସୂତ୍ର ଅନୁସାରେ ଏହି ପ୍ରକାରର ଜନ୍ମଗତ ବିକୃତ ଶିଶୁଙ୍କୁ ଚିକିତ୍ସା ସେବା ପ୍ରଦାନ ପାଇଁ କଟକ ଓ ଭୁବନେଶ୍ୱରରେ ଥିବା ଏକାଧିକ ଘରୋଇ ହସ୍ପିଟାଲକୁ ପଠାଇବାର ପ୍ରାବଧାନ ରହିଛି। କିନ୍ତୁ ଦଲାଲ ମ୍ୟାନେଜର ମାଡାମ କେନ୍ଦ୍ରାପଡ଼ାର ପଡ଼ୋଶୀ ଜିଲ୍ଲା କଟକକୁ ଆଉ ପସନ୍ଦ ନକରି ଏବେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ଉପରେ ଭାରି ନିର୍ଭରଶିଳ ହୋଇପଡ଼ିଛନ୍ତି। ଅତୀତରେ ତାଙ୍କର ଟଙ୍କା ପ୍ରୀତି ପାଇଁ ଏକ ନିମ୍ନମାନର ସୁବିଧା ଥିବା ଘରୋଇ ହସ୍ପିଟାଲକୁ ଶିଶୁଟିକୁ ପଠାଇବା ଦ୍ୱାରା ଶିଶୁଟି ଗ୍ରହଣ ଖଣ୍ଡିଆ ଭଳି ରୋଗର ଚିକିତ୍ସାବେଳେ ମୃତ୍ୟୁବରଣ ମଧ୍ୟ କରିଥିଲେ। କେନ୍ଦ୍ରାପଡ଼ା ଗରିବ ପରିବାରର ଛୁଆ ମୃତ୍ୟୁକୁ ଅତି ସୁନ୍ଦର ଭାବରେ ଚାପିଦେଇ, ମ୍ୟାଡ଼ାମ ଏବେ ଭୁବନେଶ୍ୱରମୁହାଁ ହୋଇଛନ୍ତି। ଆମ ପାଖ ଜିଲାରେ କ'ଣ ଏହି ପ୍ରକାରର ଶିଶୁଙ୍କ ଚିକିତ୍ସା ପାଇଁ ଉଚ୍ଚକୋଟିର ଘରୋଇ ଚିକିତ୍ସାଳୟ ନାହିଁ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ମ୍ୟାଡ଼ାମଙ୍କର ପ୍ରିୟ ରାଜଧାନୀରେ ସେହି ଗୋଟିଏ ହସ୍ପିଟାଲ ଛାଡ଼ି ଆଉ କେହି ସେବା ଦେବାକୁ ମନା କରିଛନ୍ତି କି? ଏହି ହସ୍‌ପିଟାଲ ଏବେ ମ୍ୟାଡ଼ାମଙ୍କୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ଦେଉଛି। ତେଣୁ ମାଡାମଙ୍କ ରାଜଧାନୀ ହସ୍‌ପିଟାଲ ପ୍ରେମ ବଢ଼ିଯାଇଛି। ଏହିପରି ଜଣେ ନିର୍ଦ୍ଦୟୀ ମାଡାମ ଯିଏ ଶିଶୁଙ୍କ ଜୀବନ ସହ ଖେଳୁଛନ୍ତି ତାଙ୍କ ବିରୋଧରେ ତୁରନ୍ତ ତଦନ୍ତ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି।

# ଟାଇମପାସ ପୁସ୍ତକ ପର୍ବ: ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଦ୍ୱାରା 'ଆମ ରାଷ୍ଟ୍ରପତି: ଆମ ଗୌରବ' ପୁସ୍ତକ ଲୋକାର୍ପିତ



ନୂଆଦିଲ୍ଲୀ ୨୯/୭: ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବ୍ୟକ୍ତିତ୍ୱର ତୁଙ୍ଗିମା ଏବଂ ନେତୃତ୍ୱର ନିପୁଣତା କେବଳ ଭାରତବାସୀଙ୍କର କାହିଁକି, ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛି। ସରଳତା ତାଙ୍କର ଭୂଷଣ, ପ୍ରତିବଦ୍ଧତା ତାଙ୍କ ହୃଦୟର ସ୍ପନ୍ଦନ। ପ୍ରଥମ ଓଡିଆ ରାଷ୍ଟ୍ରପତି ଭାବେ ସେ ଆମ ରାଜ୍ୟ ପାଇଁ ଆଣି ଦେଇଛନ୍ତି ଐତିହାସିକ ଗୌରବ ଓ ସମ୍ମାନ! ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକାଳର ଚାରିବର୍ଷ ପୂର୍ତ୍ତି ଅବସରରେ, ଶ୍ରୀମତୀ ମୁର୍ମୁଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗକୁ ନେଇ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଆଲେଖ ସମ୍ବଳିତ ସଚିତ୍ର ସଂକଳନ 'ଆମ ରାଷ୍ଟ୍ରପତି: ଆମ ଗୌରବ' କଥାକାର ବିଜୟ ନାୟକଙ୍କ ସମ୍ପାଦନାରେ ପ୍ରକାଶ ପାଇଛି। 'ଟାଇମପାସ' ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ଗତକାଲି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ପରେ ଏହାର ପ୍ରଥମ କପି ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର (ରାଷ୍ଟ୍ର) ମନ୍ତ୍ରୀ ଏଲ୍ ମୁରୁଗାନ୍ ମଧ୍ୟ ଏହି ସଭାରେ ଉପସ୍ଥିତ ଥିଲେ।
ସଂକଳିତ ଲେଖକମାନେ ନିଜ ଦୃଷ୍ଟି ଓ ଦୃଷ୍ଟିକୋଣ ଅନୁସାରେ ପ୍ରବନ୍ଧଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ମାନନୀୟା ରାଷ୍ଟ୍ରପତିଙ୍କ ଜୀବନ ଓ ଜୀବନାଦର୍ଶ କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ସୁରମା ପାଢ଼ୀ, ବିରୋଧିଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖ ମୂର୍ଦ୍ଧନ୍ୟ ରାଜନୀତିଜ୍ଞଙ୍କଠାରୁ ଆରମ୍ଭ କରି ଡ. ପ୍ରତିଭା ରାୟ, ଡ. ବିନୟ ସହସ୍ରବୁଦ୍ଧେ, ଦାଶ ବେନହୁର, ଡ. ଶକୁନ୍ତଳା ବଳିଆର ସିଂହ, ପ୍ରଫେସର ଦମୟନ୍ତୀ ବେଶ୍ରା, ଡ. କବିତା ବାରିକ, ନବୀନ ଦାସ, ବିରୂପାକ୍ଷ ତ୍ରିପାଠୀ, ପ୍ରହଲ୍ଲାଦ କୁମାର ସିଂହ, ରାଜକୁମାର, ଡ. ପ୍ରଭାସ ଆଚାର୍ଯ୍ୟ, ପବିତ୍ର ପାଣିଗ୍ରାହୀ, ଅଭିରାମ ବିଶ୍ୱାଳ, ଅଭୟ ଦ୍ୱିବେଦୀ, ଗୋଲାପ ମଞ୍ଜରୀ କର, ଡ. ବିଜୟଲକ୍ଷ୍ମୀ ମହାନ୍ତି, ସଞ୍ଜୀବ କୁମାର ଦାସ, ବିଜୟ ନାୟକ, ଇତିଶ୍ରୀ ମୁର୍ମୁ ଆଦି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଆଲେଖରେ ସମୃଦ୍ଧ ଏହି ପୁସ୍ତକଟି ଭବିଷ୍ୟତ ପାଇଁ ଏକ ସଂଗ୍ରହଣୀୟ ଦସ୍ତାବିଜ। ସମ୍ପ୍ରତି ଏହା ଆମାଜନରେ ଉପଲବ୍ଧ।

# ନାବାଳକ ଉଦ୍ଧାର: ଘରେ ଛାଡିଲା ପୋଲିସ

ନୀଳଗିରି,୨୯/୦୭ (ନି.ପ୍ର): ଜୈନିକ ୧୦ବର୍ଷର ନାବାଳକ କୌଣସି କାରଣରୁ ଘରୁ ପଳାଇ ଆସିଥିବା ବେଳେ ନୀଳଗିରି ପୋଲିସ ଉଦ୍ଧାରକରି ଘରେ ଛାଡ଼ିଥିବା ଜଣାଯାଇଛି। ସୂଚନା ମୁତାବକ ଔପଦା ବ୍ଲକ୍ ବାଗୁଡ଼ି ବନ୍ଧସାହି ଗ୍ରାମର ଟୁକୁନା ସିଂର ୧୦ବର୍ଷର ପୁଅ ଶିବ ସିଂ ଦୀର୍ଘ ୩୨କି. ମି଼ ଚାଲିଚାଲି ଆସି ମାନଗଡ ପେଟ୍ରୋଲ ପମ୍ପ ନିକଟରେ ଛିଡ଼ାହୋଇଥିବା ବେଳେ ସ୍ଥାନୀୟଲୋକ ପିଲାଟିର ଆବଭାବକୁ ଜାଣି ୧୧୨କୁ ଫୋନ୍ କରି ଅବଗତ କରିଥିଲେ। ନୀଳଗିରି ପୋଲିସ ମଙ୍ଗଳବାର ରାତ୍ରୀରେ ଘଟଣାସ୍ଥଳରେ ପହଞ୍ଚି ନାବାଳକ ପିଲାଟିକୁ ଉଦ୍ଧାରକରି ନୀଳଗିରି ଥାନାକୁ ଆଣି ପଚରାଉଚୁରା ପରେ ପିଲାଟି ସୋର ବାଗୁଡ଼ି ଅଞ୍ଚଳର କହିବାପରେ ବୁଧବାର ଏଏସଆଇ ଶ୍ରୀନିବାସ ରାଉତ ପିଲାଟିକୁ ନେଇ ତାଙ୍କ ଘରେ ଛାଡ଼ିଥିବା ଜଣାଯାଇଛି।

# ମଦର ପକ୍ଷରୁ ମଞ୍ଚସ୍ଥ ହେଲା ନାଟକ 'ବାବାସାହେବ ଡ଼ଃ. ବି.ଆର. ଆମ୍ବେଦକର'



ଭୁବନେଶ୍ୱର,୨୯/୦୭ (ନି.ପ୍ର): ସାମାଜିକ ଅନୁଷ୍ଠାନ 'ମଦର' ପ୍ରଯୋଜନାରେ ଭାରତରତ୍ନ ବାବାସାହେବ ଡ଼ଃ. ବି.ଆର. ଆମ୍ବେଦକରଙ୍କ ଜୀବନ, ସଂଘର୍ଷ ଓ ସାମାଜିକ ଅବଦାନକୁ ଆଧାର କରି ପ୍ରସ୍ତୁତ ବହୁ ପ୍ରତୀକ୍ଷିତ ନାଟକ 'ବାବାସାହେବ ଡ଼ଃ. ବି.ଆର. ଆମ୍ବେଦକର' ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ସଫଳତାର ସହ ମଞ୍ଚସ୍ଥ ହୋଇଛି। ନାଟକରେ ବାବାସାହେବଙ୍କ ଜୀବନ ସଂଘର୍ଷ, ସାମାଜିକ ନ୍ୟାୟ, ସମାନତା ଓ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରଭାବଶାଳୀ ନାଟ୍ୟରୂପରେ ଉପସ୍ଥାପନ କରାଯାଇଥିଲା। ସାମାଜିକ କର୍ମୀ ପ୍ରମୋଦ କୁମାର ଦାସଙ୍କ ରଚିତ ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ ନିର୍ଦ୍ଦେଶନା ଦେଇଥିବା ବେଳେ ରଞ୍ଜନ କୁମାର ନାୟକ ସହ-ନିର୍ଦ୍ଦେଶନା, ସନ୍ତୋଷ କୁମାର ପରିଡ଼ା ସଙ୍ଗୀତ ନିର୍ଦ୍ଦେଶନା ଏବଂ ପ୍ରଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। 'ଟିମ' ନାଟ୍ୟ ଅନୁଷ୍ଠାନର କଳାକାରମାନଙ୍କ ଜୀବନ୍ତ ଓ ନିଖୁଣ ଅଭିନୟ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ନାଟକର ଶୁଭାରମ୍ଭ ବୌଦ୍ଧ ସନ୍ୟାସୀ ଭନ୍ତେ ଜୟ ମଙ୍ଗଳ ପ୍ରଦୀପ ପ୍ରଜ୍ୱଳନ କରି କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ତଥା ବିଶିଷ୍ଟ ସଂଳାପ ଓ କାହାଣୀ ଲେଖକ ଡ଼ଃ ରଜନୀ ରଞ୍ଜନ, କଳିଙ୍ଗ ନାଟ୍ୟ ସଂଘ ସଭାପତି ଧୀରେନ୍ଦ୍ର ନାଥ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ, ବାବାସାହେବ ଆମ୍ବେଦକରଙ୍କ ଜୀବନଦର୍ଶନ, ସାମାଜିକ ନ୍ୟାୟ ଓ ସମାନତାର ବାର୍ତ୍ତା ଆଜି ମଧ୍ୟ ସମାଜ ପାଇଁ ସମାନ ଭାବେ ପ୍ରାସଙ୍ଗିକ। ଏଭଳି ଉଚ୍ଚମାନର ନାଟ୍ୟ ପ୍ରସ୍ତୁତି ମାଧ୍ୟମରେ ସେହି ଆଦର୍ଶକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ 'ମଦର'ର ପ୍ରୟାସ ପ୍ରଶଂସନୀୟ ବୋଲି ସେ ମତ ପ୍ରକାଶ କରିଥିଲେ। ନାଟକ ଶେଷରେ ଉପସ୍ଥିତ ଦର୍ଶକମାନେ କଳାକାରମାନଙ୍କ ଅଭିନୟ ଏବଂ ନାଟକର ବାର୍ତ୍ତାକୁ ଭୂୟସୀ ପ୍ରଶଂସା କରିଥିଲେ। ନାଟ୍ୟ ସଂସ୍ଥା ' ଟିମ ' ର କଳାକାର ମାନଙ୍କ ଅଭିନୟ ବେଶ ଉଚ୍ଚକୋଟୀର ଥିଲା । ଜଣାଶୁଣା ସାମାଜିକ କର୍ମୀ, ଲେଖିକା ତଥା ମଦର ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନାଟକ ପରିବେଷଣ ହୋଇଥିବା ବେଳେ ସାମାଜିକ କର୍ମୀ ଅଭିରାମ ମଲ୍ଲିକ, ମଦରର ନିର୍ଦ୍ଦେଶକ ଶୁଭକାନ୍ତ ମିଶ୍ର, ସଦସ୍ୟ ମଣ୍ଟୁ ମଲ୍ଲିକ, ପ୍ରଶାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମପୁରଠାରେ ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବ୍ରହ୍ମପୁର,୨୯/୦୭ (ନି.ପ୍ର): ପଦ୍ମଶ୍ରୀ (ଡା.) କୃଷ୍ଣ ମୋହନ ପାଠୀଙ୍କ ଲିଙ୍ଗରାଜ ନଗର ସ୍ଥିତ ବାସଭବନ ଠାରେ ଅସ୍ଥି ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଛିଦ୍ରମୟ ଅସ୍ଥି ସ୍ୱାସ୍ଥ୍ୟ (ଓଷ୍ଟିଓପୋରୋସିସ) ପରୀକ୍ଷା ତଥା ଇଉରିକ୍ ଏସିଡ, ଭିଟାମିନ ଡି-୩, ସ୍ନାୟୁ ଦୌର୍ବଲ୍ୟ ଇତ୍ୟାଦି ପରୀକ୍ଷା କରାଯିବା ସହିତ ଆବଶ୍ୟକ ଡାକ୍ତରୀ ପରାମର୍ଶ ଉପଲବ୍ଧ କରାଯାଇଥିଲା । ବିଶିଷ୍ଟ ସମାଜସେବୀ, ରାଜନେତା ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ଆର.ସି ଚ୍ୟାଉ ପଟ୍ଟନାୟକ ସ୍ୱାସ୍ଥ୍ୟ ଶିବିରର ଶୁଭ-ଉଦଘାଟନ କରିଥିଲେ ଏବଂ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ବିଶିଷ୍ଟ ପରିବେଶବିଦ୍, ସମାଜସେବୀ ଓ ରାଜନେତା ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ମହାରଣା ବି ଏହି ସ୍ୱାସ୍ଥ୍ୟ ଶିବିରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଭାରତ ବିକାଶ ପରିଷଦର ଅନେକ ସଦସ୍ୟ ସେମାନଙ୍କ ପରିବାରବର୍ଗ ସହିତ ଶିବିରରେ ଯୋଗଦାନ କରିଥିଲେ । ବ୍ରହ୍ମପୁର ସହରର ବିଭିନ୍ନ ପୁଲିସ ଥାନାର ଅନେକ କର୍ମଚାରୀ ବି ଏହି ଶିବିରରେ ଯୋଗଦାନ କରି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ପଦ୍ମଶ୍ରୀ (ଡା.) କୃଷ୍ଣ ମୋହନ ପାଠୀଙ୍କ ସୁପୁତ୍ର ସମାଜସେବୀ (ଇଂ) ବିଭୂ ପ୍ରସାଦ ପାଠୀ ଏହି ସ୍ୱାସ୍ଥ୍ୟ ଶିବିରର ସମସ୍ତ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ବ୍ରହ୍ମପୁର ସହର ତଥା ସହର ଉପକଣ୍ଠର ଅନେକ ଗ୍ରାମୀଣ ଅଞ୍ଚଳରୁ ବହୁସଂଖ୍ୟକ ଲୋକ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଏହି ଶିବିରରେ ଯୋଗଦାନ କରି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଡ. ପାଠୀଙ୍କ ଠାରୁ ଡାକ୍ତରୀ ପରାମର୍ଶ ନେଇଥିଲେ । ଅନେକ ଔଷଧ ଓ ଡାଇଗ୍ନୋଷ୍ଟିକ ସଂସ୍ଥା ଏହି ଶିବିରରେ ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ଯୋଗାଇଦେଇଥିଲେ । ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ପାଠୀ, ଆଇନଜୀବୀ (ଇଂ) ବିଜୟ ଚନ୍ଦ୍ର ମିଶ୍ର, ଆଇନଜୀବୀ ଶ୍ରୀ ରମେଶ ଚନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ଶ୍ରୀ ମନୋଜ କୁମାର ପାଣିଗ୍ରାହୀ, ଶ୍ରୀଯୁକ୍ତ ଏ. ରାଜା ରାଓ ପ୍ରମୁଖ ଏହି ସ୍ୱାସ୍ଥ୍ୟ ଶିବିରର ପରିଚାଳନାରେ ସହଯୋଗ କରି ଏହି ସ୍ୱାସ୍ଥ୍ୟ ଶିବିରକୁ ସଫଳ କରାଇଥିଲେ ।


## ହିନ୍ଦୁସ୍ଥାନ ଇଞ୍ଜିନିୟରିଂ କର୍ପୋରେସନ

| ପଦବୀ | ଶିକ୍ଷାଗତ ଯୋଗ୍ୟତା | ବୟସ ସୀମା | କାର୍ଯ୍ୟସ୍ଥଳ |
|---|---|---|---|
| ମିଟର୍ ରିଡର୍ | ସର୍ବନିମ୍ନ +୨ ପାସ୍/ITI ଇଲେକ୍ଟ୍ରିସିଆନ୍ ଟ୍ରେଡ ଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ। ଓଡ଼ିଆ ଓ ଇଂରାଜୀ ଭାଷା କହିବା,ପଢ଼ିବା ଓ ଲେଖିବାରେ ଦକ୍ଷତା ଥିବା ଆବଶ୍ୟକ। (ପୂର୍ବରୁ କାର୍ଯ୍ୟରତ ଥିବା ମିଟର୍ ରିଡର୍ ମାନଙ୍କୁ ପ୍ରାଥମିକତା ଦିଆଯିବ) | ୧୮ ବର୍ଷରୁ ଅଧିକ ଏବଂ ୫୨ ବର୍ଷରୁ କମ୍ | NORTHERN ODISHA (ନୋର୍ଦନ ଓଡ଼ିଶା) |
| ସୁପରଭାଇଜର | ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା/ବି.ଟେକ ଏବଂ ସର୍ବନିମ୍ନ ୩ ବର୍ଷର କାର୍ଯ୍ୟ ଅଭିଜ୍ଞତା ଥିବା ଆବଶ୍ୟକ। | | |
| ସୋଲାର | ସର୍ବନିମ୍ନ +୨ ପାସ୍ /ITI ଇଲେକ୍ଟ୍ରିସିଆନ୍ / ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା/ବି.ଟେକ ଥିବା ଆବଶ୍ୟକ। | | |
| ଲାଇନ ମେନ୍ ଏବଂ ହେଲ୍ପର | ସର୍ବନିମ୍ନ +୨ ପାସ୍ /ITI ଇଲେକ୍ଟ୍ରିସିଆନ୍ ଥିବା ଆବଶ୍ୟକ। | | |

ଯଦି କୌଣସି ପ୍ରାର୍ଥୀ ଆମର ଖାଲି ପଦବୀ ପାଇଁ ଉପଯୁକ୍ତ ବିବେଚିତ ହେବେ, ତେବେ ଆମ ପକ୍ଷରୁ ତାଙ୍କ ସହ ଯୋଗାଯୋଗ କରାଯିବ। ବିବେଚିତ ପ୍ରାର୍ଥୀମାନଙ୍କ ୱାକ ଇନ୍ ଇଣ୍ଟରଭିୟୁ ୦୧.୦୮.୨୦୨୬ ଏବଂ ୦୨.୦୮.୨୦୨୬ ତାରିଖରେ ହେବ। ନିଜର CV, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ପ୍ରମାଣପତ୍ର, ୨ଟି ପାସପୋର୍ଟ ସାଇଜ ଫଟୋ ଏବଂ ଆଧାର କାର୍ଡ ସହିତ ଆସିବେ।

ଆଗ୍ରହୀ ପ୍ରାର୍ଥୀମାନେ ନିଜର ବାୟୋଡାଟା ଇ- ମେଲ୍ ମାଧ୍ୟମରେ Email id -hec.northernodisha@gmail.com ପଠାଇବେ।

**ଧାରାବାହିକ:** ଭାଗ-୫୨

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ସମୁଦ୍ର ଜଳ ମଧ୍ୟରେ ପର୍ବତତୁଲ୍ୟ ଫେନଚୂଡ ଉତ୍ତାଳ ତରଙ୍ଗମାଳା ସୃଷ୍ଟି ହୋଇ କ୍ଷଣକେ ଲୀନ ହେଲାପରି ଏକ ବିରାଟ ବିଶ୍ୱ ବ୍ରହ୍ମାଣ୍ଡ ବିଷ୍ଣୁ ମାୟାରେ ସୃଷ୍ଟି ହୋଇ ସେହି ବିଷ୍ଣୁ ଗର୍ଭରେ ଲୀନ ହୁଏ । ବ୍ରହ୍ମାଣ୍ଡର ସମସ୍ତ ସୃଷ୍ଟି ତ୍ରିଗୁଣମୟୀ ବିଷ୍ଣୁମାୟାର ରୂପାନ୍ତର । ଉର୍ଣ୍ଣନାଭ ଯେପରି ନିଜ ବଦନରୁ ସୂତ୍ର ବାହାର କରି ଜାଲ ପ୍ରସ୍ତୁତ କରେ ଓ ରାତ୍ରିସାରା ତହିଁରେ ଆନନ୍ଦରେ ବିହାର କରେ ଏବଂ ପରଦିନ ପ୍ରଭାତରେ ସୂର୍ଯ୍ୟୋଦୟ ହେଲେ ସେହି ଜାଲକୁ ଟାଣିନେଇ ପୁଣି ଗର୍ଭଗତ କରେ ଭଗବାନ ମଧ୍ୟ ସେହିପରି ସଂସାରରେ ମାୟାଜାଲ ବିସ୍ତାର କରି କ୍ରୀଡା କରୁଛନ୍ତି ଓ ନିଜ ଇଛାରେ କ୍ରୀଡା ସମ୍ବରଣ କରନ୍ତି । ସଂସାରର ପ୍ରତ୍ୟେକ ବସ୍ତୁ ତାଙ୍କର କ୍ରୀଡନକ । ହେ ରାଜା, ଦେହାନ୍ତ ହେବା କାଳରେ ଜୀବ ଯେଉଁ ପ୍ରକାର ଚିନ୍ତାକରେ ତାହାର ସେହିପରି ଗତି ହୁଏ । କର୍ମାନୁସାରେ ମୃତ୍ୟୁକାଳୀନ ଚିନ୍ତା ମନରେ ସ୍ଥାନ ପାଏ ବୋଲି କୁହାଯାଏ । ସାଧାରଣତଃ ଦୁଷ୍କର୍ମ କରିଥିବା ବ୍ୟକ୍ତିର ମୃତ୍ୟୁ ସମୟରେ ଅଭ୍ୟାସ ବଶତଃ ଦୁଷ୍କର୍ମ ଚିନ୍ତାରେ ଆସୁଥିବା ସମୟରେ ସତକର୍ମୀର ସତଚିନ୍ତା ମନରେ ଆସିଥାଏ । କୀଟ ପେକ୍ଷକାରୀ (ବିରୁଡି) କୀଟ ଧରିଆଣି ନିଜର ବସାରେ ରଖି ଗର୍ଜନ ତର୍ଜନ କରି ତାକୁ ଭୟଭୀତ କରେ । ପ୍ରାଣଯିବା ବେଳେ ସେହି କୀଟ ବିରୁଡିକୁ ଦେଖୁଥିବାରୁ ସେ ଶରୀର ତ୍ୟାଗ ନକରି ମଧ୍ୟ ବିରୁଡିର ରୁପାନ୍ତର ହୁଏ । ମୁଁ ମଧ୍ୟ ସେହିପରି ନିଷ୍ଚଳ ଭାବରେ ମନକୁ ଶ୍ରୀକୃଷ୍ଣଙ୍କ ପାଦରେ ଲଗାଉଛି ଯେମିତି ମୃତ୍ୟୁ କାଳରେ ବ୍ୟତିକ୍ରମ ନ ହୁଏ । ଏହି ସ୍ଥାନରେ ସ୍ଥିର କର୍ମହୀନ ଭାବେ ନ ରହି ପର୍ଯ୍ୟଟନ କରିବା ଦ୍ୱାରା ମନରେ ଇତର ଚିନ୍ତା ଆସୁନାହିଁ । ନିର୍ଦ୍ଦିଷ୍ଟ ସ୍ଥାନରେ ରହିଲେ ସମ୍ଭବତଃ ମନରେ ସେ ସ୍ଥାନ ପାଇଛ ମମତ୍ୱ ଆସିବ ଫଳରେ ବୃକ୍ଷଟିଏ, ଗାଈଟିଏ କିମ୍ବା ଫସଲ ଉତ୍ପାଦନ ନିମନ୍ତେ ଇଛା ଆସିବ ଏଣୁ ମୁଁ ବା ସନ୍ୟାସୀ ଗୋଟାଏ ସ୍ଥାନରେ ବାସ କରିବା ଉଚିତ ନୁହେଁ । ପୁଣି ମୁଁ ନିଜେ ହିଁ ନିଜର ଗୁରୁ ଅର୍ଥାତ ମୁଁ ମୋ ଶରୀରରୁ ହିଁ ଶିକ୍ଷା ଲାଭ କରୁଛି । ବିଷ୍ଣୁମାୟାରେ ଏ ଶରୀର ଦିନେ ମୃତ୍ୟୁ ମୁଖରେ ପଡିବ ମାତ୍ର ଏ ଶରୀର ସ୍ତ୍ରୀ, ପୁତ୍ରାଦି ସେବାରେ ଲାଗିଛି । ଜଣେ ଅନ୍ଧ ବ୍ୟକ୍ତିର ଏକାନ୍ତ ସାହାରା ତାର ବାଡି ଖଣ୍ଡିକ ଯେପରି ତା ମୃତ୍ୟୁରେ ମଧ୍ୟ ଯାଏ ନାହିଁ ସେହିପରି ଏ ଶରୀର ସହ କେହି ମଧ୍ୟ ଯିବେ ନାହିଁ, ମୃତ ବୃକ୍ଷକୁ ପୁଷ୍ପ,ଫଳାଦି ବର୍ଜନ କଲାପରି ସମସ୍ତେ ତାକୁ ବର୍ଜନ କରିବେ । ତେଣୁ ମୋର ଶରୀର ଆସକ୍ତି ନାହିଁ । ଶ୍ମଶାନରେ ମୃତ ପିଣ୍ଡକୁ ଶୃଗାଳ ଆସ୍ୱାଦନ କଲାପରି ଏହି ଜୀବନ୍ତ ଶରୀରକୁ ଇନ୍ଦ୍ରୀୟମାନେ ଆବୋରି ରହି ଉପଭୋଗ କରୁଛନ୍ତି । ଇନ୍ଦ୍ରୀୟମାନେ ଭୋଗଲାଳସାରେ ଶରୀରକୁ ଅସ୍ତବ୍ୟସ୍ତ କରିପକାନ୍ତି । ବହୁଦାରା ବ୍ୟକ୍ତି ସପତଣୀମାନଙ୍କ ନିର୍ଯ୍ୟାତନା ଭୋଗକରି ଶୀଘ୍ର ମୃତ୍ୟୁକୁ ପ୍ରାପ୍ତ ହେବାପରି ଇନ୍ଦ୍ରୀୟ ତାଡନାରେ ଜୀବ ବହୁ ଦୁଷ୍କର୍ମରେ ଲିପ୍ତହୋଇ କର୍ମଫଳ ସ୍ୱରୂପ ନାନା ହୀନ ଯୋନିରେ ବାରମ୍ବାର ଜନ୍ମ ନିଏ । ମାତ୍ର ଜ୍ଞାନୀ ପୁରୁଷ ଏହି ବଳବତୀ ବିଷ୍ଣୁମାୟାକୁ ଅନ୍ତର୍ଦୃଷ୍ଟି ବଳରେ ପ୍ରତ୍ୟକ୍ଷ କରି ସତର୍କ ରହିପାରେ । ଏଇଥିପାଇଁ ମନୁଷ୍ୟକୁ ଭଗବାନଙ୍କ ଶ୍ରେଷ୍ଠ ସୃଷ୍ଟି ବୋଲି କୁହାଯାଏ । ଭଗବାନ ସମସ୍ତ ସୃଷ୍ଟି ରଚନା କରିସାରି ମଧ୍ୟ ସନ୍ତୁଷ୍ଟ ନହୋଇ ମାନବ ସୃଷ୍ଟିକଲେ ଓ ଏହାରି ମାଧ୍ୟମରେ ଲୀଳା ବିସ୍ତାର କଲେ । ହେ ରାଜା, ମନୁଷ୍ୟର ମସ୍ତକରେ ସର୍ବଦା ମୃତ୍ୟୁ ବସି ରହି ତାହାକୁ ଅନୁକ୍ଷଣ ପ୍ରଛନ୍ନ ଭାବେ ଗ୍ରାସ କରିବାକୁ ଲାଗିଛି । ଶରୀରର ସମ୍ପୂର୍ଣ୍ଣ ଅବସାନରେ ହିଁ ତାର ଗ୍ରାସ ସମ୍ପୂର୍ଣ୍ଣ ହେବ । ତେଣୁ ତାର ଗ୍ରାସ ପୂର୍ଣ୍ଣ ହେବ ଯେତେବେଳେ କିଛି ଦୂରରେ ଅଛି ଅର୍ଥାତ ମନୁଷ୍ୟର ଯେତେବେଳେ ଯୁବା ବୟସ ସେତିକିବେଳୁ ଦୃଢ ବିଷ୍ଣୁ ଭକ୍ତିର ଉଦ୍ରେକ ନିମିତ୍ତ ସକଳ ପ୍ରଚେଷ୍ଟା ଓ ସାଧ ସାଧନା ଆରମ୍ଭ କରିବ ଏବଂ ନର୍ଲିପ୍ତ ଓ ଅନାସକ୍ତ ମନୋଭାବ ପୋଷଣ କରି ସର୍ବ ଜୀବରେ ଦୟା କରିବ । ଆତ୍ମା ଓ ଈଶ୍ୱର ଅଭେଦ କଳ୍ପନା କରି ସର୍ବତ୍ର ବିଷ୍ଣୁମୟ ଦେଖିବ । ଏହା ଦ୍ୱାରା ଜ୍ଞାନଚକ୍ଷୁ ଉନ୍ମିଳିତ ହେବ ଓ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ସାର୍ଥକ ହେବ । ହେ ରାଜା, ମୋର କିଛି ସୌଭାଗ୍ୟ ହେତୁ ମୁଁ ଏହି ରୂପ ଧାରଣ କରି ସଙ୍ଗ ପରିହାର କରିଛି ଓ ଲୋଭ ଅହଁକାର ବର୍ଜିତ ହୋଇ ଆନନ୍ଦରେ ସଂସାରରେ ଭ୍ରମଣ କରୁଛି । ଯଦୁରାଜା ଏହା ଶ୍ରବଣ କରି ଅତ୍ୟନ୍ତ ଆନନ୍ଦିତ ହେଲେ ଓ ଅବଧୂତ ଦତ୍ତାତ୍ରୟଙ୍କର ଚରଣ ବନ୍ଦନା କଲେ । ଏହାପରେ ସେହି ଭ୍ରାହ୍ମଣ ଅନ୍ତର୍ଦ୍ଧାନ ହୋଇଗଲେ । ରାଜା ସମସ୍ତ ରାଜଭୋଗ ପରିତ୍ୟାଗ କରି ଆତ୍ମୀୟ ସ୍ୱଜନଙ୍କୁ ଛାଡି ଏକାକୀ ଗୋବିନ୍ଦ ପାଦପଦ୍ମ ଭଜନ ଚିନ୍ତନ କରି କରି ବନରେ ପ୍ରବେଶ କଲେ ଏବଂ ଯୋଗ ସାଧନା ଦ୍ୱାରା ମର ଶରୀର ତ୍ୟାଗ କରି ବୁଷ୍ଣୁ ପାଦପଦ୍ମରେ ଲୀନ ହେଲେ ।

### ୧୦ମ ଅଧ୍ୟାୟ, ଲୌକିକ ତଥା ପାର ଲୌକିକ ଭଗବାନଙ୍କ ଅସାରତା ନରୂପଣ

ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହୁଛନ୍ତି, ହେ ଉଦ୍ଧବ ତୁମେ ମୋର ପରମ ଭକ୍ତ, ମୁଁ ତୁମଠାରେ ପ୍ରସନ୍ନ କାରଣରୁ ଏହି ତୁମର ମଙ୍ଗଳଦାୟକ ସାଧୁବାଣୀ ମୋଠାରୁ ଶୁଣ । ମୁଁ ତୁମକୁ ଯାହା ନିଗମ ଓ ଆଗମ ବର୍ଣ୍ଣିତ ଯେତେସବୁ ବାଣୀ କହିଲି ତାହାକୁ ତୁମେ ମନ ଦୃଢ କରି ସାଧନା କର । ରାଜସିକ ଓ ତାମସିକ କର୍ମ ତ୍ୟାଗକରି କେବଳ ସାତ୍ତ୍ୱିକ କର୍ମ କର । ଚିତ୍ତ ଶୁଦ୍ଧି ପୂର୍ବକ ଜୀବଦୟା କର । ବଣର ହିଂସ୍ରଜନ୍ତୁ ପରି ଷଡରିପୁ ଶରୀରରେ ବୁଲୁଥିବାରୁ ଜ୍ଞାନରୂପୀ ଖଡ୍ଗରେ ସେମାନଙ୍କୁ ଦୂରକର । ସ୍ୱପ୍ନ ଦେଖୁଥିବା ମନୁଷ୍ୟ ଦେହରେ ଜ୍ଞାନ ନଥାଇ ବି ସେ ସ୍ୱପ୍ନର ଉପଭୋଗକୁ ନିଜ ଶରୀର ଓ ଆତ୍ମା ସହିତ ଭାବି ସଂଯୋଜିତ କରେ ମାତ୍ର ସ୍ୱପ୍ନ ଭଙ୍ଗପରେ ସେ ସବୁ ଅଳିକ ଦେଖେ । ଭ୍ରାନ୍ତ ମନୁଷ୍ୟ ସେଥିରେ ପସ୍ତାଇବା ଭଳି ହେ ଉଦ୍ଧବ ! ଜୀବନକୁ ପ୍ରାୟ ସେହିପରି ଜ୍ଞାନକର । ବ୍ରହ୍ମା ସହିତ ଚରାଚର ବିଶ୍ୱ ମୋର ତ୍ରିଗୁଣାଶ୍ରୟୀ ମାୟା ଜଡିତ ଏକ ବିସ୍ମୟ ସୃଷ୍ଟି । ମାତ୍ର ସେହି ମାୟାରେ ମୁଁ ଜଡିତ ନୁହେଁ ଅଥଚ ସୂର୍ଯ୍ୟ ପରି ମୋହର ପ୍ରତିବିମ୍ବ ସର୍ବତ୍ର ବିଦ୍ୟମାନ । ଜଳରେ ଆଘାତ ହେତୁ ସୂର୍ଯ୍ୟର ପ୍ରତିବିମ୍ବ ଚହଲିଲେ ମଧ୍ୟ ସୂର୍ଯ୍ୟ ଯେପରି ସ୍ଥିର ବା ନିର୍ଲିପ୍ତ ରହୁଥାଏ ସେହିପରି ମାୟା, ଅବିଦ୍ୟା ବା ଅଜ୍ଞତା ରୂପରେ ଜଳରେ ଜୀବ ଚହଲିଲେ ମଧ୍ୟ ମୋର କିଛି ଯାଏ ଆସେନାହିଁ । ଜୀବ ଓ ଈଶ୍ୱର ମଧ୍ୟରେ ତାହିଁ ତଫାତ୍ । ଜୀବ ବଦ୍ଧ ଓ ଈଶ୍ୱର ମୁକ୍ତ । ଆତ୍ମା ମଧ୍ୟ ମୋର ଅଂଶ ହେତୁ ସେ ବି ବନ୍ଧନ ମୁକ୍ତ । ଏହାହିଁ ଅଦୈତବାଦର ମୂଳକଥା । ଜୀବ ଗୁଣ ଯୁକ୍ତ ହୋଇଥିବାରୁ ବିନା ସାଧନାରେ ସେ ବନ୍ଧନ ମୁକ୍ତ ହୋଇପାରେ ନାହିଁ । ଅବଶ୍ୟ ଜୀବ ଓ ଈଶ୍ୱର ଏକ ବୃକ୍ଷ ଆଶ୍ରିତ ପକ୍ଷୀପରି ପରସ୍ପର ଘନିଷ୍ଠ । ଗୋଟାଏ କର୍ମ ସାଧନ କରି ବୃକ୍ଷର ଫଳ ଭୋଗକରେ, ଅବିଦ୍ୟା ବା ଅଜ୍ଞତା ରୂପକ ଅନ୍ଧକାରରେ ବୁଡିରହେ । ଶରୀର ଧର୍ମ ଛଡା ଅନ୍ୟ କିଛି ଜାଣିପାରେ ନାହିଁ । ମାତ୍ର ଅନ୍ୟ ପକ୍ଷୀରୂପୀ ଈଶ୍ୱର ହିଁ ବିଦ୍ୟା, ବିଜ୍ଞାନ । ସେ ସଦା ମୁକ୍ତ, ନିର୍ଲିପ୍ତ ଓ ନିର୍ବିକାର । ସେହିପରି ସଂସାରରେ ଦୁଇ ପ୍ରକାର ଜୀବ ଜ୍ଞାନୀ ଓ ଅଜ୍ଞାନୀ । ଜ୍ଞାନୀ ମୁକ୍ତ ମାତ୍ର ଅଜ୍ଞାନୀ ଆବଦ୍ଧ । ସନ୍ତରଣ ଜାଣିନଥିବା ବ୍ୟକ୍ତି ପରି ସେ ବୁଡିମରେ । ତେଣୁ ଜୀବର ଜ୍ଞାନ ଆହରଣ ଏକାନ୍ତ କର୍ତ୍ତବ୍ୟ । ଶାସ୍ତ୍ର ଜ୍ଞାନ ଅପେକ୍ଷା ଭଗବତ କୃପା ହିଁ ଜୀବକୁ ଜ୍ଞାନୀରେ ପରିଣତ କରେ । ଭଗବତ କୃପା ଲାଭ ପାଇଁ ଭଗବତ ଭକ୍ତି ଆବଶ୍ୟକ । ଏହି ଭଗବତ ଭକ୍ତି ମୁଢ, ନିର୍ବୋଧ, ଅଧମ ଅଜ୍ଞାନୀକୁ ଜ୍ଞାନୀରେ ପରିଣତ କରିଥାଏ । ଆକାଶ ଯେପରି ସର୍ବବ୍ୟାପ୍ତ, ମାତ୍ର ବ୍ୟାପ୍ତ ବସ୍ତୁ ସହିତ ସଂଯୁକ୍ତ ନୁହେଁ । ସୂର୍ଯ୍ୟ ଜଳରେ ପ୍ରତିବିମ୍ବିତ, ମାତ୍ର ଜଳ ସଙ୍ଗେ ସଂପୃକ୍ତ ନୁହେଁ । ବାୟୁର ସର୍ବତ୍ର ବିଚରଣ, ମାତ୍ର କେଉଁଠାରେ ଆବଦ୍ଧ ନୁହେଁ । ଜ୍ଞାନୀ ସେହିପରି ହେବା ଉଚିତ । ଜ୍ଞାନୀ ଭଗବତ ଭକ୍ତ ନହେଲେ ତାହାର ଲବ୍ଧ ଜ୍ଞାନ ବାଞ୍ଝ ଗାଈ, ଅବିଶ୍ୱସ୍ତ ସ୍ତ୍ରୀ, ଖଞ୍ଜ କ୍ରୀତଦାସ, ଅଯୋଗ୍ୟ ପୁତ୍ରକୁ ପୋଷିଲା ପରି ନିଷ୍ଫଳ ଓ ନିରର୍ଥକ । ସେ ଯାଥାର୍ଥରେ ଜ୍ଞାନୀ ହୋଇନପାରେ । ତେଣୁ ହେ ଉଦ୍ଧବ, ତୁମେ ମୋର ପରମ ଶ୍ରଦ୍ଧେୟ ଭକ୍ତ ହେତୁ ମୁଁ ତୁମକୁ ଜ୍ଞାନ ପ୍ରଦାନ କଲି । ଶ୍ରଦ୍ଧା ହୀନ ଅଭକ୍ତକୁ ଜ୍ଞାନ ପ୍ରଦାନ କରାଯାଏ ନାହିଁ । ତୁମେ ଜ୍ଞାନୀ ଭକ୍ତ ରୁପେ ଜଗତରେ ଆଦର୍ଶ ପ୍ରତିଷ୍ଠା କରିବ । ତୁମେ ଏବେ ପ୍ରବୃତ୍ତିକୁ ସମ୍ପୂର୍ଣ୍ଣ ପରିହାର କରି ନିବୃତ୍ତି ମାର୍ଗରେ ଗମନ କର । ସାଧୁ ସନ୍ଥର ସେବା କର । ତାହା ପରମ ଧର୍ମ । ମୁଁ ଯେଉଁ ସ୍ଥାନମାନଙ୍କରେ ପୂଜିତ ହୁଏ ତାହା କହୁଛି ଶୁଣ । ସୂର୍ଯ୍ୟକୁ ମନ୍ତପାଠ ଦ୍ୱାରା ନମସ୍କାର କଲେ, ଅଗ୍ନିରେ ହୋମ କଲେ, ସାଧୁସନ୍ଥଙ୍କୁ ଅତିଥ୍ୟ ପ୍ରଦାନ କଲେ ମୋର ଭକ୍ତର ସେବାକଲେ ଏବଂ ଗୋମାତାକୁ ତୃଣ ଅର୍ପଣ କଲେ ମୋତେ ପୂଜା କରିବାର ଫଳ ପ୍ରାପ୍ତ ହୁଏ । ଆଉ ମଧ୍ୟ ଗୁରୁ ମୋର ସ୍ୱରୂପ । ଗୁରୁ ପୂଜା ଓ ମୋର ପୂଜା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ତୁମେ ତୁମର ସର୍ବସ୍ୱ ଓ ସକଳ ଧର୍ମ ମୋତେ ଅର୍ପଣ କରିଦିଅ । ନିର୍ମ୍ମଳ ଚିତ୍ତରେ ସାଧୁସେବା କର । ମନରୁ ସମସ୍ତ ବିକାର, ଗର୍ବ, ଦମ୍ଭ, ଅଭିମାନ, କାମନାବାସନା ପୋଛିଦେଇ ନିର୍ମଳ ହୋଇଯାଅ । ନିର୍ମ୍ମଳ, ସ୍ଥିର ଓ ଅଚଞ୍ଚଳ ଚିତ୍ତରେ ଜ୍ଞାନ ଅଭ୍ୟାସ କର । ସମଦୃଷ୍ଟି ଓ ସତ୍ୟଭାଷୀ ପ୍ରକାଶ କରି ସର୍ବତ୍ର ବିଷ୍ଣୁମୟ ଦର୍ଶନ କର । ଶରୀରକୁ ଅଗ୍ନି ସ୍ଥିତ ଶୁଷ୍କ କାଷ୍ଠ ତୁଲ୍ୟ ମନେକର । ସର୍ବଦା ଉଦାସୀନ ଭାବ ପୋଷଣ କରି କର୍ମ ବନ୍ଧନ ପ୍ରତି ସତର୍କ ରୁହ । ତାହା ଅତ୍ୟନ୍ତ ଶକ୍ତ ବନ୍ଧନ ଓ ଦୁଃଖର କାରଣ । ବନ୍ଦୀଶାଳାରେ ପଡିଥିବା ହସ୍ତପାଦ ଶୃଙ୍ଖଳିତ ବନ୍ଦୀ ପରି ତାହା ମନୁଷ୍ୟକୁ ଘୋର ଦୁଃଖ ଓ ବିଷାଦ ଗ୍ରସ୍ତ କରେ । ଆହୁରି ବିଚିତ୍ର ଏହି ଯେ କର୍ମରେ ଆବଦ୍ଧ ବ୍ୟକ୍ତି ଦୁଃଖକୁ ସୁଖ ପ୍ରାୟମଣି ଅହଂକାରୀ ଓ ବିବେକ ହୀନ ହୋଇଥାଏ । ଦିନେ ଅତର୍କିତ ଭାବେ ପଥଚାରୀକୁ ବ୍ୟାଘ୍ର ଟାଣିନେବାପରି ମୃତ୍ୟୁ ତାକୁ ଟାଣି ନିଏ କିମ୍ବା ବ୍ୟାଧି ତାର ଶରୀରରେ ଘୋଟିଯାଇ ତାକୁ ସମ୍ପୂର୍ଣ୍ଣ ଅକର୍ମଣ୍ୟ କରିଦିଏ । ସେ ଦୀର୍ଘକାଳ ମୃତ୍ୟୁ ଯନ୍ତ୍ରଣା ଭୋଗି ଭୋଗି ଶେଷରେ ମୃତ୍ୟୁ ମୁଖରେ ପତିତ ହୁଏ । ତେଣୁ ହେ ଉଦ୍ଧବ, ତୁମେ ବୁଦ୍ଧି, ବିବେକ ଓ ଜ୍ଞାନ ବଳରେ ମରଣକୁ ଜୟ କର । ନଚେତ ବୃଥା ତପସ୍ୟା ନିଷ୍ପ୍ରୋୟଜନ । ଅବଶ୍ୟ ତପସ୍ୟା ବିଧି ବିଧାନ ସମ୍ମତ ଦାନ ଯଜ୍ଞ, ଦେବ ଆରାଧନା ଜନିତ ପୁଣ୍ୟ ବଳରେ ମନୁଷ୍ୟ ସ୍ୱର୍ଗଗାମୀ ହୋଇ ଦେହ ଧାରଣ କରେ ଓ ନାନା ସୁଖ ଭୋଗ କରେ । ମାତ୍ର କର୍ମଫଳ ଭୋଗ ସମ୍ପୂର୍ଣ୍ଣ ହୋଇଗଲେ ପୁନର୍ବାର ତ୍ରିଗୁଣ ଜଡିତ ହୋଇ ଜନ୍ମ ମରଣ ଚକ୍ରରେ ଘୁରିବୁଲେ । ତେଣୁ ଯେଉଁ ପୁଣ୍ୟର ଫଳ ଅସ୍ଥାୟୀ ସେପରି ପୁଣ୍ୟରେ କି ପ୍ରୟୋଜନ । ବିଶେଷ କରି ପଶୁ ନିଧନ ଯଜ୍ଞ ସର୍ବଥା ପରିହାର୍ଯ୍ୟ । ନିଜର ପ୍ରାଣ ନିଜର ଯେପରି ପ୍ରିୟ ଅନ୍ୟର ପ୍ରାଣ ତାହାର ମଧ୍ୟ ସେହିପରି ପ୍ରିୟ ବୋଲି ବୁଝିବାକୁ ହେବା ପରନ୍ତୁ ସର୍ବ ଭୂତରେ ମୋର ନିବାସ ବୋଲି ଦୃଢ ଧାରଣା ଜାତହେଲେ କୌଣସି ପରିସ୍ଥିତିରେ ମଧ୍ୟ କୌଣସି ଜୀବ ବଧ କରିବାକୁ ଇଛା ବଳିବ ନାହିଁ । ତୁମେ ଏ ସମସ୍ତ ବିଷୟ ଉତ୍ତମ ଭାବେ ଉପଲବ୍ଧ କରି ସାଧୁସଙ୍ଗ କର । ସାଧୁସଙ୍ଗ ଫଳରେ ଅସାଧୁ କର୍ମ ବା ଚିନ୍ତାରେ ପ୍ରବୃତ୍ତ ଜାତ ହେବାନହିଁ । ସାଧୁସଙ୍ଗ ମାୟାଛେଦନ ଓ କର୍ମ ବନ୍ଧନ ମୁକ୍ତି ନିମନ୍ତେ ଏକ ପ୍ରଧାନ ଉପାୟ । କୁବେରାଦି ଦଶ ଦିଗପାଳ ମୋହରିଠାରୁ ଜନ୍ମଲାଭ କରି ମାୟାଗ୍ରସ୍ତ ହେବା ଭୟରେ ଯଥା ସ୍ଥାନରେ ରହି ନିଜ ନିଜର କର୍ମ ସମ୍ପାଦନ କରୁଛନ୍ତି । ମୋର ଅଂଶ ଜାତ ସର୍ବଗ୍ରାସୀ କାଳ ସର୍ବତ୍ର ପରିବ୍ୟାପ୍ତ ରହିଅଛି ଏବଂ ସମସ୍ତ ତାହାର ଅଧିକାରର ପରିସର ମଧ୍ୟରେ ଆତଯାତ ହେଉଛନ୍ତି ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ

# ପ୍ରେମ ନା ଭ୍ରମ !



ଶ୍ୱେତା ରାଉତ୍

ଆମେମାନେ ସବୁବେଳେ ଏହି ବାକ୍ୟଟି (ମୁଁ ତୁମକୁ ଭଲପାଏ) ପ୍ରେମରେ, ଶ୍ରଦ୍ଧାରେ ବ୍ୟବହାର କରିଥାନ୍ତି। ଆଜି ଏହି ବାକ୍ୟକୁ ନେଇ ପିଲାମାନଙ୍କ ପାଇଁ କିଛି କହିବାର ଅଛି। ଆମ ପିଲାମାନେ କିଶୋରାବସ୍ଥାରୁ ଯୁବାବସ୍ଥା ଯାଏ ପ୍ରାୟତ ଏକ ଭ୍ରମକୁ ପ୍ରେମ ଭାବିଥାନ୍ତି। ପ୍ରତ୍ୟେକ କିଶୋରମାନଙ୍କ ବାପା ମାଆ ମନଭିତରେ ଏକ ଭୟ ପାଳୁଥାନ୍ତି 'ଆମ ପିଲା କୋଉଠି ଭୁଲ୍ ରାସ୍ତାରେ ପଡିଯାଉନି ତ ?' ଆମେମାନେ ସେଥିପାଇଁ ପିଲାଙ୍କୁ ମୋବାଇଲ ଦେବାକୁ ଡରୁ, ବାହାରକୁ ଏକା ଛାଡବାକୁ ଡରୁ, ସାଙ୍ଗମାନଙ୍କ ଘରକୁ ବୁଲିବାକୁ ଗଲେ ବାରମ୍ବାର ଫୋନ୍ କରୁ, ଶୀଘ୍ର ସ୍କୁଲ ବା କଲେଜରୁ ନଫେରିଲେ ବ୍ୟସ୍ତ ହୋଇପଡୁ। ଆମେ ଭାବିଥାଉ ପିଲାମାନଙ୍କ ଉପରେ ଆମେ ଖୁବ୍ ସତର୍କରେ ନଜର ରଖୁଛେ, କିନ୍ତୁ ଏହା ସତ୍ତ୍ୱେ ବି ପିଲାମାନେ ପ୍ରେମରେ ପଡନ୍ତି,ଭୁଲ୍ ବାଟକୁ ଯାଆନ୍ତି। ଆମେ ଭୁଲ୍ ଦେଖି ପାରନ୍ତିନି, ଜାଣି ପାରନ୍ତିନି,ଏହାର ଅର୍ଥ ନୁହେଁ ପିଲାଟି ଭୁଲ୍ କରେନି। ଏଥିରେ ଅବଶ୍ୟ ପିଲାର ଦୋଷ ନଥାଏ, ଦୋଷଥାଏ ଆମମାନଙ୍କର। ଆମେ ହିଁ ତାକୁ ଶିଖାଇନଥାନ୍ତି, ପ୍ରେମ ଆଉ ଭ୍ରମର ଫରକ, ଭଲଲାଗିବା ଓ ଭଲପାଇବାର ସଂଜ୍ଞା।

ଅନେକ ସ୍ଥାନରେ ପିଲାମାନଙ୍କ କିଶୋରାବସ୍ଥାରେ ସେମାନଙ୍କୁ ପ୍ରେମ, ଆକର୍ଷଣର କଥା ବୁଝାଇବାକୁ ବାପା ମାଆ ସଙ୍କୋଚବୋଧ କରନ୍ତି ଅଥବା ଅସଂସ୍କାର କହିଥାନ୍ତି। ଆମେ ଯଦି ଆମ ପିଲାଙ୍କୁ ଜୀବନର ପ୍ରତିକ୍ଷଣ ସ୍ନେହ, ପ୍ରେମ, ମୋହ, ସମ୍ବେଦନର ସଂଜ୍ଞା ଉପରେ ଜ୍ଞାନ ନଦେବା, ଧ୍ୟାନ ନଦେବା, ସେମାନେ ଶିଖିବେ କୋଉଠୁ ଏବଂ ସଚେତନ ହେବେ କେମିତି ? ସେମାନେ ମୋବାଇଲ, ଇଟ୍ୟୁବରେ ଯାହା ଦେଖିବେ ତାହାହିଁ ଠିକ୍ ମାନିନେବେ। ଫିଲ୍ମ ଦେଖି ଦେଖି ଅଭିନୟକୁ ଜୀବନ, ଜୀବନକୁ ଅଭିନୟ ମାନିନେବେ। ଯେତେବେଳେ ଆମେ କିଛି ନକହିଲେ ବି ପିଲାମାନେ ସବୁ ଜାଣୁଛନ୍ତି ଏବଂ ପ୍ରେମରେ ପଡୁଛନ୍ତି, ତେବେ ସେମାନଙ୍କୁ ପ୍ରେମ ଉପରେ ବୋଧଜ୍ଞାନ ଦେବାରେ ଅସୁବିଧା କୋଉଠି ? ଆମେ କିନ୍ତୁ ପିଲାଙ୍କୁ ଶିକ୍ଷା କମ୍ ଦିଅନ୍ତି, ସନ୍ଦେହ, ଭୟ, ଆଶଙ୍କା ଭଳି ନକରାତ୍ମକ ଉର୍ଜା ଅଧିକ ପରିମାଣରେ ସେମାନଙ୍କୁ ରେଡିଏଟ୍ (ପ୍ରଭାବିତ)କରନ୍ତି। ଯେଉଁଥିପାଇଁ ପିଲାମାନଙ୍କର ସକାରାତ୍ମକ ଉର୍ଜା କମିଥାଏ ଓ ନକରାତ୍ମକ ଉର୍ଜା ବଢିଥାଏ।

ଆପଣମାନେ ନିଜ ପିଲା ବିଷୟରେ ଯେତେ ଚିନ୍ତା କରୁଛନ୍ତି, ଆଶଙ୍କା କରୁଛନ୍ତି, ସେତେବେଶୀ ଭୁଲ୍ ଦିଗ ସହିତ ପିଲାକୁ ଭିଜୁଆଲ କରୁଛନ୍ତି।'ମୋ ପିଲା ଖରାପ ହେବନି ତ, କାହା ପ୍ରେମରେ ପଡି ବରବାଦ ହେବନି ତ !'

ଏଭଳି ନକରାତ୍ମକ ଭାବନାର ପ୍ରଭାବ ମଧ୍ୟ ଆପଣଙ୍କ ପିଲାକୁ ପ୍ରଭାବିତ କରିବ। ତେଣୁ ଅଧିକ ନଭାବି ପିଲା ସହିତ ଅଧିକ ଏ ବିଷୟରେ କଥା ହୋଇ ପ୍ରେମ ଆଉ ଭ୍ରମର ଫରକ ବୁଝାନ୍ତୁ। ଆପଣ ଯଦି ନିଜ ପିଲା ସହିତ ମୁକ୍ତ ଭାବରେ କଥା ନହେବେ, ନିଶ୍ଚିତଭାବେ ସେ ସାଙ୍ଗସାଥି ଓ ଅନ୍ୟମାନଙ୍କ ସହିତ ଏ ବିଷୟରେ କଥାହେବ ଏବଂ ଜରୁରୀ ନୁହେଁ ସାଙ୍ଗମାନେ ତାକୁ ଭଲବୁଦ୍ଧି ଦେଇ ଭଲବାଟରେ ରଖିପାରିବେ। କିଛି ଅସାମାଜିକ ପିଲାଙ୍କ ସଂସ୍ପର୍ଶରେ ଆସି ଆପଣଙ୍କ ପିଲା ଆହୁରି ଖରାପ ହୋଇପାରେ। କିଶୋରାବସ୍ଥାରେ ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ହେବା, ମନ ଚଞ୍ଚଳ ହେବା, ଆମୋଦପ୍ରମୋଦର ବିଚାର ଆସିବା ଏବଂ କେହି ବିରୋଧ କଲେ ଚିଡିଚିଡା ହେବା, ଭୁଲ୍ ବୁଝିବା, ରାଗିବା ଭଳି ବ୍ୟବହାର ପିଲାମାନଙ୍କ ଭିତରେ ରହିବା ପ୍ରାକୃତିକ ଭାବେ ସାଧାରଣ କଥା। ପିଲାଟିଏ ସିନା ନାବାଳକ ଥାଏ ବୁଝିପାରେନି ଭୁଲ୍ ଠିକ୍ କ'ଣ ! କିନ୍ତୁ ଆପଣମାନେ ତ ପରିପକ୍ୱ। ତେଣୁ ନିଜର ବୁଦ୍ଧି, ବାତ୍ସଲ୍ୟ, ଗ୍ରହଣୀୟତା ନେଇ ନିଜ ପିଲା ସହିତ ମୁକ୍ତ ଭାବରେ ଏ ବିଷୟରେ କଥା ହୁଅନ୍ତୁ। ଭଲଲାଗିବା ଓ ଭଲପାଇବାର ଫରକ ବୁଝାନ୍ତୁ। ଆମେ ପିଲାମାନଙ୍କ ବନ୍ଧୁ ହୋଇ ସେମାନଙ୍କୁ ସଚେତନ କରିବା ଆମର କର୍ତ୍ତବ୍ୟ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ବର୍ଷାଦିନେ ଘରେ ହେଉଛନ୍ତି କି ପୋକ : ଆପଣାନ୍ତୁ ଏହି ଉପାୟ

ବର୍ଷାଦିନେ ସାଧାରଣତଃ କୀଟପତଙ୍ଗଙ୍କ ସଂଖ୍ୟା ବହୁତ ବଢ଼ିଯାଏ । ତେବେ ଘରକୁ ଏମାନଙ୍କଠାରୁ ସୁରକ୍ଷିତ ରଖିବାକୁ ହେଲେ କିଭଳି ପ୍ରତିକାର କରିବେ ଜାଣିରଖନ୍ତୁ...



ବର୍ଷାଦିନେ ଘର ଭିତରକୁ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ଏକ ଘରୋଇ ସ୍ପ୍ରେ ତିଆରି କରନ୍ତୁ। ଏଥିପାଇଁ ଏକ ପାତ୍ରରେ ପ୍ରଥମେ ପାଣି ଗରମ କରନ୍ତୁ। ସେଥିରେ ଲବଙ୍ଗ ପକାଇ କିଛି ସମୟ ଫୁଟାନ୍ତୁ। ପାଣିର ରଙ୍ଗ ବଦଳିଗଲା ପରେ ସେଥିରେ ୧ ଚାମଚ ବେକିଂ ସୋଡ଼ା ଓ ତେଜପତ୍ର ପକାଇ ଫୁଟାନ୍ତୁ। ଏବେ ଏହାକୁ ଥଣ୍ଡାକରି ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରି ଦିଅନ୍ତୁ। କୀଟ ହେଉଥିବା ସ୍ଥାନରେ ଧଳା ଭିନେଗାର ପକାନ୍ତୁ। ପୋକ ହେବେ ନାହିଁ। କୀଟପତଙ୍ଗ ଦୂରେଇବା ପାଇଁ ସେହି ସ୍ଥାନରେ ଲୁଣ ପକାନ୍ତୁ। ଏହା ପ୍ରଭାବରେ ପୋକମାନଙ୍କ ସଂଖ୍ୟା କମ୍ ହୋଇଯିବ। ଲେମ୍ବୁରସ ସ୍ପ୍ରେ କରିବା ଫଳରେ ପୋକ ଆସିବେ ନାହିଁ। ଘରୁ ପୋକ ବାହାରକରିବା ପାଇଁ ରସୁଣ ମଧ୍ୟ ବେଶ୍ ଉପାଦେୟ। ଏଥିପାଇଁ ରସୁଣକୁ ଛେଚି ପାଣିରେ ମିଶାନ୍ତୁ। ଏହାକୁ ପୋକ ଆସୁଥିବା ସ୍ଥାନରେ ପକାନ୍ତୁ।

# ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ : ସୁସ୍ଥ ରହିବ ହାର୍ଟ

ଏମିତି ବି କିଛି ଗୁଣକାରୀ ପତ୍ର ରହିଛି ; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ । ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ । ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ପୁଦିନା ପତ୍ରରୁ କିଛି ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ । ଭୁର୍ସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଈ ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ । ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ । ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ ।



ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ । ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ । ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ ।

# ହାଇପର-ଏଣ୍ଡେମିକ୍ ଡେଙ୍ଗୁ: ଏକାଠି ବ୍ୟାପୁଛି ଏକାଧିକ ସେରୋଟାଇପ୍

ଭାରତରେ ଡେଙ୍ଗୁ ଭୂତାଣୁର ବିଭିନ୍ନ ପ୍ରକାର ବା ଷ୍ଟ୍ରେନ୍ ଏକାଠି ମିଶିବା କାରଣରୁ ଏହା ପୂର୍ବ ଅପେକ୍ଷା ଅଧିକ ବିପଜ୍ଜନକ ହେବାରେ ଲାଗିଛି । ନିକଟରେ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର)ର ଭାଇରସ୍ ରିସର୍ଚ୍ଚ ଆଣ୍ଡ ଡାଇଗ୍ନୋଷ୍ଟିକ୍ ଲାବୋରେଟୋରୀ (ଭିଆରଡିଏଲ) ପକ୍ଷରୁ କରାଯାଇଥିବା ଦୁଇ ବର୍ଷିଆ ଦେଶବ୍ୟାପୀ ସର୍ବେକ୍ଷଣ 'ପ୍ୟାନ୍-ଇଣ୍ଡିଆ ମଲିକ୍ୟୁଲାର ସର୍ଭିଲାନ୍ସ ଅଫ୍ ଡେଙ୍ଗୁ ସେରୋଟାଇପ୍ସ, ୨୦୨୩-୨୦୨୫' ରୁ ଜଣାପଡିଛି ଯେ ଭାରତର ଡେଙ୍ଗୁ ମହାମାରୀ ଏକ ନୂତନ ତଥା ଜଟିଳ ପର୍ଯ୍ୟାୟରେ ପ୍ରବେଶ କରୁଛି । ଦେଶର ଅଧିକାଂଶ ଅଞ୍ଚଳରେ ବର୍ତ୍ତମାନ ଏକାଧିକ ଭୂତାଣୁ ଷ୍ଟ୍ରେନ୍ ଏକାସାଙ୍ଗରେ ବ୍ୟାପିବାରେ ଲାଗିଛି । ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ଧାରା, ଯାହାକୁ ମହାମାରୀ ବିଜ୍ଞାନ ଭାଷାରେ ହାଇପର-ଏଣ୍ଡେମିକ୍ ଟ୍ରାନ୍ସମିସନ୍ କୁହାଯାଏ, ତାହା ଗମ୍ଭୀର ଅସୁସ୍ଥତାର ଆଶଙ୍କା ବଢାଇବା ସହିତ ରୋଗର ପ୍ରକୋପକୁ ପୂର୍ବାନୁମାନ କରିବା କଷ୍ଟକର କରିଥାଏ ଏବଂ ଭବିଷ୍ୟତର ଟୀକାକରଣ ରଣନୀତିକୁ ମଧ୍ୟ ଜଟିଳ କରିଥାଏ । ଏହି ଅଧ୍ୟୟନ ଭାରତରେ ଡେଙ୍ଗୁର ବିବର୍ତ୍ତନ ଏବଂ ଏହାର ଭବିଷ୍ୟତ ପ୍ରଭାବ ବିଷୟରେ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରେ ।

ଏହି ଅଧ୍ୟୟନରେ ୨୦୨୩ ରୁ ୨୦୨୫ ମଧ୍ୟରେ ୨୫ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୫ ଟି ପରୀକ୍ଷାଗାରରୁ ୬,୮୮୯ ଟି ଡେଙ୍ଗୁ ନମୁନା ବିଶ୍ଳେଷଣ କରାଯାଇଥିଲା । ଏଥିରୁ ଜଣାପଡିଛି ଯେ ଡେଙ୍ଗୁ ଭୂତାଣୁର ବିଭିନ୍ନ ସେରୋଟାଇପ୍ ଗୁଡିକ ଦେଶବ୍ୟାପୀ ଏକାସାଙ୍ଗରେ ବ୍ୟାପୁଛି । ଆଠଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏକାସାଙ୍ଗରେ ସମସ୍ତ ଚାରୋଟି ସେରୋଟାଇପ୍ ସକ୍ରିୟ ଥିବାବେଳେ ୧୫ ଟି ରାଜ୍ୟରେ ତିନୋଟି ସେରୋଟାଇପ୍ ଏକାଠି ଦେଖିବାକୁ ମିଳିଛି । ଜାତୀୟ ସ୍ତରରେ ଡିଇଏନ୍ଭି-୨ ସବୁଠାରୁ ପ୍ରଭାବଶାଳୀ ଷ୍ଟ୍ରେନ୍ ଭାବରେ ଉଭା ହୋଇଛି, ଯାହାକି ଅଧାରୁ ଅଧିକ ସଂକ୍ରମଣ ପାଇଁ ଦାୟୀ ଅଟେ । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ପ୍ରାୟ ୭ ପ୍ରତିଶତ ରୋଗୀ ଅର୍ଥାତ୍ ପ୍ରତି ୧୪ ଜଣରେ ଜଣେ ଏକାସାଙ୍ଗରେ ଏକାଧିକ ଡେଙ୍ଗୁ ସେରୋଟାଇପ୍ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡିଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ, ଡେଙ୍ଗୁ ହେଉଛି ଏକ ମଶାବାହିତ ଭୂତାଣୁ ଜନିତ ରୋଗ ଯାହା ମୁଖ୍ୟତଃ ସଂକ୍ରମିତ ମାଈ ଏଡିସ୍ ଇଜିପ୍ଟି ଏବଂ କିଛି ମାତ୍ରାରେ ଏଡିସ୍ ଆଲବୋପିକ୍ଟସ୍ ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ । ଏହି ଭୂତାଣୁର ଚାରୋଟି ସେରୋଟାଇପ୍ ରହିଛି ଯଥା ଡିଇଏନ୍ଭି-୧, ଡିଇଏନ୍ଭି-୨, ଡିଇଏନ୍ଭି-୩ ଏବଂ ଡିଇଏନ୍ଭି-୪ । ଗୋଟିଏ ସେରୋଟାଇପ୍ ଦ୍ୱାରା ସଂକ୍ରମିତ ହେଲେ ଜଣେ ବ୍ୟକ୍ତି କେବଳ ସେହି ନିର୍ଦ୍ଦିଷ୍ଟ ସେରୋଟାଇପ୍ ବିରୋଧରେ ଆଜୀବନ ରୋଗ ପ୍ରତିରୋଧକ ଶକ୍ତି ଲାଭ କରେ, କିନ୍ତୁ ଅନ୍ୟ ତିନୋଟି ପ୍ରତି ରୋଗ ପ୍ରତିରୋଧକ ଶକ୍ତି ଅସ୍ଥାୟୀ ଏବଂ ଅସମ୍ପୂର୍ଣ୍ଣ ହୋଇଥାଏ । ତେଣୁ ଜଣେ ବ୍ୟକ୍ତି ଏକାଧିକ ଥର ଡେଙ୍ଗୁରେ ଆକ୍ରାନ୍ତ ହୋଇପାରନ୍ତି ଏବଂ ଏକ ଭିନ୍ନ ସେରୋଟାଇପ୍ ସହିତ ଦ୍ୱିତୀୟ ସଂକ୍ରମଣ ହେଲେ ଗମ୍ଭୀର ଡେଙ୍ଗୁ ହେବାର ଆଶଙ୍କା ବହୁଗୁଣିତ ହୋଇଯାଏ । ସାଧାରଣତଃ ମଶା କାମୁଡିବାର ୪ ରୁ ୧୦ ଦିନ ପରେ ଉଚ୍ଚ ଜ୍ୱର, ପ୍ରବଳ ମୁଣ୍ଡବିନ୍ଧା, ଆଖି ପଛରେ ଯନ୍ତ୍ରଣା, ମାଂସପେଶୀ ଏବଂ ଗଣ୍ଠି ବିନ୍ଧା, ବାନ୍ତି ଏବଂ ଚର୍ମରେ ଦାଗ ଭଳି ଲକ୍ଷଣ ଦେଖାଯାଏ । ଯଦିଓ ଅନେକ ଲୋକ ସୁସ୍ଥ ହୋଇଯାଆନ୍ତି, କିନ୍ତୁ କେତେକ କ୍ଷେତ୍ରରେ ପରିସ୍ଥିତି ଗୁରୁତର ହୋଇଥାଏ ଯାହା ପାଇଁ ତୁରନ୍ତ ଡାକ୍ତରୀ ସହାୟତା ଆବଶ୍ୟକ ହୁଏ । ଡବ୍ଲ୍ୟୁଏଚ୍‌ଓ ଡେଙ୍ଗୁକୁ ତିନୋଟି କ୍ଲିନିକାଲ୍ ବିଭାଗରେ ବିଭକ୍ତ କରିଛି ଯଥା ବିନା ଚେତାବନୀ ଲକ୍ଷଣ ଥିବା ଡେଙ୍ଗୁ, ଚେତାବନୀ ଲକ୍ଷଣ ଥିବା ଡେଙ୍ଗୁ ଏବଂ ଗମ୍ଭୀର ଡେଙ୍ଗୁ । ଗୁରୁତର ପେଟ ବିନ୍ଧା, କ୍ରମାଗତ ବାନ୍ତି, ମାଡି କିମ୍ବା ନାକରୁ ରକ୍ତସ୍ରାବ ଏବଂ ତରଳ ପଦାର୍ଥ ଜମିବା ଆଦି ଚେତାବନୀ ଲକ୍ଷଣ ଅଟେ । ଗମ୍ଭୀର ଡେଙ୍ଗୁ ଶକ୍, ଶ୍ୱାସକ୍ରିୟାରେ କଷ୍ଟ କିମ୍ବା ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହେବା ଭଳି ପରିସ୍ଥିତି ସୃଷ୍ଟି କରିପାରେ ଏବଂ ଠିକ୍ ସମୟରେ ଚିକିତ୍ସା ନହେଲେ ଏହା ପ୍ରାଣଘାତୀ ମଧ୍ୟ ହୋଇପାରେ ।

ବର୍ତ୍ତମାନ ଭାରତର ସ୍ଥିତିକୁ ଗବେଷକମାନେ ହାଇପର-ଏଣ୍ଡେମିକ୍ ଟ୍ରାନ୍ସମିସନ୍ ବୋଲି ବର୍ଣ୍ଣନା କରୁଛନ୍ତି । ଏହାର ଅର୍ଥ ହେଉଛି ଦୀର୍ଘ ସମୟ ଧରି ଏକ ନିର୍ଦ୍ଦିଷ୍ଟ ଜନସଂଖ୍ୟା ମଧ୍ୟରେ ଏକାଧିକ ସେରୋଟାଇପ୍ ର ନିରନ୍ତର ସଞ୍ଚାର । ପ୍ରତି କିଛି ବର୍ଷରେ ଗୋଟିଏ ଷ୍ଟ୍ରେନ୍ ବଦଳରେ ଅନ୍ୟ ଏକ ଷ୍ଟ୍ରେନ୍ ଆସିବା ପରିବର୍ତ୍ତେ, ଏକାଧିକ ଷ୍ଟ୍ରେନ୍ ଏକାସାଙ୍ଗରେ ସକ୍ରିୟ ରହୁଛନ୍ତି, ଯାହାଦ୍ୱାରା ଲୋକମାନେ ନିଜ ଜୀବନକାଳ ମଧ୍ୟରେ ବାରମ୍ବାର ବିଭିନ୍ନ ସେରୋଟାଇପ୍ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ବୃଦ୍ଧି ପାଉଛି । ଏହାର ଦୁଇଟି ପ୍ରମୁଖ ପରିଣାମ ରହିଛି । ପ୍ରଥମତଃ, ଏହା ଦ୍ୱିତୀୟ ସଂକ୍ରମଣର ସମ୍ଭାବନାକୁ ବଢାଇଥାଏ, ଯାହା ଗୁରୁତର ରୋଗର ଆଶଙ୍କା ବୃଦ୍ଧି କରେ । ଦ୍ୱିତୀୟତଃ, ଏହା ଏକାଧିକ ସେରୋଟାଇପ୍ ସହିତ ଏକାସାଙ୍ଗରେ ସଂକ୍ରମଣ ପାଇଁ ସୁଯୋଗ ସୃଷ୍ଟି କରେ, ଯାହା ନିକଟ ଅତୀତ ପର୍ଯ୍ୟନ୍ତ ଅପେକ୍ଷାକୃତ ବିରଳ ବୋଲି ବିବେଚନା କରାଯାଉଥିଲା । ନୂତନ ତଥ୍ୟ ସୂଚାଉଛି ଯେ ଭାରତରେ ଏହି ଏକାଧିକ ସଂକ୍ରମଣ ଆଉ ବିରଳ ହୋଇ ରହିନାହିଁ । ଏକାଧିକ ସେରୋଟାଇପ୍ ବହନ କରୁଥିବା ରୋଗୀଙ୍କଠାରେ ଥ୍ରୋମ୍ବୋସାଇଟୋପେନିଆ ଅର୍ଥାତ୍ ପ୍ଲେଟଲେଟ୍ ସଂଖ୍ୟା ବିପଜ୍ଜନକ ଭାବେ ହ୍ରାସ ପାଇବା, ରକ୍ତସ୍ରାବ ଜନିତ ଲକ୍ଷଣ ଏବଂ ଗମ୍ଭୀର ଗଣ୍ଠି ଯନ୍ତ୍ରଣା ଆଦି ଦେଖାଯିବାର ଆଶଙ୍କା ଅଧିକ ଥାଏ । ଯଦିଓ ଏକାଧିକ ସଂକ୍ରମଣ ସିଧାସଳଖ ଗୁରୁତର ରୋଗ ସୃଷ୍ଟି କରେ ବୋଲି ଅଧ୍ୟୟନ ସମ୍ପୂର୍ଣ୍ଣ ଭାବେ ପ୍ରମାଣିତ କରିପାରିନାହିଁ, ତଥାପି ଏହି ସମ୍ପର୍କ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ । ଏହା ସହିତ ଡିଇଏନ୍ଭି-୨, ଯାହାକି ଦେଶରେ ସର୍ବାଧିକ ଦେଖାଯାଉଛି, ତାହା ଅତୀତରେ ଭାରତ ତଥା ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ଅନେକ ଗୁରୁତର ଡେଙ୍ଗୁ ମହାମାରୀ ସହିତ ଜଡିତ ରହିଆସିଛି ।

ଦେଶରେ ଡେଙ୍ଗୁର ବ୍ୟାପକତା କିପରି ବଦଳୁଛି ତାହା ସରକାରୀ ପରିସଂଖ୍ୟାନରୁ ମଧ୍ୟ ସ୍ପଷ୍ଟ ହେଉଛି । ଜାତୀୟ ଭେକ୍ଟର ବୋର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ୍ ପ୍ରୋଗ୍ରାମ୍ ର ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଭାରତରେ ୨.୮୯ ଲକ୍ଷରୁ ଅଧିକ ଡେଙ୍ଗୁ ମାମଲା ଏବଂ ୪୮୫ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଥିଲା, ଯାହାକି ଗତ କିଛି ବର୍ଷ ମଧ୍ୟରେ ସର୍ବାଧିକ ଥିଲା । ସେହିପରି ୨୦୨୪ ମସିହାରେ ମଧ୍ୟ ଦେଶରେ ୨.୩ ଲକ୍ଷରୁ ଅଧିକ ମାମଲା ଏବଂ ପ୍ରାୟ ୩୦୦ ମୃତ୍ୟୁ ରିପୋର୍ଟ କରାଯାଇଥିଲା । କେରଳ, ଉତ୍ତରପ୍ରଦେଶ ଏବଂ କର୍ଣ୍ଣାଟକ ଭଳି ରାଜ୍ୟଗୁଡିକରେ ସ୍ଥିତି ଅଧିକ ଉଦ୍‌ବେଗଜନକ ରହିଆସିଛି । ଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ଡେଙ୍ଗୁର ସ୍ୱରୂପ ବଦଳିଯାଇଛି । ଯାହା ଏକଦା କେବଳ ସହରାଞ୍ଚଳ ଏବଂ ମୌସୁମୀ ସମୟର ରୋଗ ବୋଲି ବିବେଚନା କରାଯାଉଥିଲା, ତାହା ଏବେ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ-ସହରାଞ୍ଚଳକୁ ବ୍ୟାପିବାରେ ଲାଗିଛି । ଦ୍ରୁତ ସହରୀକରଣ, ଜଳବାୟୁ ଏବଂ ବର୍ଷା ଢାଞ୍ଚାରେ ପରିବର୍ତ୍ତନ, ଜନସଂଖ୍ୟା ସ୍ଥାନାନ୍ତର ଏବଂ ମଶା ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ କାରଣରୁ ଏବେ ବର୍ଷର ଅଧିକାଂଶ ସମୟରେ ଡେଙ୍ଗୁ ମାମଲା ଦେଖିବାକୁ ମିଳୁଛି । ବିଭିନ୍ନ ପରିବେଶରେ ଏକାଧିକ ସେରୋଟାଇପ୍ ର ବ୍ୟାପକ ସଞ୍ଚାର ପ୍ରମାଣ କରୁଛି ଯେ ଏହି ଭୂତାଣୁ ନିଜର ଚେରକୁ ଆହୁରି ମଜବୁତ କରିସାରିଲାଣି ।

ଏହି ପରିପ୍ରେକ୍ଷୀରେ ଆଣବିକ ସର୍ବେକ୍ଷଣ ବା ମଲିକ୍ୟୁଲାର ସର୍ଭିଲାନ୍ସର ଗୁରୁତ୍ୱ ବହୁଗୁଣିତ ହୋଇଯାଇଛି । ନିୟମିତ ମାମଲା ରିପୋର୍ଟିଂ ବିପରୀତରେ, ଏହି ସର୍ବେକ୍ଷଣ ସଠିକ୍ ଭାବରେ ଚିହ୍ନଟ କରେ ଯେ କେଉଁ ଡେଙ୍ଗୁ ସେରୋଟାଇପ୍ ବ୍ୟାପୁଛି ଏବଂ ସମୟ ସହିତ ସେମାନଙ୍କର ବିତରଣ କିପରି ବଦଳୁଛି । ଏହି ସୂଚନା ମହାମାରୀ ଭୟଙ୍କର ରୂପ ନେବା ପୂର୍ବରୁ ଏକ ପ୍ରାରମ୍ଭିକ ଚେତାବନୀ ପ୍ରଦାନ କରିପାରିବ । ଯଦି କୌଣସି ଅଞ୍ଚଳରେ ହଠାତ୍ ଗୋଟିଏ ସେରୋଟାଇପ୍ ବଦଳରେ ଅନ୍ୟ ଏକ ସେରୋଟାଇପ୍ ବ୍ୟାପିବା ଆରମ୍ଭ କରେ, ତେବେ ସ୍ୱାସ୍ଥ୍ୟ ବିଭାଗ ରୋଗର ପ୍ରକୋପକୁ ପୂର୍ବାନୁମାନ କରି ଡାକ୍ତରଖାନାର ପ୍ରସ୍ତୁତିକୁ ମଜବୁତ କରିପାରିବ ଏବଂ ମଶା ନିୟନ୍ତ୍ରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିପାରିବ । ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଏହି ସର୍ବେକ୍ଷଣ ଏକ ସାମୟିକ ଗବେଷଣା ପରିବର୍ତ୍ତେ ଏକ ନିରନ୍ତର ଜାତୀୟ କାର୍ଯ୍ୟକ୍ରମ ହେବା ଉଚିତ୍ । ଏହା ଦ୍ୱାରା ନୂତନ ହଟସ୍ପଟ୍ ଚିହ୍ନଟ କରିବା ଏବଂ ମହାମାରୀର ପୂର୍ବାନୁମାନ ମଡେଲଗୁଡିକୁ ଉନ୍ନତ କରିବା ସମ୍ଭବ ହୋଇପାରିବ କାରଣ ଏହା ଭୌଗୋଳିକ ସ୍ତରରେ ଡେଙ୍ଗୁ ଭୂତାଣୁ କିପରି ବିବର୍ତ୍ତିତ ହେଉଛି ସେ ବିଷୟରେ ରିଅଲ୍-ଟାଇମ୍ ସୂଚନା ପ୍ରଦାନ କରିଥାଏ ।

ଏହା ବ୍ୟତୀତ ଟୀକାକରଣ କ୍ଷେତ୍ରରେ ମଧ୍ୟ ଏହି ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତର ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ଡେଙ୍ଗୁ ଟିକା ଅନ୍ତର୍ଭୁକ୍ତ ହୋଇନାହିଁ । ଯଦିଓ ନିକଟରେ ଟାକେଡା ଫାର୍ମାସ୍ୟୁଟିକାଲ୍ସର କ୍ୟୁଡେଙ୍ଗା ଭଳି କିଛି ଡେଙ୍ଗୁ ଟିକାକୁ ଭାରତରେ ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ) ର ଅନୁମୋଦନ ମିଳିଛି, ତଥାପି ଏହାର ସାର୍ବଜନୀନ ପ୍ରୟୋଗ ଏକ ବଡ଼ ଆହ୍ୱାନ । ଗୋଟିଏ ଷ୍ଟ୍ରେନ୍ ଥିବା ଭୂତାଣୁ ତୁଳନାରେ ଡେଙ୍ଗୁ ଟିକା ପ୍ରସ୍ତୁତ କରିବା ଅଧିକ ଜଟିଳ, କାରଣ ଏକ ପ୍ରଭାବଶାଳୀ ଟିକାକୁ ଏକାସାଙ୍ଗରେ ସମସ୍ତ ଚାରୋଟି ସେରୋଟାଇପ୍ ବିରୋଧରେ ସମାନ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିବାକୁ ପଡିବ । ଯଦି କୌଣସି ଗୋଟିଏ ସେରୋଟାଇପ୍ ବିରୋଧରେ ସୁରକ୍ଷା ଦୁର୍ବଳ ରହେ, ତେବେ ଟିକା ନେଇଥିବା ବ୍ୟକ୍ତିମାନେ ସେହି ଷ୍ଟ୍ରେନ୍ ଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ରହିବ । ନୂତନ ଅଧ୍ୟୟନ ଏହା ସ୍ପଷ୍ଟ କରୁଛି ଯେ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ସକ୍ରିୟ ସେରୋଟାଇପ୍ ଗୁଡିକର ନିରନ୍ତର ନିରୀକ୍ଷଣ କିପରି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯିବ । ପ୍ରମୁଖ ସେରୋଟାଇପ୍ ରେ ପରିବର୍ତ୍ତନ ସମୟ ସହିତ ଟିକାର କାର୍ଯ୍ୟକାରିତା ଏବଂ ମହାମାରୀର ତୀବ୍ରତାକୁ ପ୍ରଭାବିତ କରିପାରେ । ତେଣୁ ଥରେ ମାତ୍ର ଟିକାକରଣ ନୀତି ଆପଣାଇବା ପରିବର୍ତ୍ତେ ଭାରତକୁ ଏକ ନିରନ୍ତର ସର୍ବେକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି, ଯାହା ଅନେକ ଦେଶରେ ଇନ୍‌ଫ୍ଲୁଏଞ୍ଜା ସର୍ବେକ୍ଷଣ ଭଳି ଟୀକାକରଣ ନୀତିକୁ ମାର୍ଗଦର୍ଶନ କରିପାରିବ ।

ପରିଶେଷରେ ଏହା ସ୍ପଷ୍ଟ ଯେ ଭାରତର ଡେଙ୍ଗୁ ସମସ୍ୟା ଏବେ କେବଳ ମଶାମାନଙ୍କ ସଂଖ୍ୟା ଉପରେ ନିର୍ଭରଶୀଳ ନୁହେଁ । ଏହା କ୍ରମାଗତ ଭାବରେ ଭୂତାଣୁର ବିବର୍ତ୍ତନ, ମାନବ ରୋଗ ପ୍ରତିରୋଧକ ଶକ୍ତି ଏବଂ ବଦଳୁଥିବା ସଂକ୍ରମଣ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହେଉଛି । ବିଭିନ୍ନ ପରିବେଶରେ ଏକାଧିକ ସେରୋଟାଇପ୍ ର ବ୍ୟାପକ ସଞ୍ଚାର ପ୍ରମାଣ କରୁଛି ଯେ ଏହି ଭୂତାଣୁ ନିଜର ଚେରକୁ ଆହୁରି ମଜବୁତ କରିସାରିଲାଣି । ଏହି ଜଟିଳ ଆହ୍ୱାନର ମୁକାବିଲା ପାଇଁ କେବଳ ପାରମ୍ପରିକ ମଶା ନିୟନ୍ତ୍ରଣ ପଦ୍ଧତି ଯଥେଷ୍ଟ ନୁହେଁ । ଏହା ବଦଳରେ ଉନ୍ନତ ଆଣବିକ ସର୍ବେକ୍ଷଣ, ସଠିକ୍ ତଥ୍ୟ ଭିତ୍ତିକ ନୀତି ନିର୍ଦ୍ଧାରଣ, ଜନସଚେତନତା ଏବଂ ଭବିଷ୍ୟତର ଟୀକାକରଣ ରଣନୀତି ଉପରେ ଗୁରୁତ୍ୱ ଦେବାର ସମୟ ଆସିଯାଇଛି । ଏହି ବଢୁଥିବା ଜନସ୍ୱାସ୍ଥ୍ୟ ବିପଦକୁ ସଫଳତାର ସହ ମୁକାବିଲା କରିବା ପାଇଁ ଏକ ସୁଚିନ୍ତିତ, ବୈଜ୍ଞାନିକ ତଥା ଦୀର୍ଘମିଆଦୀ ଦୃଷ୍ଟିକୋଣର ନିତାନ୍ତ ଆବଶ୍ୟକତା ରହିଛି ଯାହାଦ୍ୱାରା ଆଗାମୀ ଦିନରେ ଡେଙ୍ଗୁ ଜନିତ ମୃତ୍ୟୁ ଏବଂ ସଂକ୍ରମଣକୁ ରୋକାଯାଇପାରିବ ।

# ବିଶ୍ୱ ବିକଳ୍ପ ସନ୍ଧାନରେ ଭାରତ



ସୌମେନ୍ଦ୍ର ଜେନା

ପ୍ରତି ମୂହୁର୍ତ୍ତରେ, ପ୍ରତିଦିନ, ବିଶ୍ୱର ପରିସ୍ଥିତି ବଦଳିବାରେ ଲାଗିଛି । କିଏ, କେତେବେଳେ, କେଉଁଠି, କାହା ସହ ରହିବ, ସେ ବିଷୟରେ ଆକଳନ କରିବା ସମ୍ଭବପର ହେଉନାହିଁ । ଆଜି ବିଶ୍ୱନୀତି କହିଲେ କିଛି ଦର୍ଶନ, କିଛି ସିଦ୍ଧାନ୍ତ ନାହିଁ । ସବୁ ଦେଶ ନିଜ ସ୍ୱାର୍ଥ ନିଜ ସୁବିଧାକୁ ବିଶ୍ୱନୀତି ମନେକରିବାରେ ଲାଗିଛନ୍ତି । ଶୀତଳ ଯୁଦ୍ଧ ପରବର୍ତ୍ତୀ କାଳ ପୃଥିବୀରେ ଶାନ୍ତିର ସମୟ ହେବ ବୋଲି ଯେପରି ଆଶା କରାଯାଉଥିଲା ତାହାର ଚିତ୍ର ଓ ଚରିତ୍ର ଏବେ ବଦଳିଯାଇଛି । ଶକ୍ତି ସନ୍ତୁଳନ ବିଗିଡିଯିବା ହେତୁ ଆମେରିକା, ୟୁରୋପ ଏବଂ ନାଟୋ ସଦସ୍ୟ ଥିବା ରାଷ୍ଟ୍ରଗୁଡିକର ଆଧିପତ୍ୟ ଅଧିକ ବଢିବାରେ ଲାଗିଲା । ଅବଶ୍ୟ ନାଟୋ ବାହାରେ ଥିବା ଚୀନ, ଭାରତ, ଇରାନ, ଇସ୍ରାଏଲ, ଉତ୍ତର କୋରିଆ ପରି ରାଷ୍ଟ୍ରଗୁଡିକ ନିଜସ୍ୱ ଶକ୍ତି, କୂଟନୀତି ଓ ପରିଶ୍ରମ ବଳରେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ପ୍ରାୟ ୮୦ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ, ଶକ୍ତି ପ୍ରଦର୍ଶନରୁ ଦୂରରେ ରହି ନିଜର ଆର୍ଥିକ ଶକ୍ତିକୁ ବୃଦ୍ଧି କରିବାକୁ ମନୋନିବେଶ କରିଥିବା ଜାପାନ ଏବେ ପରିବର୍ତ୍ତିତ ବିଶ୍ୱସ୍ଥିତିକୁ ଦେଖି ନିଜର ପୁରୁଣା ଶକ୍ତି କେନ୍ଦ୍ରକୁ ଫେରିବାକୁ ପ୍ରୟାସ ଆରମ୍ଭ କରିଦେଇଛି । ଗୋଟିଏ ପଟେ ଆମେରିକାର ଏକାଧିପତ୍ୟକୁ ପ୍ରାଧାନ୍ୟ, ଅନ୍ୟପଟେ ରୁଷିଆ ନିଜର ପୁରୁଣା ସମ୍ମାନ ପାଇଁ ସଂଘର୍ଷରତ ଥିଲାବେଳେ ଚୀନ ଉଭୟ ଆମେରିକା ଓ ରୁଷିଆର ସହଯୋଗୀ ଭାବେ ଏବଂ ଦ୍ୱିତୀୟ ଆର୍ଥିକ ମହାଶକ୍ତି ହୋଇ ଛିଡା ହେବାକୁ ସକ୍ଷମ ହୋଇଛି । ଫଳତଃ ଆଗାମୀ ଦିନରେ ଆମେରିକାକୁ ଅତିକ୍ରମ କରି ଅନେକ କ୍ଷେତ୍ରରେ ଚୀନ ପ୍ରାଧାନ୍ୟ ବିସ୍ତାର କରିବ ଯାହା ଏବେଠୁ ସ୍ପଷ୍ଟ ହେଲାଣି । ଏସବୁ ଶକ୍ତିର ଅସନ୍ତୁଳନ ମଧ୍ୟରେ ଭାରତ ନିଜର ଶକ୍ତି, ସାମର୍ଥ୍ୟ, ସୁରକ୍ଷା, ଅର୍ଥନୀତି ଆଦି ସବୁକ୍ଷେତ୍ରରେ ଆତ୍ମନିର୍ଭର ହେବାପାଇଁ ପ୍ରୟାସ କରୁଛି । ଗୋଟିଏ ପଟେ ଟ୍ରମ୍ପ ପ୍ରଶାସନର ଅହଙ୍କାରବାଦୀ ନୀତି ଏବଂ ଆରପଟେ ବନ୍ଧୁରାଷ୍ଟ୍ର ରୁଷିଆର ସଂଘର୍ଷ ମଧ୍ୟରେ ଭାରତ ନିଜକୁ ଦୁଇ ମହାଶକ୍ତିଙ୍କ ମଝିରେ ସଂପର୍କକୁ ସନ୍ତୁଳିତ ସ୍ଥିତିରେ ରଖିବାକୁ ଚେଷ୍ଟା କରୁଛି । ସେଥିପାଇଁ ସାରା ପୃଥିବୀରେ ନୂଆ ନୂଆ ବିକଳ୍ପର ସନ୍ଧାନରେ ରହିଛି । ଶକ୍ତି, ମୂଲ୍ୟବାନ ଖଣିଜ ବସ୍ତୁ, ପ୍ରତିରକ୍ଷା ସାମଗ୍ରୀ, ମହାକାଶ ଗବେଷଣା, ଢାଞ୍ଚାଗତ ନିର୍ମାଣ ଆଦି ବହୁବିଧ କ୍ଷେତ୍ରରେ ଆପଣାର ନିଜସ୍ୱ ଶକ୍ତି ବୃଦ୍ଧି କରିବାରେ ଲାଗିଛି । ସେଥିପାଇଁ ଛୋଟ ବଡ ବହୁ ରାଷ୍ଟ୍ରଙ୍କ ସହ ସଂପର୍କ ସ୍ଥାପନ କରି ନିଜସ୍ୱ କୂଟନୀତି, ବାଣିଜ୍ୟ, ଶିକ୍ଷା, ସୁରକ୍ଷା, ଅର୍ଥନୀତି ପରି ଅନେକ ବିଷୟରେ ଆପଣାର ପ୍ରତିଷ୍ଠା ପଛରେ ଲାଗିରହିଛି ।

କେନ୍ଦ୍ର ସରକାର ଗୋଟିଏ ପଟେ ଆମେରିକା ପରି ବାହାରକୁ ବନ୍ଧୁ, ଭିତରେ ଶତ୍ରୁ ପରି ଚିନ୍ତା ରଖୁଥିବା ରାଷ୍ଟ୍ରକୁ ସାମ୍ନା କଲାବେଳେ ଅପରପକ୍ଷେ ରୁଷିଆ ପରି ପୁରୁଣା ବନ୍ଧୁରାଷ୍ଟ୍ର ସହ ଛିଡା ହୋଇଛନ୍ତି ଯୁଦ୍ଧ ସମୟରେ । ରୁଷିଆର ଅର୍ଥନୀତିକୁ ସାହାଯ୍ୟ କରିବାକୁ ତୈଳକ୍ରୟ, ଅସ୍ତ୍ରକ୍ରୟ, ଇଞ୍ଜିନିୟରିଂ ଯନ୍ତ୍ରାଂଶ ଯୋଗାଣ, ଦକ୍ଷ ଶ୍ରମଶକ୍ତି ଯୋଗାଣ ପରି କାର୍ଯ୍ୟକୁ ଭାରତ ସରକାର ଜାରି ରଖିଛନ୍ତି । କାରଣ ଆଜି ବିଶ୍ୱ ବହୁପକ୍ଷୀୟ ହୋଇଛି ଗୋଟିଏ ରାଷ୍ଟ୍ର ଅନ୍ୟ ଉପରେ ନିର୍ଭରଶୀଳ ହେବାପରେ ଅଯଥା କଟକଣା, ଟାରିଫ ଯୁଦ୍ଧକୁ ସମ୍ମୁଖୀନ ହେବାକୁ ପଡୁଛି । ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ଅସ୍ଥିର କରି ରଖିଥିବା ସମୟରେ ଯୋଗାଣଜନିତ ହ୍ରାସ ଯୋଗୁ ବିଶ୍ୱସାରା ଦରବୃଦ୍ଧି ହେବାରେ ଲାଗିଛି । ଏସବୁକୁ ଦୃଷ୍ଟିରେ ରଖି ଭାରତ ୟୁରୋପର ରାଷ୍ଟ୍ରଗୁଡିକ ସହ ମୁକ୍ତବାଣିଜ୍ୟ ବୁଝାମଣା, ଅନେକ ରାଷ୍ଟ୍ର ସହ ରଣନୀତିକ ସଂପର୍କ ସ୍ଥାପନ କରିବାରେ ଲାଗିପଡିଛି । ଯେଉଁ ଦେଶଗୁଡିକୁ ଭାରତର ରାଷ୍ଟ୍ରମୁଖ୍ୟମାନେ ଅତୀତରେ ଗସ୍ତ କରିନଥିଲେ, ସେ ସବୁକୁ ଖୋଜି ମୋଦି ଗସ୍ତ କରିବାରେ ଲାଗିଛନ୍ତି । ଏହାର କାରଣ ହେଲା ସଂଖ୍ୟାଧିକ ବାଣିଜ୍ୟ ସହଯୋଗୀଙ୍କୁ ବିକଳ୍ପ ଭାବେ ଛିଡାକରିବା । ବଡ ବଡ ରାଷ୍ଟ୍ରଗୁଡିକର ଆଭ୍ୟନ୍ତରୀଣ ଅସ୍ଥିରତା କିମ୍ବା ରାଜନୈତିକ କଟକଣା ସରକାରକୁ କେନ୍ଦ୍ରକରି ବଦଳୁଥିବା ଯୋଗୁ କେଉଁ ମୁହୂର୍ତ୍ତରେ କେଉଁ ଦେଶ କାହା ସହିତ ରହୁଛି ତାହା ଜାଣିବା କଷ୍ଟକର । ତେଣୁ ବ୍ୟବସାୟ-ବାଣିଜ୍ୟ, ଲୋକଙ୍କ ରୋଜଗାର, ଶିଳ୍ପପାଇଁ ଆବଶ୍ୟକ ଖଣିଜ ସଂପଦ ଯୋଗାଣ ଏବଂ ବିଶ୍ୱବଜାରରେ ସେସବୁର ବିକ୍ରି ପାଇଁ ସକ୍ରୀୟ ବିଦେଶନୀତି ଦରକାର ।

କୋରୋନା ପରବର୍ତ୍ତୀ ସମୟରେ ଚୀନର ଖଣିଜ ଦ୍ରବ୍ୟ ଯୋଗାଣକୁ କଟକଣାଯୁକ୍ତ କରାଯିବା, ଆମେରିକା ଦ୍ୱାରା ବାଣିଜ୍ୟ ଶୁଳ୍କ ଲଗାଯିବା. ୟୁରୋପର ରାଷ୍ଟ୍ରଗୁଡିକ ରୁଷିଆର ତୈଳ ବିକ୍ରିକୁ ଭିନ୍ନ ଦୃଷ୍ଟିରେ ଦେଖିବା, ନାଟୋ ମେଣ୍ଟର ରାଷ୍ଟ୍ରଗୁଡିକ ରୁଷିଆର ବାଣିଜ୍ୟକୁ ୟୁକ୍ରେନ ଯୁଦ୍ଧ ସହ ଯୋଡିବା ଯୋଗୁ ବିଶ୍ୱରେ ଆର୍ଥିକ ଅସ୍ଥିରତା ଦେଖାଦେଇଛି । କୋରୋନା ପରେ ଅର୍ଥନୀତିକୁ ସଜାଡିବା ପାଇଁ ପ୍ରୟାସର ଦେଶଗୁଡିକ ଦୀର୍ଘ ସମୟ ଧରି ୟୁକ୍ରେନ-ରୁଷିଆ ଏବଂ ଇରାନ-ଇସ୍ରାଏଲ-ଆମେରିକାର ଯୁଦ୍ଧ, ଇସ୍ରାଏଲ-ପାଲେଷ୍ଟାଇନ-ଲେବାନନ ଯୁଦ୍ଧ, ୟେମେନ-ସାଉଦି ଆରବ ଯୁଦ୍ଧ, ସିରିଆରେ ବହୁରାଷ୍ଟ୍ରର ଯୁଦ୍ଧ ଯୋଗୁ ବିଶେଷ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ତେଣୁ ଅନେକ ବିକାଶଶୀଳ ଏବେ ସ୍ୱାଭିମାନୀ ରାଷ୍ଟ୍ର ନିଜସ୍ୱ ଉତ୍ପାଦନକୁ ବୃଦ୍ଧିକରି ଆମଦାନୀକୁ ହ୍ରାସ କରିବା ଉପରେ ଏବେ ଜୋର ଦେବାକୁ ଲାଗିଲେଣି ଯେମିତିକି ଜାପାନ ଦୀର୍ଘ ଅଶୀ ବର୍ଷ ପରେ ନିଜର ଆତ୍ମରକ୍ଷା ନୀତିକୁ ଜୋରଦେଇ ଆମେରିକା ସହଯୋଗରେ ସୁରକ୍ଷା ବଳୟରୁ ହଟି ନିଜସ୍ୱ ସେନାସଂଖ୍ୟା ବୃଦ୍ଧି ସହ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ଜୋରଦେବାପାଇଁ ବିଦେଶନୀତିରେ ପରିବର୍ତ୍ତନ ଆଣିଛି । ଏହାର ସୁଯୋଗ ନେବାପାଇଁ ଭାରତ ଜାପାନକୁ ନିମନ୍ତ୍ରଣ କରି ନିଜ ଦେଶରେ ଜାପାନୀ ଅସ୍ତ୍ର ନିର୍ମାଣର ସୁଯୋଗ ଦେବାକୁ କହିଛି । ଜାପାନର ଶ୍ରମିକ ସଂଖ୍ୟା ହ୍ରାସ ଯୋଗୁ ସେଠାକାର କମ୍ପାନୀ ଭାରତକୁ ଦ୍ୱିତୀୟ ନିର୍ମାଣ ସ୍ଥଳୀ ଭାବେ ବାଛିବାକୁ ଚାହୁଁଛନ୍ତି । ଏ ଦିଗରେ ହୋଣ୍ଡା, ସୁଜୁକୀ ଆଦି କମ୍ପାନୀ ସଫଳ ମଧ୍ୟ ହୋଇଛନ୍ତି । ଯେମିତି ଭାରତରେ ବୁଲେଟ ଟ୍ରେନ ନିର୍ମାଣ, ଉଭୟ ଜଳ ଓ ସ୍ଥଳରେ ଅବତରଣ କରିପାରୁଥିବା ଜାପାନୀ ବିମାନର ଭାରତରେ ନିର୍ମାଣ ଉପରେ ଭାରତ ଜୋର ଦେଉଛି, ଯାହା ଭାରତର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ । ସେହିପରି ଅଷ୍ଟ୍ରେଲିଆର ଖଣିଜ ସଂପଦ, ନିଉଜିଲାଣ୍ଡର କୃଷି ଓ ପଶୁପାଳନ, ସ୍ୱିଜରଲାଣ୍ଡର ଟେକ୍‌ନୋଲୋଜୀ, ୟୁରୋପୀୟ ରାଷ୍ଟ୍ର ଗୁଡିକରେ ବିଦେଶୀ ପ୍ରକଳ୍ପରେ ନିବେଶ ପାଇଁ ରହିଥିବା ସ୍ୱାଧୀନ ପାଣ୍ଠି ଉପରେ ଭାରତ ସରକାର ଦୃଷ୍ଟି ରଖି କାର୍ଯ୍ୟ କରୁଛନ୍ତି ।

ଏହାଛଡା ଭାରତର ଶତ୍ରୁ ରାଷ୍ଟ୍ର ଗୋଷ୍ଠୀ ପାକ୍-ଚୀନ ଏବଂ ତୁର୍କୀ-ଆଜରବୈଜାନ ଏବଂ ପାକିସ୍ଥାନର ଭାରତ ବିରୋଧୀ ଷଡଯନ୍ତ୍ରକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ସେଠାକାର ଦୁର୍ବଳ ନାଡୀଗୁଡିକୁ ଭାରତ ସରକାର ଚିପିବାରେ ଲାଗିଛନ୍ତି । ତେଣୁ ଚୀନର ନାଲି ଆଖି ଯୋଗୁ ଦକ୍ଷିଣ ଚୀନ ସାଗର ନିକଟସ୍ଥ ରାଷ୍ଟ୍ର ଇଣ୍ଡୋନେସିଆ, ଭିଏତନାମ, ଫିଲିପାଇନ୍ସ ସମେତ ଜାପାନ ଏବଂ ତାଇୱାନ ଆଦି ରାଷ୍ଟ୍ର ସହ ବ୍ୟାପାରିକ ସଂପର୍କ ସୁଦୃଢ କରିବାକୁ ଭାରତ ସରକାର ଉଦ୍ୟମ କରୁଛନ୍ତି । ଏହିକ୍ରମରେ ଫିଲିପାଇନ୍ସ, ଭିଏତନାମ ଏବଂ ଇଣ୍ଡୋନେସିଆକୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଶକ୍ତିଶାଳୀ କରାଯାଉଥିବା ସମୟରେ ଆଫଗାନିସ୍ଥାନ ପରି ରାଷ୍ଟ୍ରକୁ ଆବଶ୍ୟକ ଖାଦ୍ୟସାମଗ୍ରୀ, ଔଷଧ, କୃଷିବିଜ୍ଞାନ ସହ ଆନ୍ତର୍ଜାତିକ କ୍ଷେତ୍ରରେ କୂଟନୀତିକ ସହାୟତା ପ୍ରଦାନ କରାଯାଉଛି । ଠିକ୍ ସେହିପରି ତୁର୍କୀ-ଆଜରବୈଜାନ-ପାକିସ୍ଥାନୀ ମେଣ୍ଟ ଯୋଗୁ ଆର୍ମେନିଆ, ଗ୍ରୀସ୍,ସାଇପ୍ରସ ଓ ପର୍ତ୍ତୁଗାଲ ପରି ଦେଶ ସଙ୍କଟରେ ଥିଲାବେଳେ ଭାରତ ସେହି କ୍ଷେତ୍ରରେ ନିଜର ଶକ୍ତି ବୃଦ୍ଧି ପାଇଁ ଏହିସବୁ ରାଷ୍ଟ୍ରକୁ ଇସ୍ରାଏଲ ସହ ଯୋଡି ନୂତନ ମେଣ୍ଟ ଗଠନ ପାଇଁ ପ୍ରୟାସ ଚଳାଇଛି । ଆର୍ମେନିଆ ସମେତ ଅନ୍ୟ ରାଷ୍ଟ୍ରଗୁଡିକରେ ବନ୍ଦର ନିର୍ମାଣ, ଅସ୍ତ୍ରଶସ୍ତ୍ର ଯୋଗାଣ, ବାଣିଜ୍ୟରେ ସହଯୋଗ, ଶିକ୍ଷା, ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ଗବେଷଣା ଏବଂ ସହଯୋଗ ବୃଦ୍ଧି, ଚିକିତ୍ସା ଏବଂ ଶ୍ରମଶକ୍ତି ଯୋଗାଣ କ୍ଷେତ୍ରରେ କାର୍ଯ୍ୟକରିବା ପାଇଁ ପ୍ରୟାସ ଜାରି ରଖିଛି । ଫଳସ୍ୱରୂପ ବାରମ୍ବାର ଯୁଦ୍ଧର ସମ୍ମୁଖୀନ ହେଉଥିବା ଇସ୍ରାଏଲ ଏବେ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ ଭାରତରେ ନିଜର କ୍ଷେପଣାସ୍ତ୍ର ନିର୍ମାଣ କରି ଇସ୍ରାଏଲକୁ ନେବାପାଇଁ ପ୍ରୟାସ ଚଳାଇଛି । ସେହିପରି ଆମେରିକାର ଆର୍ଥିକ ଧମକକୁ ଆଗାମୀ ଦିନରେ ଦୁର୍ବଳ କରିବା ପାଇଁ ଏବେଠାରୁ ବହୁ ରାଷ୍ଟ୍ର ସହ ୟୁପିଆଇକୁ ଯୋଡିବା ଏବଂ ଦେଣନେଣ ପାଇଁ ଡିଜିଟାଲ ମୁଦ୍ରା ଉପରେ ଜୋର ଦେବାକୁ ବ୍ରିକ୍ସର ଉଦ୍ୟମରେ ଭାରତ ସାମିଲ ହୋଇଛି । ଦୀର୍ଘବର୍ଷ ଧରି ଭାରତର ବାହାରେ ପଡିରହିଥିବା ସୁନାକୁ ସରକାର ପର୍ଯ୍ୟାୟକ୍ରମେ ଭାରତକୁ ଫେରାଇ ଆଣିବାପାଇଁ ଲାଗିପଡିଛନ୍ତି । ଯେଉଁ ଦେଶଗୁଡିକରେ ଭାରତର ଶତ୍ରୁରାଷ୍ଟ୍ର ପାକ୍ -ବଙ୍ଗଳାଦେଶର ଅଧିକ ବାଣିଜ୍ୟ ରହିଛି, ସେହିସବୁ ଦେଶ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ସେଠାରେ ଶତ୍ରୁ ରାଷ୍ଟ୍ରମାନଙ୍କର ବଜାରରେ ପ୍ରବେଶକୁ ସଂକୁଚିତ କରିବା ପାଇଁ ଭାରତ ପକ୍ଷରୁ ଚେଷ୍ଟା ଜାରିରହିଛି ।

ଗୋଟିଏ ପଟେ ଦେଶରେ ଆର୍ଥିକ, ରାଜନୈତିକ, ସାମରିକ, ଶିଳ୍ପଗତ ସ୍ଥିତିକୁ ସୁଦୃଢ କରିବାକୁ ସରକାର ଜୋର ଦେବାବେଳେ ଅପରପକ୍ଷେ ବିଦେଶରେ ସହଯୋଗୀ ରାଷ୍ଟ୍ରଗୁଡିକର ଆବଶ୍ୟକତା ପୂରଣ ପାଇଁ ଗୁରୁତ୍ୱ ଦେଉଛନ୍ତି । ବିଶ୍ୱମଞ୍ଚରେ ଭାରତର ସ୍ଥିତିକୁ ସୁଦୃଢ କରିବା ପାଇଁ ବିଦେଶନୀତିକୁ ଆବଶ୍ୟକ ମୁତାବକ ପରିବର୍ତ୍ତନ କରାଯାଉଛି । କୂଟନୀତିକ କ୍ଷେତ୍ରରେ ଦେଶର ସ୍ଥିତିକୁ ମଜଭୁତ କରିବାକୁ ଆମେରିକା ଏବଂ ପାଶ୍ଚାତ୍ୟ ଜଗତକୁ ରୋକଠୋକ୍ ଶବ୍ଦରେ ଉତ୍ତର ପ୍ରଦାନ କରାଯାଉଛି । ସେମାନଙ୍କ ସ୍ୱାର୍ଥପର ନୀତିକୁ ସମାଲୋଚନା କରାଯାଉଛି । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଦେଶ ସହ ଭଲ ସଂପର୍କ ରକ୍ଷାକରି ସେମାନଙ୍କ ସମର୍ଥନ ବିଶ୍ୱମଞ୍ଚରେ ସଂଗ୍ରହ କରାଯାଉଛି । ସେମାନଙ୍କ ବିକାଶପାଇଁ ମଧ୍ୟ ଭାରତ ଆର୍ଥିକ, ସାମରିକ, ବୈଷୟିକ ସହାୟତା ଯୋଗାଇ ଦେଉଛି । ତେଣୁ ଭାରତ ଆଜି ଗୋଟିଏ ଦୁଇଟି ଅଥବା ଅଳ୍ପ କିଛି ଦେଶ ମଧ୍ୟରେ ନିଜକୁ ସୀମିତ ନକରି ଛୋଟ-ବଡ ଅନେକ ରାଷ୍ଟ୍ରସହ ନିଜକୁ ଯୋଡି ବିକଳ୍ପ ବ୍ୟବସ୍ଥା ନିର୍ମାଣ ପାଇଁ ଅନେକ ସମୟରେ ଯୁକ୍ତି ବାଢୁଛି, ଯାହାକୁ ଅନେକ ପସନ୍ଦ ମଧ୍ୟ କରୁଛନ୍ତି । ଏକବିଂଶ ଶତାବ୍ଦୀରେ ଆମେରିକା ଏବଂ ରୁଷିଆ କ୍ରମଶଃ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହେବାକୁ ଲାଗିଥିବା ସ୍ଥଳେ ଚୀନ ଏବଂ ଭାରତ ପାଇଁ ବିକଳ୍ପ ଶକ୍ତି ଭାବେ ବିଶ୍ୱରେ ମୁଣ୍ଡଟେକିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଚୀନ ଏହାର ସୁଯୋଗକୁ ତ୍ୱରିତ କରି ଅଧିକ ସଫଳ ହେବାକୁ ସକ୍ଷମ ହୋଇଛି । ଭାରତ ଏହି ସୁଯୋଗକୁ ଉପଯୋଗ କରିବାରେ ଯଥେଷ୍ଟ ସମୟ ନେବା ଯୋଗୁ ବିକାଶର ଦୌଡରେ ଚୀନର ପଛରେ ରହିଛି । ବାଣିଜ୍ୟିକ ପରିବହନ ଜାହାଜ, ସାମରିକ ପରିବହନ ବିମାନ, ଗଭୀର ବନ୍ଦର ନିର୍ମାଣ, ସେମିକଣ୍ଡକ୍ଟର ନିର୍ମାଣ ଯାହା ଚିକିତ୍ସା ଯନ୍ତ୍ରପାତି ଏବଂ ଉପକରଣ ନିର୍ମାଣ ପରି ଅନେକ କ୍ଷେତ୍ର ରହିଛି ଯେଉଁଠି ପୂର୍ବରୁ ଶୂନ୍ୟ ଉତ୍ପାଦନ ରହିଥିଲା ଯାହା ଏବେ ଆରମ୍ଭ ହୋଇଛି । ସବୁକ୍ଷେତ୍ରରେ ନିଜକୁ ବିକଳ୍ପ କରି ଗଢିତୋଳିବା ସହ ଆବଶ୍ୟକ ବିକଳ୍ପର ସୁଯୋଗଗୁଡିକୁ ଠିକଣା ଭାବେ ଉପଯୋଗ କରିବାକୁ ଭାରତ ଅଧିକ ଜୋରଦେବା ଦରକାର ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସଂସଦ ବାଧିତ ହେଲେ ସାଂସଦଙ୍କ ଭତ୍ତା କଟାଯାଉ !



ଗୋପାଳ ମହାପାତ୍ର

ଭାରତୀୟ ସଂସଦ ଦେଶର ସଂପ୍ରଭୁତା, ଗଣତାନ୍ତ୍ରିକ ମୂଲ୍ୟ ଏବଂ ଜନ ଆକାଂକ୍ଷାର ପ୍ରତୀକ ଅଟେ । ବିଗତ କିଛି ବର୍ଷହେବ ସଂସଦ ଭିତରେ ଗତିରୋଧ (ହଟ୍ଟଗୋଳ) ବଢୁଥିବା କାରଣରୁ ଉତ୍ପାଦକତା କମିବା ଫଳରେ ଦେଶର ଟିକସଦାତାଙ୍କ ଅର୍ଥର ଅସଦୁପଯୋଗ ଏବଂ ଜନପ୍ରତିନିଧି ମାନଙ୍କର ଉତ୍ତରଦାୟୀତ୍ୱକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ସଂସଦ ଚାଲିବା ପାଇଁ ବ୍ୟାପକ ଅର୍ଥ ବ୍ୟୟ ହୋଇଥାଏ । ବଜେଟ ଆକଳନ ଅନୁସାରେ ଏବଂ ସଂସଦୀୟ ତଥ୍ୟ ଅନୁସାରେ ସଂସଦର ଉଭୟ ସଦନ ଲୋକସଭା ଏବଂ ରାଜ୍ୟସଭା ଚାଲିବା ପାଇଁ ପ୍ରତିମିନିଟକୁ ଆନୁମାନିକ ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଅର୍ଥାତ୍ ପ୍ରତିଘଣ୍ଟା ପାଇଁ ଦେଢ଼ କୋଟି । ଏହି ହିସାବରେ ଗୋଟିଏ ଦିନ ସଂସଦ ଚାଲିବା ପାଇଁ ଖର୍ଚ୍ଚ ୯ କୋଟି ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । ଏହି ଖର୍ଚ୍ଚ ମଧ୍ୟରେ ସଂସଦଙ୍କ ବେତନ-ଭତ୍ତା, ସଂସଦ ଭବନର ସୁରକ୍ଷା, ରକ୍ଷଣାବେକ୍ଷଣ, ସଂସଦ ସଚିବାଳୟର କର୍ମଚାରୀ-ଅଧିକାରୀ, ମୁଦ୍ରଣ ଏବଂ ଅଧିଶେନ ସମୟରେ ହେଉଥିବା ଅନ୍ୟାନ୍ୟ ଖର୍ଚ୍ଚ ସାମିଲ ରହିଛି । ଯେତେବେଳେ କୌଣସି କାରଣରୁ ସଂସଦ କାର୍ଯ୍ୟ ଚାଲିପାରିନଥାଏ ସେତେବେଳେ ଏସବୁ ଅର୍ଥବ୍ୟୟ ବ୍ୟର୍ଥ ହୋଇଯାଏ । ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ସଂସଦ କାର୍ଯ୍ୟ ଯେଉଁ ଦିନ ଚାଲିନପାରିବ ସେଦିନର କାରଣ ସାଂସଦଙ୍କ ଭତ୍ତା କାଟି ଦିଆଯିବା ଉଚିତ୍ କି ? ଏହି ପ୍ରଶ୍ନ ଭାରତୀୟ ଗଣତନ୍ତ୍ରରେ ଏକ ଜ୍ୱଳନ୍ତ ପ୍ରସଙ୍ଗ ପାଲଟିଛି । ଏହାର ଦୁଇଟି ପକ୍ଷ ରହିଛି । ସକାରାତ୍ମକ ପକ୍ଷ (ଭତ୍ତା କାଟିବା) ହେଉଛି କର୍ପୋରେଟ କ୍ଷେତ୍ର ବା ଅନ୍ୟ ସବୁ ସଂଗଠିତ କ୍ଷେତ୍ରରେ 'କାମ ନାହିଁ ତ ଦରମା ନାହିଁ' ନିୟମ ଲାଗୁ ହେଉଛି । ସକାରାତ୍ମକ ପକ୍ଷ ପାଇଁ ତର୍କ ହେଉଛି ଯେତେବେଳେ ଦେଶର ଟିକସଦାତାଙ୍କ ଅର୍ଥରୁ ସାଂସଦ ମାନଙ୍କୁ ପ୍ରତିଦିନ ସଂସଦ ଉପସ୍ଥିତି ଭତ୍ତା ଏବଂ ଅନ୍ୟ ସୁବିଧା ମିଳୁଛି ସେତେବେଳେ ବିନା କାମ କରି ଏହି ଭତ୍ତା ଓ ଅନ୍ୟ ସୁବିଧା ସୁଯୋଗ ନେବା ଭୁଲ ନିଶ୍ଚୟ । ସଂସଦ ଯେଉଁ ଦିନ ଚାଲିନପାରୁଛି ସେଦିନର ସାଂସଦ ମାନଙ୍କ ଭତ୍ତା କାଟି ଦିଆଯିବା ଉଚିତ୍ । ଏପରି ହେଲେ ସାଂସଦଙ୍କ ଉତ୍ତରଦାୟୀତ୍ୱ ବଢ଼ିବ । ନକାରାତ୍ମକ ପକ୍ଷ ହେଉଛି ସଂସଦୀୟ ଗଣତନ୍ତ୍ରରେ ବୌଧ ବେଢଧ ଅଟେ । ଅନେକ ସମୟରେ ବିରୋଧିଙ୍କୁ ସେମାନଙ୍କ ପକ୍ଷ ରଖିବାର ସୁଯୋଗ ଦିଆଯାଇ ନଥାଏ । ଫଳତଃ ବାଧ ହୋଇ ସେମାନେ ବିରୋଧ ପ୍ରଦର୍ଶନ କରିଥାନ୍ତି । ସାଂସଦଙ୍କ କାମ କେବଳ ସଂସଦରେ ଉପସ୍ଥିତ ହେବା ବା ବସିବା ନୁହେଁ ସେମାନେ ବିଭିନ୍ନ ସଂସଦୀୟ କମିଟିରେ ମଧ୍ୟ କାର୍ଯ୍ୟ କରିଥାନ୍ତି ଏବଂ ନିର୍ବାଚନ କ୍ଷେତ୍ରର ସମସ୍ୟା ମଧ୍ୟ ନିବାରଣ କରିଥାନ୍ତି । ବଜେଟ ବା ଗୁରୁତ୍ୱପୂର୍ଣ୍ଣ ଆଇନ ଯେତେବେଳେ ବିନା ଆଲୋଚନାରେ 'ଗିଲୋଟିନ' ମାଧ୍ୟମରେ ଗୃହୀତ ହୋଇଥାଏ ସେତେବେଳେ କେବଳ ଆର୍ଥୀକ କ୍ଷତି ହୋଇନଥାଏ ବରଂ ଗଣତାନ୍ତ୍ରିକ ମୂଲ୍ୟର ହନନ ବୋଲି କୁହାଯାଏ । ୨୦୨୪ର ଲୋକସଭା ନିର୍ବାଚନ ପରେ ଗଠିତ ୧୮ଶ ଲୋକସଭାରେ ବିରୋଧି ଦଳମାନେ ପୂର୍ବବର୍ତ୍ତୀ ସମୟ ଅପେକ୍ଷା ନିଜର ସ୍ୱର (ବିରୋଧ)କୁ ଅଧିକ ମଜଭୁତ କରିଛନ୍ତି । ବଜେଟ ଅଧିବେଶନ (୨୦୨୪)ରେ ଲୋକସଭା ଏବଂ ରାଜ୍ୟସଭା କ୍ରମଶଃ ୨୨ ଏବଂ ୨୦ ଦିନ ଚାଲିଥିଲା । କିନ୍ତୁ ୨୦୨୬ର ବଜେଟ ଅଧିବେଶନ ବେଳେ ବିରୋଧି ଏବଂ ଶାସକ ଦଳଙ୍କ ମଧ୍ୟରେ ଟଣାଓଟରା ହଟ୍ଟଗୋଳ କାରଣରୁ ପାଖାପାଖି ୨୦ରୁ ୨୫ ଘଣ୍ଟା ନଷ୍ଟ ହୋଇଥିଲା । ଏହା ଟିକସଦାତାଙ୍କ ଅର୍ଥର ଅସତ୍ ଉପଯୋଗ ବା କ୍ଷତି କୁହାଯାଇପାରେ । ନିଟ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ବିବାଦ, ବିଭିନ୍ନ ପ୍ରସଙ୍ଗରେ ବିରୋଧିଙ୍କ ତୀବ୍ର ବିରୋଧ, ହିର୍ଡନବର୍ଗ ରିପୋର୍ଟ ଏବଂ ପୂର୍ବତନ ସେନାଧକ୍ଷଙ୍କ ପୁସ୍ତକ ଉପରେ ଚର୍ଚ୍ଚା ପାଇଁ ବିରୋଧିଙ୍କ ଦାବି ଏବଂ ସରକାରଙ୍କ ଚର୍ଚ୍ଚା ପାଇଁ ଅରାଜି କାରଣରୁ ସଦନକୁ ବାରମ୍ବାର ସ୍ଥଗିତ ହୋଇଥିଲା ।

ଭାରତୀୟ ସଂସଦର ଇତିହାସକୁ ଦେଖିଲେ ସ୍ପଷ୍ଟ ଯେ ପ୍ରଥମ ୩ଟି ଲୋକସଭା (୧୯୫୨ ରୁ ୧୯୬୭) ରେ ବାର୍ଷିକ ବୈଠକ ପାଖାପାଖି ୧୨୦ ଦିନରୁ ୧୩୦ ଦିନ ହେଉଥିଲା । ଏବେ ଏହା କ୍ରମେ କ୍ରମେ ହ୍ରାସ ପାଇ ୬୦ରୁ ୭୦ ଦିନରେ ରହିଯାଇଛି । ସଂସଦ ଅଚଳ ବା ଚାଲିନପାରିବାର କାରଣ ତତ୍କାଳିକ ରାଜନୈତିକ ବିବାଦ ନଥାଏ ବରଂ ଏହା ପଛରେ କିଛି ସଂସ୍ଥାଗତ ଏବଂ ରାଜନୈତିକ କାରଣ ରହିଥାଏ । ବିରୋଧିମାନେ ଅନେକ ସମୟରେ ଅଭିଯୋଗ କରୁଛନ୍ତି ଯେ ସରକାର ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦଶୀଳ ରାଷ୍ଟ୍ରୀୟ ପ୍ରସଙ୍ଗରେ ଚର୍ଚ୍ଚା ଚାହୁଁନାହାଁନ୍ତି । ଦେଶର ଟିକସ ଦାତାଙ୍କ ଅର୍ଥ ଦେଶ ନିର୍ମାଣ ପାଇଁ ରାଜନୈତିକ ଗତିରୋଧ କାରଣରୁ ଅପବ୍ୟୟ ପାଇଁ ଉଦ୍ଦିଷ୍ଟ ନୁହେଁ । ସଂସଦର ଉତ୍ପାଦକତାକୁ ସୁଧାରିବା ଏବଂ ଆର୍ଥୀକ କ୍ଷତି କୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ । ସଂସଦ ପାଇଁ ନ୍ୟୁନତମ କାର୍ଯ୍ୟ ଦିବସ ମଧ୍ୟ ଧାର୍ଯ୍ୟ କରାଯିବା ଉଚିତ୍ । ଯଦି କୌଣସି ସାଂସଦ ବା ଦଳ ଜାଣିଶୁଣି ବିନା କୌଣସି ଠୋସ୍ କାରଣରୁ ସଦନକୁ ବାଧିତ କରନ୍ତି ତେବେ ସେଇ ଅନୁପାତରେ ଦୈନିକ ଭତ୍ତା କଟାଯିବାର ବ୍ୟବସ୍ଥା କରାଯିବା ଉଚିତ୍ ।

ସବୁ ଗୁରୁତ୍ୱପୂର୍ଣ୍ଣ ବିଧେୟକକୁ ସଂସଦରେ ଗୃହୀତ କରାଯିବା ପୂର୍ବରୁ ବାଧ୍ୟତାମୂଳକ ଭାବେ ବିଭାଗ ସମ୍ବନ୍ଧିତ ସ୍ଥାୟୀ କମିଟି ନିକଟକୁ ପଠାଯିବା ଉଚିତ୍ ଫଳରେ ତା ଉପରେ କମିଟିର ବିଶେଷଜ୍ଞ ମାନେ ଚର୍ଚ୍ଚା କରି ପାରିବେ । ସଂସଦର ମର୍ଯ୍ୟଦା, ସର୍ବୋଚ୍ଚତା ଏବଂ ଉତ୍ପାଦକତା ପାଇଁ ଶାସକ ପକ୍ଷ ବିରୋଧିଙ୍କୁ ପର୍ଯ୍ୟାପ୍ତ ସମ୍ମାନ ଏବଂ ସମୟ ଦେବା ଉଚିତ୍ ଏବଂ ବିରୋଧ ମଧ୍ୟ କେବଳ ବିରୋଧି ପାଇଁ ବିରୋଧ କରିବା ପରିବର୍ତ୍ତେ ରଚନାତ୍ମକ ଆଲୋଚନା ପାଇଁ ଉଦ୍ୟମ ବା ଆଗ୍ରହ କରିବା ଆବଶ୍ୟକ ।

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪




## ମୁଁ ଓ ମୋର ସତ୍ତା

ରମାକାନ୍ତ ଦାସ



ଆଇନାରେ ଯେଉଁ ମୁହଁ ଦେଖୁଛି
ସେ କଣ ପ୍ରକୃତରେ ମୁଁ ?
ନା, ଏ କେବଳ ସମୟର ସ୍ରୋତରେ
ଭାସି ଆସିଥିବା
ଏକ ଅଜଣା ଚେହେରା,
ଯାହାକୁ ଦୁନିଆଁ ନାମ ଦେଇଛି 'ମୁଁ' ।
ଭିଡ଼ ଭିତରେ ହଜିଯାଏ ମୋର ସ୍ୱର,
ସଭ୍ୟତାର ଚକ୍ରରେ ପେଷି ହୁଏ ଅନ୍ତର ।
କେତେ ମୁଖା ପିନ୍ଧି,
କେତେ ଅଭିନୟ କରି,
ମୁଁ ଚାଲେ ଅନ୍ୟର ଇଙ୍ଗିତରେ,
ନିଜକୁ ହରାଇ, ନିଜକୁ ଗଢ଼ି ।

କିନ୍ତୁ ଗଭୀର ରାତିର ନିସ୍ତବ୍ଧତାରେ,
ଯେତେବେଳେ ଆଲୁଅ ସବୁ ଲିଭିଯାଏ,
ମୋ ଭିତରେ ଜାଗିଉଠେ
ଆଉ ଏକ ମୁଁ—
ଯିଏ କି ନିରାଭରଣ,
ଯିଏ କି ସତ୍ୟ ।

ସେଇ ଅସଲ ସତ୍ତା ମୋର,
ଯାହା କାହା ଅଧୀନ ନୁହେଁ,
ଯାହା କାହା ପ୍ରଶଂସାରେ ଫୁଲେ ନାହିଁ,
କି କାହାର ଅପବାଦରେ
ମଉଳେ ନାହିଁ ।

ମୁଁ କେବଳ ମୁଁ,
ଅସୀମ ଆକାଶର ଏକ ଛୋଟ ବିନ୍ଦୁ,
ନିଜ ଭିତରେ ନିଜକୁ
ଆବିଷ୍କାର କରିବାର,
ଏକ ସୁନ୍ଦର, ଅସମାପ୍ତ ସଂଗ୍ରାମ !

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ :୯୬୬୮୮୧୫୩୬୯

## କାକବାଣୀ

ବସନ୍ତ କୁମାର ପ୍ରଧାନ

ଜଗତ ହିତରେ ସାହିତ୍ୟକୁ ତୁମ
ଅଭିମନ୍ତ୍ରିତ କର
ତୁମ ସାଧନାରେ କଲମ ମୁନରେ
ସାଧ ହିତ ଜଗତର ।
ତୁମରି ବାଣୀରେ କ୍ରାନ୍ତିର କଥା
ରଖ ଆହ୍ୱାନର ଧ୍ୱନି
ନଚେତ ତୁମର କବିକର୍ମ ବୃଥା
ହୋଇ ଯିବ କାକବାଣୀ ।
ସମୂହର ସ୍ୱାର୍ଥ ଚିନ୍ତା ରଖି ମନେ
ହୋଇପାର କାଳଜୟୀ
ଠୁଙ୍ଗା ପରି ତୁମ ସାହିତ୍ୟ ନହେଉ
ବଞ୍ଚୁ ଆୟୁଷ୍ମାନ ହୋଇ ।
ଅସି ଠାରୁ ମସୀ ଅଟେ ଶକ୍ତିଶାଳୀ
ଏକଥା ଭୁଲି ନଯାଅ
କଲମ ଚାଳନା ନୁହଁଇ ସହଜ
ସିଦ୍ଧହସ୍ତ ହେବା ଚାହିଁ ।
ହୃଦୟକୁ ଯଦି ଛୁଇଁ ନପାରିଲା
ନ କରିଲା ରେଖାପାତ
କେବଳ ଯେ ବୃଥା ବୌଦ୍ଧିକ ବିଳାସେ
ହୋଇବ କାଳାତିପାତ ।
ଭୂମିରୁ ଭୂମାକୁ ପରିବ୍ୟାପ୍ତ ହେଉ
ତୁମ ଚେତନାର ଢେଉ
ସୁନ୍ଦର ପୃଥିବୀ ପରିକଳ୍ପନାରେ
ଏ ସୃଷ୍ଟି ମଙ୍ଗଳ ହେଉ ।
ମଧୁସ୍ରାବୀ ହେଉ ତୁମର ଲେଖନୀ
କହୁ ସତ୍ୟ ନ୍ୟାୟ ବାଣୀ
ସେ ପରିବର୍ତ୍ତନ ଆଣିବାରେ ହେଉ
ଉନ୍ମେଷର ଶଙ୍ଖଧ୍ୱନି ।
କାକ ରାବ ପରି ଅସାର କଥାକୁ
ଯଦି ତୁମେ ଲେଖି ଯାଅ
କାହିଁ ପାଇଁ କିଏ ତୁମ ସାହିତ୍ୟକୁ
କରିବ କୁହ ଆଗ୍ରହ ?

+ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ : ୭୭୩୫୬୧୧୪୮୪





# କାଳିଆର ମାୟା ଓ ଏକାଦଶୀର ମାହାତ୍ମ୍ୟ



**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**



"କାଳିଆର ମାୟା କିଏ ବା ବୁଝିଛି?"—ଏହି କଥାଟି କେବଳ ଏକ ପ୍ରବଚନ ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆ ଭକ୍ତଙ୍କ ହୃଦୟର ଗଭୀର ଅନୁଭବ। ଶ୍ରୀଜଗନ୍ନାଥ କେବଳ ପୁରୀର ଶ୍ରୀମନ୍ଦିରରେ ବିରାଜିତ ଏକ ଦେବବିଗ୍ରହ ନୁହଁନ୍ତି; ସେ ହେଉଛନ୍ତି ସମଗ୍ର ଓଡ଼ିଆ ଜାତିର ଆରାଧ୍ୟ ଦେବତା, କରୁଣାର ସାଗର, ଦୁଃଖୀର ସାହାରା ଏବଂ ଭକ୍ତର ପରମ ବନ୍ଧୁ। ତାଙ୍କର ଲୀଳା ଯେପରି ଅନନ୍ତ, ସେପରି ତାଙ୍କର ମାୟା ମଧ୍ୟ ଅସୀମ। ଜୀବନର ଅନେକ ଘଟଣାରେ ଆମେ ଯାହାକୁ କାକତାଳୀୟ ବୋଲି ଭାବୁ, ଭକ୍ତ ତାହାକୁ କାଳିଆର କୃପା ବୋଲି ବିଶ୍ୱାସ କରେ।

ଏକାଦଶୀ ହେଉଛି ସନାତନ ଧର୍ମର ଅତ୍ୟନ୍ତ ପବିତ୍ର ତିଥି। ପ୍ରତି ଚାନ୍ଦ୍ରମାସରେ ଦୁଇଥର ଆସୁଥିବା ଏହି ତିଥି ଭଗବାନ ବିଷ୍ଣୁଙ୍କ ଆରାଧନା ପାଇଁ ସମର୍ପିତ। ଶ୍ରୀଜଗନ୍ନାଥଙ୍କୁ ବିଷ୍ଣୁଙ୍କ ପୂର୍ଣ୍ଣାବତାର ରୂପେ ପୂଜା କରାଯାଉଥିବାରୁ ଏକାଦଶୀର ମହତ୍ତ୍ୱ ଶ୍ରୀକ୍ଷେତ୍ର ପୁରୀରେ ସ୍ୱତନ୍ତ୍ର ଭାବରେ ପାଳନ କରାଯାଏ। ଏହି ଦିନ କେବଳ ଉପବାସର ଦିନ ନୁହେଁ, ବରଂ ଆତ୍ମଶୁଦ୍ଧି, ଆତ୍ମନିୟନ୍ତ୍ରଣ ଓ ଈଶ୍ୱରଚିନ୍ତନର ଦିନ।

କାଳିଆର ମାୟାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି—ସେ ଜାତି, ଧର୍ମ, ଧନୀ-ଦରିଦ୍ର କିମ୍ବା ଉଚ୍ଚ-ନୀଚର ଭେଦଭାବ କରନ୍ତି ନାହିଁ। ତାଙ୍କ ଦୃଷ୍ଟିରେ ସମସ୍ତେ ସମାନ। ଯିଏ ନିଷ୍କପଟ ହୃଦୟରେ ତାଙ୍କୁ ଡାକେ, ସେ ତାଙ୍କ ଡାକ ନିଶ୍ଚୟ ଶୁଣନ୍ତି। ଇତିହାସ, ପୁରାଣ ଓ ଭକ୍ତମାନଙ୍କ ଜୀବନକାହାଣୀରେ ଏଭଳି ଅନେକ ଘଟଣା ମିଳେ, ଯେଉଁଠାରେ ମହାପ୍ରଭୁ ଅସହାୟଙ୍କ ସାହାଯ୍ୟ କରିଛନ୍ତି, ବିପଦରୁ ରକ୍ଷା କରିଛନ୍ତି ଏବଂ ଭକ୍ତର ବିଶ୍ୱାସକୁ ଅମର କରିଛନ୍ତି।

ଓଡ଼ିଆ ଲୋକଜୀବନରେ ମହାପ୍ରଭୁଙ୍କ ସହ ସମ୍ପର୍କ ଅତ୍ୟନ୍ତ ନିବିଡ଼। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁଭ କାର୍ଯ୍ୟରେ କାଳିଆଙ୍କ ନାମ ସ୍ମରଣ କରାଯାଏ। କାହାର ଘରେ ସୁଖ ଆସିଲେ କୁହାଯାଏ—"କାଳିଆର କୃପା।" ଦୁଃଖରେ ମଣିଷ କହେ—"କାଳିଆ ଭରସା।" ଏହି ବିଶ୍ୱାସ ହିଁ ଜଗନ୍ନାଥ ସଂସ୍କୃତିର ସବୁଠାରୁ ବଡ଼ ଶକ୍ତି।

ଏକାଦଶୀ ବ୍ରତର ମୂଳ ଉଦ୍ଦେଶ୍ୟ କେବଳ ଖାଦ୍ୟ ତ୍ୟାଗ କରିବା ନୁହେଁ। ପ୍ରକୃତ ଉପବାସ ହେଉଛି ଖରାପ ଚିନ୍ତାଧାରା, ଅହଙ୍କାର, କ୍ରୋଧ, ଲୋଭ ଓ ହିଂସାକୁ ତ୍ୟାଗ କରିବା। ଶରୀରକୁ ସଂଯମରେ ରଖିବା ସହିତ ମନକୁ ମଧ୍ୟ ପବିତ୍ର କରିବା ଆବଶ୍ୟକ। ଭକ୍ତି, ପ୍ରାର୍ଥନା, ଜପ, ଧ୍ୟାନ, ଗୀତା ଓ ଭାଗବତ ପାଠ, ଦାନ ଏବଂ ସେବା—ଏହି ସବୁ ହେଉଛି ଏକାଦଶୀ ବ୍ରତର ପ୍ରକୃତ ଅର୍ଥ।

ଶ୍ରୀମନ୍ଦିରରେ ଏକାଦଶୀ ଦିନର ନୀତିକାନ୍ତି ଭକ୍ତମାନଙ୍କୁ ଅଲଗା ଆଧ୍ୟାତ୍ମିକ ଅନୁଭୂତି ଦେଇଥାଏ। ଭକ୍ତମାନେ ଦୂରଦୂରାନ୍ତରୁ ଆସି ମହାପ୍ରଭୁଙ୍କ ଦର୍ଶନ କରନ୍ତି। କେହି ଫଳାହାର କରନ୍ତି, କେହି ନିର୍ଜଳ ଉପବାସ ରଖନ୍ତି, ଆଉ କେହି ଦିନସାରା ନାମସଂକୀର୍ତ୍ତନରେ ସମୟ ବିତାନ୍ତି। ସେହି ପବିତ୍ର ପରିବେଶରେ ମନେ ହୁଏ ସମଗ୍ର ଶ୍ରୀକ୍ଷେତ୍ର "ଜୟ ଜଗନ୍ନାଥ" ଧ୍ୱନିରେ ମୁଖରିତ ହୋଇଉଠିଛି।

କାଳିଆର ମାୟାକୁ ଅନୁଭବ କରିବା ପାଇଁ ବଡ଼ ବଡ଼ ଯଜ୍ଞ କିମ୍ବା ଧନ-ସମ୍ପତ୍ତିର ଆବଶ୍ୟକତା ନାହିଁ। ଏକ ସରଳ ହୃଦୟ, ସତ୍ୟ ଜୀବନ ଓ ଅନ୍ୟ ପ୍ରତି କରୁଣା ହିଁ ତାଙ୍କ ପାଖରେ ସବୁଠାରୁ ବଡ଼ ପୂଜା। ଯେଉଁଠାରେ ମଣିଷ ଅନ୍ୟର ଦୁଃଖରେ ସାଥୀ ହୁଏ, ଭୋକିଲାକୁ ଅନ୍ନ ଦିଏ, ଅସହାୟଙ୍କୁ ସାହାଯ୍ୟ କରେ, ସେଠାରେ କାଳିଆଙ୍କ କୃପା ଅନୁଭବ କରାଯାଏ।

ଆଜିର ବ୍ୟସ୍ତ ଜୀବନରେ ମଣିଷ ଧନ, ପଦବୀ ଓ ପ୍ରତିଯୋଗିତାର ପଛରେ ଦୌଡ଼ୁଛି। ଏହି ଦୌଡ଼ରେ ଶାନ୍ତି, ସନ୍ତୋଷ ଓ ମାନବିକତା କେଉଁଠି ହଜିଯାଉଛି। ଏଭଳି ସମୟରେ ଏକାଦଶୀ ଆମକୁ ଅଳ୍ପ ସମୟ ପାଇଁ ନିଜ ଭିତରକୁ ଫେରି ଚାହିଁବାର ସୁଯୋଗ ଦେଇଥାଏ। ଏହା ଆମକୁ ଶିଖାଏ ଯେ ଶରୀରକୁ ଯେତିକି ଖାଦ୍ୟ ଦରକାର, ଆତ୍ମାକୁ ସେତିକି ଭକ୍ତି ଓ ସତ୍ୟର ଆଲୋକ ଦରକାର।

ଓଡ଼ିଶାର ପ୍ରତ୍ୟେକ ଘରେ କାଳିଆଙ୍କ ପ୍ରତି ଅଗାଧ ବିଶ୍ୱାସ ରହିଛି। ଚାଷୀ ଚାଷ ଆରମ୍ଭ କରିବା ପୂର୍ବରୁ ତାଙ୍କୁ ସ୍ମରଣ କରେ, ଛାତ୍ର ପରୀକ୍ଷା ପୂର୍ବରୁ ପ୍ରାର୍ଥନା କରେ, ମା' ନିଜ ସନ୍ତାନର ମଙ୍ଗଳ ପାଇଁ ତାଙ୍କ ଚରଣରେ ମୁଣ୍ଡ ନୁଆଏ। ଏହି ଅତୁଟ ବିଶ୍ୱାସ ହିଁ କାଳିଆର ମାୟାର ପ୍ରକୃତ ପରିଚୟ।

ଏକାଦଶୀ ଆମକୁ କେବଳ ଧର୍ମ ନୁହେଁ, ଶୃଙ୍ଖଳା, ସଂଯମ, ସେବା ଓ ମାନବିକତାର ଶିକ୍ଷା ଦିଏ। ଏହା ଆମକୁ ଜଣାଏ ଯେ ଈଶ୍ୱରଙ୍କ ନିକଟରେ ବାହ୍ୟ ଆଡ଼ମ୍ବରର କୌଣସି ମୂଲ୍ୟ ନାହିଁ; ପବିତ୍ର ହୃଦୟ ହିଁ ସବୁଠାରୁ ବଡ଼ ନୈବେଦ୍ୟ।

ଶେଷରେ ଏତିକି କୁହାଯାଇପାରେ—କାଳିଆର ମାୟା ଅପରିମିତ, ତାଙ୍କ କରୁଣା ଅସୀମ ଓ ତାଙ୍କ ଦୟା ଅବର୍ଣ୍ଣନୀୟ। ଏକାଦଶୀ ସେହି କରୁଣାକୁ ଅନୁଭବ କରିବାର ଏକ ପବିତ୍ର ସେତୁ। ଆସନ୍ତୁ, ଆମେ ସମସ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ଚରଣରେ ନିଜକୁ ସମର୍ପଣ କରି ସତ୍ୟ, ପ୍ରେମ, ସେବା ଓ ମାନବିକତାର ପଥରେ ଆଗେଇ ଚାଲିବା। କାଳିଆଙ୍କ କୃପା ସମସ୍ତଙ୍କ ଉପରେ ବର୍ଷିତ।

"ଜୟ ଜଗନ୍ନାଥ। କାଳିଆର କୃପା ସମସ୍ତଙ୍କ ଜୀବନକୁ ଶାନ୍ତି, ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ କରୁ।


+ ଚହଟା ନଗର, ଲେନ-୬,
ବିଡାନାସୀ, କଟକ-୭୫୩୦୧୪


# 'ମୁଦଲ ପାଞ୍ଜି'ରୁ ମାଦଳା ପାଞ୍ଜି

**ଡଃ. ଅରୁନ୍ଧତୀ ଦେବୀ**



ମହାପ୍ରଭୁଙ୍କ ନୀତିକାନ୍ତି, ସେବକ, ସେବାୟତ ଓ ଧର୍ମ ଧାରଣା ସମ୍ପର୍କରେ ଯେତେବେଳେ ବି ତଥ୍ୟ ସଂଗ୍ରହ କରାଯାଏ ସର୍ବପ୍ରଥମେ ମାଦଳା ପାଞ୍ଜିକୁ ହିଁ ଲୋଡ଼ା ପଡ଼ିଥାଏ। ଭାରତର ଅନ୍ୟ ପ୍ରମୁଖ ଦେବାଳୟରେ ଏପରି ଏକ ପରମ୍ପରା ତଥ୍ୟ ଉପଲବ୍ଧ ବିଶାଳ ଗ୍ରନ୍ଥ ଅଛି କି ନାହିଁ ଆମେ ଜାଣିନାହୁଁ କିନ୍ତୁ କେହି କେହି ସିଂହଳର ଧାତୁବଂଶ, କାଶ୍ମୀରର ରାଜତରଙ୍ଗିଣୀ ଓ ଆସାମର ବୁରୁଞ୍ଜ ସହିତ ତୁଳନା ରଖିଥାନ୍ତି। ଶ୍ରୀମନ୍ଦିରର ଇତିହାସର ଗବେଷଣାଲବ୍ଧ ଓ ନିୟମିତ ତଥ୍ୟ ରହିଥିବା ମାଦଳା ପାଞ୍ଜିରୁ ମହାପ୍ରଭୁଙ୍କ ସେବା ପୂଜା ଠାରୁ ସେବାୟତ ବା ଦଇତା ମାନଙ୍କ ଅଧିକାର ଓ ପାଉଣା, ନକ୍ଷତ୍ର, ବାର, ମନ୍ଦିର ସମ୍ପର୍କିତ କୀର୍ତ୍ତି, ମନ୍ଦିରର ପ୍ରଶାସନ ସମ୍ପର୍କରେ ବିଧିବଦ୍ଧ ଭାବେ ବିବରଣୀ ସବୁ ଲିପିବଦ୍ଧ ହୋଇଥାଏ। ଅନେକ ଲେଖକ ମତ ରଖିଛନ୍ତି ଯେ ମାଦଳା ପାଞ୍ଜିର ଆରମ୍ଭ ଏକାଦଶ ଶତାବ୍ଦୀରୁ ହୋଇଥିଲା। ଜଗନ୍ନାଥଙ୍କ ଗବେଷକ ଡକ୍ଟର ଆର୍ତ୍ତ ବଲ୍ଲଭ ମହାନ୍ତିଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ସେ ଏହାର ପ୍ରାଚୀନତା ସ୍ୱୀକାର ପୂର୍ବକ ତାଙ୍କ ଲୋକପ୍ରିୟ ପୁସ୍ତକ 'ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ'ର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି - **'From the 12th Century onwards the development of the language is traceable'**

ଏପରି ନାମକରଣ କିପରି ହେଲା? କେତେଜଣ ଐତିହାସିକ କହିଛନ୍ତି - ପୁରୀ ଶ୍ରୀମନ୍ଦିରର ସେବକଦ୍ୱୟ ଦେଉଳକରଣ ଓ ଚଢ଼ାଉକରଣଙ୍କ ଘରେ ମର୍ଦ୍ଦଳ ଆକାରରେ ଲିଖିତ ତାଳପତ୍ର ପାଞ୍ଜି ବନ୍ଧା ହୋଇ ସାଇତା ରହିଥିବାରୁ କାଳକ୍ରମେ ଏହା 'ମାଦଳା ପାଞ୍ଜି'ର ନାମ ବହନ କରିଅଛି। ଶ୍ରୀଜଗନ୍ନାଥଙ୍କ ଭକ୍ତଗଣ ହସ୍ତପଦହୀନ ଶ୍ରୀବିଗ୍ରହଙ୍କୁ ମାଦଳା ଠାକୁର ବୋଲି ଅତ୍ୟନ୍ତ ଆବେଗରେ ଅଭିହିତ କରିଥାଆନ୍ତି। ଏହି ମାଦଳା ଠାକୁରଙ୍କ ମନ୍ଦିର ବିଷୟରେ ଲିଖିତ ପାଞ୍ଜି 'ମାଦଳାପାଞ୍ଜି' ହେବା ଅନୁମାନ କରାଯାଇପାରେ। ପୁନଶ୍ଚ 'ମୁଦଲ' ଶବ୍ଦର ଅର୍ଥ ହେଲା ରାଜାଙ୍କର ଆଦେଶନାମା। ରାଜାଙ୍କର ଆଦେଶରେ ଏହି ପାଞ୍ଜି ଲେଖା ଆରମ୍ଭ ହୋଇଥିବାରୁ 'ମୁଦଲ ପାଞ୍ଜି' ଉଚ୍ଚାରଣ ସୌକର୍ଯ୍ୟରେ ମାଦଳା ପାଞ୍ଜି ଭାବରେ ନାମିତ ହୋଇଥାଇପାରେ। ଅନ୍ୟ ଏକ ମତରେ ପ୍ରାଚୀନ ଓଡ଼ିଶାରେ ଶାସନ କରିଥିବା କେତୋଟି ରାଜବଂଶ ଦକ୍ଷିଣ ଭାରତରୁ ଆସିଥିଲେ ବୋଲି ଇତିହାସ ସାକ୍ଷ୍ୟ ପ୍ରଦାନ କରିଥାଏ। ଦକ୍ଷିଣର ଏକ ଭାଷା 'ତେଲଗୁ'ରେ 'ମୋଦଲି'ର ଅର୍ଥ ହେଲା ପ୍ରଥମରୁ। ଯେଉଁ ପାଞ୍ଜି ଆରମ୍ଭରୁ ଲେଖାଯାଇଛି ଅର୍ଥାତ୍ 'ମୋଦଲିପାଞ୍ଜି' ବା ମୋଦଲାପାଞ୍ଜି ଅଥବା ମାଦଳାପାଞ୍ଜି ହେବ କି? ରାଜା ମଦନ ମହାଦେବଙ୍କ ଠାରୁ ପ୍ରଥମ ମୁକୁନ୍ଦଦେବଙ୍କ ପର୍ଯ୍ୟନ୍ତ ଅର୍ଥାତ ତ୍ରୟୋଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ମାଦଳାପାଞ୍ଜିରେ ଯେଉଁ ବିବରଣୀ ଅଛି, ତାହା ସଂପୂର୍ଣ୍ଣ ସତ୍ୟ ଓ ବିଶ୍ୱାସଯୋଗ୍ୟ। କେଶରୀବଂଶ ରାଜତ୍ୱ ବିଷୟରେ ଆଧୁନିକ କୌଣସି କୌଣସି ଐତିହାସିକ ସନ୍ଦିହାନ। ସେମାନେ କୁହନ୍ତି ୮୦୦ ଖ୍ରୀଷ୍ଟାବ୍ଦ ପରେ ମହାଶିବଗୁପ୍ତ ବା ଯଯାତି ଓଡ଼ିଶାରେ ରାଜତ୍ୱ କରିଥିଲେ। କିନ୍ତୁ ମାଦଳା ପାଞ୍ଜିରେ ଯଯାତି ପ୍ରାୟ ୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିବା କଥା ଉଲ୍ଲେଖ ଅଛି। ଲଲାଟକେଶରୀ ଓ ଉଦ୍ୟତ ବା ବସୁକଳ୍ପ କେଶରୀ ରାଜାମାନଙ୍କର କୀର୍ତ୍ତି, ଶିଳାଲିପି ଓ କିମ୍ବଦନ୍ତୀକୁ ଅଗ୍ରାହ୍ୟ କରି ହେବନାହିଁ। ତହୁଁ ମହାଶିବଗୁପ୍ତ ବା ଯଯାତି ଯେ ଯଯାତି କେଶରୀ ଏହା କହିବା ଭ୍ରମ। ମାତ୍ର ମାଦଳାପାଞ୍ଜି ମାନଙ୍କରେ ମଧ୍ୟ କେଶରୀ ବଂଶ



ରାଜାମାନଙ୍କର ସମୟ ଓ କ୍ରମରେ ତାରତମ୍ୟ ଦେଖାଯାଏ। ସୋମବଂଶ, କେଶରୀବଂଶ ରାଜାମାନଙ୍କ ମଧ୍ୟରେ ଭଞ୍ଜବଂଶ, କରବଂଶ ରାଜାମାନେ ଗୃହୀତ ହେବା ସମ୍ଭବପର। ଏ ବିଷୟ ଐତିହାସିକ ମାନଙ୍କର ଆଲୋଚ୍ୟ। ମାଦଳାପାଞ୍ଜି ପାଠ କଲେ ଏହା ଜଣାଯାଏ ଯେ, ଚୁଡ଼ଗଙ୍ଗଦେବଙ୍କ ପରକାଳରୁ ଧାରାବାହିକରୂପେ ମାଦଳାପାଞ୍ଜି ଲିଖିତ ହୋଇଅଛି। ଶ୍ରୀଜଗବନ୍ଧୁ ସିଂହଙ୍କ ପ୍ରାଚୀନ ଉତ୍କଳରେ ମାଦଳା ପାଞ୍ଜିର କେତେକ ଅଂଶ ଉଦ୍ଧୃତ ହୋଇଅଛି। ସେଥିରେ ସୋମବଂଶୀ ଓ କେଶରୀବଂଶର କେତେକ ରାଜାଙ୍କର ନାମ ଆମ୍ଭେମାନେ ଦେଖିବାକୁ ପାଉ। ତାହା ଆମ୍ଭମାନଙ୍କ ଦ୍ୱାରା ପ୍ରାପ୍ତ ମାଦଳା ପାଞ୍ଜିରେ ପରିଦୃଷ୍ଟ ହୁଏନାହିଁ। ବୋଧହୁଏ ସେ ଅନ୍ୟ କୌଣସି ପାଞ୍ଜି ଗ୍ରହଣ କରିଅଛନ୍ତି। ରାମଚନ୍ଦ୍ରଦେବଙ୍କ ଠାରୁ ଯେ ଭୋଇବଂଶ ରାଜତ୍ୱ କଲେ, ତାହା ମାଦଳାପାଞ୍ଜିରେ ଯଦୁବଂଶ ବୋଲି ଲିଖିତ ହୋଇଅଛି। କିନ୍ତୁ ପଟିଆ ରାଜବଂଶାବଳୀରେ ଲିଖିତ ଅଛି ଯେ, ରାମଚନ୍ଦ୍ରଦେବ କଟକ ଜିଲ୍ଲାସ୍ଥିତ ଶୁକ୍ଳେଶ୍ୱର ନିବାସୀ ବୀର ବେହୁରକ ନାମକ ଜଣେ ନାଗସ ଗୋତ୍ରୀୟ କରଣଙ୍କର ସନ୍ତାନ ଥିଲେ ଓ ରାଜାଙ୍କର ଅନୁଗ୍ରହରୁ ଗାଦି ପାଇଥିଲେ ଏବଂ ସେହି ବଂଶରୁ ପଟିଆ ରାଜବଂଶ, ଚୋଡ଼ଙ୍ଗ ବକସିବଂଶ ଏବଂ ଭୋଇବଂଶ ଉଦ୍ଭୂତ ହୋଇଥିଲେ। ବାସ୍ତବିକ ମାଦଳା ପାଞ୍ଜିରୁ ହିଁ ଅନେକ ଉଲ୍ଲେଖନୀୟ ଓ ଅବିସ୍ମରଣୀୟ ତଥ୍ୟ ସବୁ ମିଳିଥାଏ। ନାମକରଣକୁ ନେଇ ଭକ୍ତଜନଙ୍କ ଭିତରେ ଏଯାବତ ଗବେଷଣାଲବ୍ଧ ଆଗ୍ରହ ମଧ୍ୟ ରହିଛି।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦


## ପ୍ରତି ଛବି

**କବିତା ପଣ୍ଡା**



ଏବେବି ସ୍ମୃତି କରି
ସାଇତି ରଖିଛି
ମନ କାନ୍ଥରେ ଅଲିଭା
ଗୋଧୂଳି ଲଗନର ମୂହୂର୍ତ୍ତ ଗୁଡ଼ିକୁ ।

କେତେ ନିଆରା ଥିଲା
ସେଦିନର ଭାବନା
ଛାତିର ଛାତିଏ ଆଶା ବାନ୍ଧି
ଦିନ ଦ୍ୱିପହରରେ ବି ଦେଖୁଥିଲା ସ୍ୱପ୍ନ ।

ଶୀତଳ ରଶ୍ମିର ଛୁଆଁରେ
ପଙ୍କରୁ ପଦ୍ମଟିଏ ସାଜିବାର ମନ ନେଇ,

ସବୁ କିଛି ଠିକ୍ ଠାକ୍ ଭିତରେ
ଅଚାନକ ଧରେଇ ଦିଏ
ପରିବର୍ତ୍ତନ ସକାଳର ଆଙ୍କିଥିବା ଛବିଟିଏ
ମୋ ଶୂନ୍ୟ ଆଞ୍ଜୁଳାରେ ।

ମୁଁ ତାକୁ ଉପହାର ଭାବି ଖୋଲି ଦେଖେ
କିଛି ପଚାରିବା ଆଗରୁ
ସମୟ ନ ଥିବାର
ବାହାନା କରି ସେ ଫେରି ଯାଏ ତା ବାଟରେ।

ମୁଁ କଣ୍ଟାର ଯନ୍ତ୍ରଣା ହସୁଥିଲା ବେଳେ
ସେ ଫୁଲର ବାସରେ ହସୁଥିଲା ,
ମୁଁ ପ୍ରୀତି ପ୍ରଣୟନ ଭାବି
ଭଲ ପାଇବାର ଶବ୍ଦକୁ ସାଉଁଟୁ ଥିଲାବେଳେ
ସେ ଅତୀତକୁ ମୂଲ୍ୟହୀନ କହି
ଡଷ୍ଟବିନ୍‌ରେ ଫିଙ୍ଗି ଦେଉଥିଲା ।

ମୋତେ ଉତ୍ତର ମିଳିବା ଆଗରୁ
ତା ମନରେ ଆଙ୍କି ଦେଇଥିଲା
ପ୍ରତାରଣାର ପ୍ରତି ଛବି ।


+ମଙ୍ଗଳପୁର, ସୋର, ବାଲେଶ୍ୱର


## ପରିବର୍ତ୍ତନର ସ୍ୱର

**କବିତା ମହାନ୍ତି**



ମୁଁ କାହିଁକି ଭାବୁଛି ଯେ
ନିଜକୁ ଏତେ ଅସମର୍ଥ ବୋଲି
ମୁଁ କାହିଁକି ଭାବୁଛି
ନିଜକୁ ଏକ ମାମୁଲି ମଣିଷଟିଏ ବୋଲି
ମୁଁ କାହିଁକି ଡରି ଯାଉଛି ଯେ
ମୁଁ ଆଣି ପାରିବିନି ପରିବର୍ତ୍ତନର ସ୍ୱର।

ହଁ, ମୁଁ ବଦଳାଇପାରିବିନ
ସାରା ପୃଥିବୀକୁ
ବଦଳାଇ ପାରିବିନି
ସାରା ଦୁନିଆଁକୁ
ହେଲେ
ଆଣି ତ ପାରିବି ପରିବର୍ତ୍ତନ
ଗୋଟିଏ ମଣିଷ ଭିତରେ
ବଦଳାଇ ତ ପାରିବି
ଗୋଟିଏ ଚିନ୍ତାକୁ, ଗୋଟିଏ ଚେତନାକୁ
ଗୋଟିଏ ମାନସିକତାକୁ।

ସେ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ହେଉ
ଅବା ବେଟି ବଚାଓ ବେଟି ବଢାଓ
ବିଷୟକୁ ନେଇ ହେଉ
ସେ କନ୍ୟା ଭ୍ରୁଣହତ୍ୟାକୁ ନେଇ ହେଉ
ନ ହେଲେ ନାରୀ ସଶକ୍ତିକରଣ ହେଉ
ଆବଶ୍ୟକ ଏକ ପରିବର୍ତ୍ତନର
ଏକ ସୁସ୍ଥ ମାନସିକତାର।

ଗୋଟିଏ ମାନସିକତାର ପରିବର୍ତ୍ତନ
ଆଣିବ ଶହ ଶହ ପରିବର୍ତ୍ତନ
ଆଜି ନ ହେଲେ ବି କାଲି
ଆମେ ଦେଖିବା
ପରିବର୍ତ୍ତନର ଏକ ନୂଆ ଢେଉ
ସେ ହିଁ ହେବ ପ୍ରକୃତ
ପରିବର୍ତ୍ତନର ସ୍ୱର।


+ ବମିଖାଲ, ଭୁବନେଶ୍ୱର
ମୋ: ୯୯୩୭୩୪୮୨୫୦


## ବିଚିତ୍ର ବର୍ଣ୍ଣା

**ଶୁଭଶ୍ରୀ ଜେନା**



ତୁମେ ମୋ ମାନସପଟର
ନୀଳ ସରୋବର କଇଁ
ତୁମ ପାଶେ ଯାଏ ଯେତେ
ବୁଡି ଯାଅ ସେତେ
ଅଗାଧ ସଲିଳେ ।

ଛୁଇଁବାକୁ ହାତ ବଢାଏ
ଧରା ଦିଅନାହିଁ,
ଭାସିଯାଅ ନୀଳ ଆକାଶ ବୁକୁରେ
ଡାକି ଆଣ ମେଘମାଳା ସାଥେ
ଭିଜାଇ ଦିଅ ନିତି ନିତି
ତୁମ ଅତୀତର ଦର୍ପଣେ
ଦେଖିବାକୁ ବାର ବାର
ନୟନ ମୋ ଖୋଜେ।

ସବୁ ସ୍ନିଗ୍ଧତାକୁ ଘୋଡ଼ାଇ ଦିଅ ତୁମେ
ସବୁଜ ବନାନୀର ଲତା ଆଢୁଆଳେ
ତୁମ ସତେଜ ଚିକ୍ ଚିକ୍ ଦେହଟା,
କ'ଣ ଲୁଚି ଯାଇପାରେ
ଯେତେ ଚେଷ୍ଟା କଲେ?

ଶାମୁକାରୁ ମୁକ୍ତା ତୁମେ ଗଭୀର ସଲିଳେ
ଲାବଣ୍ୟରେ ଭରା, ତୁମେ ଗୋଟାପଣେ
ରକ୍ତଜବା ଅଙ୍ଗବସ୍ତ୍ରେ ଭିଜୁଥାଅ ତୁମେ
ସେଇ ପରମ ପ୍ରେମର ସ୍ୱର୍ଶ ନପାଇବା ଯାଏଁ ।

ଫିକା ପଡ଼େ ପୂର୍ବାକାଶେ ସୂର୍ଯ୍ୟର ସିନ୍ଦୁରା କିରଣ
ଚକ୍ଷୁ ଯୁଗଳରେ ତୁମ କଜ୍ଜଳ ଧାର
ନାସା ଗିରିଶୃଙ୍ଗ ତୁମ ସତେଜ ଅଟଳ
ଦେଖି ଥମିଯାଏ ସତେ ସମୁଦ୍ରର ଲହଡ଼ିର ମାଳ
ହସ ତୁମ ସୃଷ୍ଟି କରେ ଗୋଧୂଳିର ବେଳ ।

ଚକ୍ଷୁ ତୁମ ଢ଼ଳଢ଼ଳ ସେଥିରେ ସମାହିତ
ଅଗାଧ ବ୍ରହ୍ମପୁତ୍ର, ନର୍ମଦାର ଧାର
ଭୂଗୋଳର ବିଚିତ୍ର ବର୍ଣ୍ଣା ତୁମେ
କଣ୍ଠ ନିମ୍ନ ଦେଶେ ତୁମ
ଅଚଳ ବିନ୍ଧ୍ୟ, ହିମାଳୟ
ସତେକି ସ୍ୱରୂପ ତୁମ ଗିରିରାଜ କନ୍ୟା
କିଏ ବା ହେବ ସରି ତୁମ, ରୂପଲାବଣ୍ୟର ?


+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮


## ପରିପୂରିତ ଅସ୍ତିତ୍ୱ

**ଅନସୂୟା ପଣ୍ଡା**



ଅନ୍ଧାର ଅଛି ବୋଲି ଆଲୋକର ଉଜ୍ଜ୍ୱଳତା
ପୁରୁଷଟିଏ ଅଛି ବୋଲି ନାରୀ ଚିରସ୍ରୋତା
ସୁକୁମାରୀ କଥା ଓ କବିତା
ପ୍ରତିପତ୍ତି ପ୍ରତିସ୍ପର୍ଦ୍ଧା
ପୁଣି ଗୋଟେ ଅଦମ୍ୟ ବ୍ୟାକୁଳତା।

ପୁରୁଷ ପଥର ବୋଲିତ
ନାରୀ କୋମଳତାରେ ବିଭୂଷିତା
ପାହାଡ଼ର ଉପକଣ୍ଠରେ ପୁଷ୍ପିତ ସବୁଜ ଲତା
ନିଜର କରିବାର କଳାରେ ସିଦ୍ଧହସ୍ତା
ସୃଷ୍ଟିକୁ ଆଞ୍ଜୁଳାରେ ଭରିବାର ସୁନ୍ଦର ବ୍ୟବସ୍ଥା।

ସେ ସମ୍ଭାଳିନିଏ ବାଡିଠାରୁ ଦାଣ୍ଡ
କ୍ଷେତଠାରୁ ହାଟ
ଚଞ୍ଚଳତାକୁ ଚଳୁ କରି ତିଆରେ
ନିଜସ୍ୱ ସାମ୍ରାଜ୍ୟ
ଆଲୋକର ଶିଖାଟିଏ ହୋଇ
ସମର୍ପିତ କରିଦିଏ ସକଳ ଅସ୍ତିତ୍ୱ।


+ ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧

# ଝାରସୁଗୁଡ଼ା ରେଳ ଷ୍ଟେସନର ସମସ୍ୟା ନେଇ ରେଳମନ୍ତ୍ରୀଙ୍କୁ ଦୀପାଳି ଦାସଙ୍କ ଚିଠି: ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଜରୁରୀ ହସ୍ତକ୍ଷେପ ଦାବି

ଝାରସୁଗୁଡ଼ା,୨୯/୦୭ (ନି.ପ୍ର): ଝାରସୁଗୁଡ଼ା ରେଳ ଷ୍ଟେସନରେ ଦୀର୍ଘଦିନ ଧରି ଲାଗିରହିଥିବା ଯାତ୍ରୀ ସେବା ଓ ଭିତିଭୂମିଗତ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସୋମବାର ଏକ ପତ୍ର ଲେଖି ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହା ପୂର୍ବରୁ ଗତ ଜୁଲାଇ ୨୫ ତାରିଖରେ ବିଜେଡିର ଏକ ପ୍ରତିନିଧି ଦଳ ଝାରସୁଗୁଡ଼ା ଷ୍ଟେସନ ମ୍ୟାନେଜରଙ୍କୁ ଏହି ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଥିଲା। ଏବେ ପୂର୍ବତନ ବିଧାୟିକା ସିଧାସଳଖ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଛନ୍ତି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନୂତନ ରେଳ ଲାଇନ୍ ନିର୍ମାଣ ଯୋଗୁଁ ବିକଳ୍ପ ଫୁଟ୍ ଓଭରବ୍ରିଜ୍ଟି ଅତ୍ୟଧିକ ଲମ୍ବା ହୋଇଥିବାରୁ ବରିଷ୍ଠ ନାଗରିକ, ରୋଗୀ ଓ ଦିବ୍ୟାଙ୍ଗ ଯାତ୍ରୀମାନେ ବେଶ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ପ୍ରବେଶ ପଥ ବନ୍ଦ ରହିଥିବା ସହ ବର୍ଷାଜଳ ଓ ନିର୍ମାଣ ସାମଗ୍ରୀ ଯୋଗୁଁ ଯାତ୍ରୀମାନେ ଖସିପଡ଼ିବାର ଆଶଙ୍କା ରହିଛି। ତେଣୁ ତୁରନ୍ତ ରାମ୍ପ, ଏସ୍କାଲେଟର, ଲିଫ୍ଟ କିମ୍ବା ବ୍ୟାଟେରୀଚାଳିତ ଯାନର ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ଏହାସହ ସମସ୍ତ ପ୍ଲାଟଫର୍ମରେ ବିଶୁଦ୍ଧ ପାନୀୟ ଜଳର ଅଭାବ, ଶୌଚାଳୟ ଓ ପ୍ରତୀକ୍ଷାଳୟରେ ଜଳ ଯୋଗାଣ ବ୍ୟବସ୍ଥା ନ ଥିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା କଥା ମଧ ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ଚୌକିପଡ଼ା ଓ ବେହେରାମାଲ ରେଳ ଓଭରବ୍ରିଜ୍ର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅତିକ୍ରମ କରିଥିଲେ ମଧ ଶେଷ ହୋଇନଥିବାରୁ ସ୍ଥାନୀୟ ଅଂଚଳରେ ଟ୍ରାଫିକ୍ ସମସ୍ୟା ଉଗ୍ର ରୂପ ନେଉଥିବା ଦର୍ଶାଇଛନ୍ତି। ସେହିପରି ଝାରସୁଗୁଡ଼ା–ଗୋନ୍ଦିଆ ପାସେଞ୍ଜର, ଝାରସୁଗୁଡ଼ା–ରାଂଚି(ହାଟିଆ) ପାସେଞ୍ଜର ଏବଂ ସମ୍ବଲପୁର–ଝାରସୁଗୁଡ଼ା–ରାଉରକେଲା ମେମୁ ଟ୍ରେନ୍ ବାରମ୍ବାର ବାତିଲ ହେଉଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଏହି ଟ୍ରେନଗୁଡ଼ିକୁ ନିୟମିତ ଚଳାଚଳ କରାଇବାକୁ ସେ ଦାବି କରିଛନ୍ତି। ଟ୍ରେନଗୁଡ଼ିକ ଘଂଟା ଘଂଟା ବିଳମ୍ବରେ ଚାଲୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ, ଅଟୋ ପାର୍କିଂ ପାଇଁ ସ୍ୱତନ୍ତ୍ର ସ୍ଥାନ ଏବଂ ପ୍ଲାଟଫର୍ମ ନମ୍ବର–୧ରେ ସମ୍ପୂର୍ଣ୍ଣ ସେଡ୍ ନିର୍ମାଣ କରିବାକୁ ମଧ ପତ୍ରରେ ଅନୁରୋଧ କରାଯାଇଛି। ଝାରସୁଗୁଡ଼ା ରେଳ ଷ୍ଟେସନର ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ ବୋଲି ଦୀପାଳି ଦାସ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପତ୍ରର ନକଲ ଚକ୍ରଧରପୁର ରେଳ ଡିଭିଜନର ଡିଆରଏମ୍ ଏବଂ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ମଧ ଅବଗତି ଓ ଆବଶ୍ୟକ ପଦକ୍ଷେପ ପାଇଁ ପଠାଯାଇଛି।

# ନୂଆପଡ଼ାରେ ପ୍ରବାସୀ ଶ୍ରମିକ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

ନୂଆପଡ଼ା,୨୮/୦୭ (ନି.ପ୍ର): ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା, କଲ୍ୟାଣ ଏବଂ ପ୍ରବାସ ପ୍ରଥାକୁ ହ୍ରାସ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାସ୍ତରୀୟ ପ୍ରବାସୀ ଶ୍ରମିକ ସମନ୍ୱୟ କମିଟିର ବୈଠକ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାରର କଲ୍ୟାଣ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ସମୀକ୍ଷାରୁ ପ୍ରକାଶ ଯେ, ଜୁନ୍ ମାସରେ ଶ୍ରମ ବିଭାଗ ପକ୍ଷରୁ ପ୍ରବାସୀ ପରିବାରର ୩୨୭ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ମତ୍ସ୍ୟ ବିଭାଗ ୫୨ଟି ପ୍ରବାସୀ ପରିବାର ପରିଦର୍ଶନ କରି ୬ଟି ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ୧,୫୦୩ଟି ପ୍ରବାସୀ ପରିବାରକୁ ପରିଦର୍ଶନ କରାଯାଇ ୭୩ ଲକ୍ଷ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରବାସୀ ପରିବାରର ୯୨୩ ଜଣ ଶିଶୁଙ୍କୁ ବିଦ୍ୟାଳୟରେ ନାମଲେଖା କରାଯିବା ସହ ମାଗଣା ପାଠ୍ୟପୁସ୍ତକ ଓ ବିଦ୍ୟାଳୟ ପୋଷାକ ପ୍ରଦାନ କରାଯାଇଛି। ସେହିପରି ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ପକ୍ଷରୁ ୭୪୭ଟି ପ୍ରବାସୀ ପରିବାର ପରିଦର୍ଶନ କରାଯାଇ ୧୩୧ ଜଣଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ପାଇଁ ଯୋଗ୍ୟ ବିବେଚନା କରାଯାଇଥିବା ବେଳେ ୩୪ ଜଣଙ୍କୁ ପେନ୍ସନ୍ ପ୍ରଦାନ କରାଯାଇଛି। ଏହାବ୍ୟତୀତ ଜିଲ୍ଲାର ପାଂଚଟି ବ୍ଲକର ବିଡିଓ ଏବଂ ତହସିଲଦାରମାନେ ପ୍ରବାସୀ ଶ୍ରମିକ ପରିବାରଙ୍କ ପାଇଁ କରାଯାଇଥିବା ବିଭିନ୍ନ ହସ୍ତକ୍ଷେପ ଓ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ।

## ସାଇଟ କଲେଜରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ବଲାଙ୍ଗିର,୨୯/୦୭ (ନି.ପ୍ର): ସଦାଇପାଲି ପଲ୍ଲିଶ୍ରୀ ବିହାର ଠାରେ ଅବସ୍ଥିତ ସାଇଟ ନର୍ସିଂ କଲେଜ ସଂପାଦକ ଡ. ନାରାୟଣ ପ୍ରସାଦ ମିଶ୍ର, ସଭାପତି ଡ. ପ୍ରମୋଦ କୁମାର ମିଶ୍ର ଏବଂ ଅଧ୍ୟକ୍ଷା ପ୍ରଫେସର ସ୍ନିଗଧାମିନତୀ ଦାନୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ହେପାଟାଇଟିସ୍ ଦିବସ କଲେଜ ସଭାଗୃହରେ ପାଳିତ ହୋଇଯାଇଛି । ପ୍ରଫେସର ଦାନୀ ମୁଖ୍ୟତଃ ହେପାଟାଇଟିସ୍-ବି ଓ ସି ଦୀର୍ଘକାଳିନ ରୋଗ ସୃଷ୍ଟି କରି ଲିଭର କ୍ୟାନସର କାରଣ ହୋଇପାରେ ବୋଲି ସମସ୍ତଙ୍କୁ ସୂଚାଇଥିଲେ ଏବଂ ରୋଗରୁ ବଞ୍ଚିବାପାଇଁ ସୁରକ୍ଷିତ ରକ୍ତସଞ୍ଚାର, ସ୍ୱଚ୍ଛସୁଇ ଓ ବ୍ୟକ୍ତିଗତ ଭାବରେ ସ୍ୱଚ୍ଛତାରଖି ଟୀକା ନେବା ଜରୁରୀ ବୋଲି କହିଥିଲେ ।

# ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୫୦ତମ ଜୟନ୍ତୀ ବର୍ଷ ଉପଲକ୍ଷେ ସମରସ ସଂକଳ୍ପ ଅଭିଯାନର ଜିଲ୍ଲା କର୍ମଶାଳା

କେନ୍ଦୁଝର,୨୯/୦୭ (ନି.ପ୍ର): ଆଧାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ । ଆଧାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ । ସେ ଜଣେ ମହାନ ସନ୍ଥ ଓ କବି ହେବା ସହ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ । ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁ, ଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜୟନ୍ତୀ ବର୍ଷ ଆସନ୍ତା ୨୯ ଜୁଲାଇ ୨୦୨୬ (ଗୁରୁ ପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ 'ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯିବ ।

ଏନେଇ ଆଜି କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟରେ 'ସମରସ ସଂକଳ୍ପ ଅଭିଯାନ'ର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସନ୍ଥ ରବି ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଭାବନା ଓ ସେ ଦେଇଥିବା ମାର୍ଗଦର୍ଶନ କିପରିଭାବେ ସମସ୍ତଙ୍କ ପାଖରେ ପହଂଚିବ ସେନେଇ କର୍ମଶାଳାରେ ରୂପରେଖ ପ୍ରସ୍ତୁତ ହେବା ସହ ବିସ୍ତୃତ ଆଲୋଚନା ହୋଇଥିଲା । ଗୁରୁ ରବିଦାସଜୀଙ୍କ ଜନ୍ମସ୍ଥଳୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହେବ । ତାଙ୍କ ଜନ୍ମସ୍ଥଳୀରୁ କଳସରେ ମାଟି ଆଣି ଦେଶର ବିଭିନ୍ନ ରାଜ୍ୟକୁ ନିଆଯିବ । ସେହି ମାଟିକୁ ବିଭିନ୍ନ କଳସରେ ଭରି ରାଜ୍ୟର ସବୁ ମଣ୍ଡଳକୁ ନିଆଯିବ । ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ । ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ । ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ଜୀବନ, ଦର୍ଶନ, ସମାନତା, ଭକ୍ତି, ସେବା, ସାମାଜିକ ନ୍ୟାୟ ଓ ମାନବତାର ବାର୍ତାକୁ ସମଗ୍ର ଦେଶରେ ବ୍ୟାପକ ଭାବେ ପ୍ରଚାର କରାଯିବ । ସମାଜରେ ତଳ ସେପାନରେ ରହୁଥିବା ବ୍ୟକ୍ତିଙ୍କ ପାଖରେ ବିଜେପିର କାର୍ଯ୍ୟକର୍ତାମାନେ କିପରି ପଂହଚିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ତେଲକୋଇ ବିଧାୟକ ଡା ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଜିଲ୍ଲା କମିଟିର ସଂଯୋଜକ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଅଗନୁ ମହାନ୍ତ, ଜିଲ୍ଲା ଟୋଲିର ସଦସ୍ୟ ତଥା ଜିଲ୍ଲା ଉପସଭାନେତ୍ରୀ ସୋମବାରୀ ମୁଣ୍ଡ, ଜିଲ୍ଲା ଟୋଲିର ସଦସ୍ୟ ତଥା ଜିଲ୍ଲା ସମ୍ପାଦକ ଦୁଷ୍ମନ୍ତ କୁମାର ମହାନ୍ତ,ଜିଲ୍ଲା ଟୋଲିର ସଦସ୍ୟ ତଥା ଜିଲ୍ଲା ସମ୍ପାଦକ ଦୀପକ ଜେନା,ଜିଲ୍ଲା ଟୋଲିର ସଦସ୍ୟ ତଥା ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ର ସଭାପତି ଶାନ୍ତନୁ ସେଠୀ ଓ ଅନୁସୂଚିତ ମୋର୍ଚ୍ଚା ଜିଲ୍ଲା ପଦାଧିକାରୀ ତଥା ଟୋଲିର ସଦସ୍ୟମାନେ ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଂଚ ପରିଚାଳନା କରିଥିଲେ।

# ନୂଆପଡ଼ା ଜିଲ୍ଲାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଚିବଙ୍କ ଗସ୍ତ

ନୂଆପଡ଼ା,୨୮/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଆଜି ନୋଡାଲ ଅଧିକାରୀ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଚିବ ପ୍ରେମ ଚନ୍ଦ୍ର ଚୌଧରୀ ଆସି ବିଭିନ୍ନ ଦୁଗ୍ଧ ସମବାୟ ସମିତି, ଗୋଶାଳା, ଦୁଗ୍ଧ ସଂଗ୍ରହ ଅନୁଷ୍ଠାନ ପରିଦର୍ଶନ କରିଥିବା ବେଳେ ଜିଲ୍ଲା ସଦଭାବନା କେନ୍ଦ୍ର ଠାରେ ଜିଲ୍ଲା ଉନ୍ନୟନ କମିଟି ବୈଠକର ସମୀକ୍ଷା କରିଛନ୍ତି। ପଡୋଶୀ ରାଜ୍ୟ ଛତିଶଗଡ଼କୁ ସଡ଼କ ପଥରେ ନୂଆପଡ଼ା ଜିଲ୍ଲାକୁ ପ୍ରବେଶ କରିଥିଲେ। ସେହି ପଥରେ ଆସିବା ସମୟରେ ଅନେକ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ବିଶେଷ କରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ହିତାଧିକାରୀଙ୍କ ଗୋପାଳନ, ଗୋଶାଳା ଦେଖିଥିଲେ। ପ୍ରାଣୀ ସମ୍ପଦ ଏକ ଶିଳ୍ପ ରୂପେ କାର୍ଯ୍ୟ କରି ଯୁବକ ସମାଜକୁ ରୋଜଗାର ସୃଷ୍ଟି କରିବା ବୋଲି ଆହ୍ୱାନ କରଛନ୍ତି। ସଦଭାବନା କେନ୍ଦ୍ର ଠାରେ ଜିଲ୍ଲା ଉନ୍ନୟନ କମିଟି ବୈଠକରେ ନୋଡାଲ ଅଧିକାରୀ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଚିବ ପ୍ରେମ ଚନ୍ଦ୍ର ଚୌଧରୀ ଯୋଗ ଦେଇ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଏନ୍ଥି-୭୯ରେ ଡ୍ରେନେଜ୍ ସମସ୍ୟା ଉତ୍କଟ: ସାମାନ୍ୟ ବର୍ଷାରେ ରାସ୍ତା ଜଳମଗ୍ନ, ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

ମାଲକାନଗିରି,୨୮/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏନ୍ଥି-୭୯ ଅଂଚଳରେ ଦୀର୍ଘଦିନ ଧରି ଲାଗିରହିଥିବା ଡ୍ରେନେଜ୍ ଓ ପରିଷ୍କାର-ପରିଚ୍ଛନ୍ନତା ସମସ୍ୟା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସାମାନ୍ୟ ବର୍ଷା ହେଲେ ମଧ ଅଂଚଳର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ଧରି ବର୍ଷାଜଳ ଜମି ରହୁଥିବାରୁ ଲୋକଙ୍କ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହାକୁ ନେଇ ଅଂଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେବା ସହ ତୁରନ୍ତ ସମସ୍ୟାର ସମାଧାନ ଦାବି ଜୋର ଧରିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏନ୍ଥି-୭୯ ଅଂଚଳରେ ଥିବା ଡ୍ରେନଟି ଦୀର୍ଘ ସମୟ ଧରି ସଫା କରାଯାଉନଥିବାରୁ ସେଥିରେ ମାଟି, ଆବର୍ଜନା ଓ ଅନ୍ୟାନ୍ୟ ଅପରିଷ୍କାର ସାମଗ୍ରୀ ଜମି ରହିଛି। ଫଳରେ ବର୍ଷା ସମୟରେ ପାଣି ସ୍ୱାଭାବିକ ଭାବେ ନିଷ୍କାସିତ ହୋଇପାରୁନାହିଁ। ଅନେକ ସ୍ଥାନରେ ନାଳନର୍ଦ୍ଦମା ଜବରଦଖଲ ହେବା ଓ ଅବ୍ୟବସ୍ଥିତ ଭାବେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଜଳ ନିଷ୍କାସନ ବ୍ୟବସ୍ଥା ଅଧିକ ବାଧାପ୍ରାପ୍ତ ହେଉଥିବା ମଧ ଅଭିଯୋଗ ହୋଇଛି। ବର୍ଷା ହେବା ପରେ ରାସ୍ତା ଉପରେ ପାଣି ଜମି ରହିବା ସହ ଘର, ଦୋକାନ ଓ ବିଭିନ୍ନ ପ୍ରତିଷ୍ଠାନ ସମ୍ମୁଖରେ ମଧ ଜଳାବଦ୍ଧତା ସୃଷ୍ଟି ହେଉଛି। ଏହା ଯୋଗୁଁ ଲୋକମାନେ ରାସ୍ତାରେ ଯିବାଆସିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ଜମି ରହିବା ଯୋଗୁଁ ରାସ୍ତାର ଅବସ୍ଥା ମଧ ଧୀରେ ଧୀରେ ଖରାପ ହେଉଥିବା ନେଇ ଅଂଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏନ୍ଥି-୭୯ ଅଂଚଳରେ ଏସବିଆଇ ବ୍ୟାଙ୍କ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଏବଂ ଶିକ୍ଷାନୁଷ୍ଠାନ ରହିଛି। ଏହି କାରଣରୁ ପ୍ରତିଦିନ ଶତାଧିକ ଲୋକ ଏହି ଅଂଚଳ ଦେଇ ଯାତାୟାତ କରୁଛନ୍ତି। ବିଶେଷକରି ବର୍ଷା ଦିନରେ ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ୟବସାୟୀ ଓ ସାଧାରଣ ଲୋକେ ମଧ ନାନା ସମସ୍ୟା ଭୋଗୁଛନ୍ତି। ଏହି ନାଳ ର ପାଣି ରାସ୍ତା ସହ ଲୋକଙ୍କ ଘର ଭିତରେ ମଧ୍ୟ ପ୍ରବେଶ କରିଥିବାରୁ ଲୋକେ ନାନା ଅସୁବିଧା ର ସମ୍ମୁଖୀନ ହଉଛନ୍ତି । ଦୀର୍ଘ ୫ବର୍ଷ ଧରି ଲୋକେ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଂଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ପାଇଁ ଡ୍ରେନଗୁଡ଼ିକର ନିୟମିତ ସଫେଇ, ଅବରୋଧ ହୋଇଥିବା ନାଳନର୍ଦ୍ଦମାର ପୁନରୁଦ୍ଧାର ଏବଂ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନ୍ ସହ ବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ନାଳନର୍ଦ୍ଦମା ଜବରଦଖଲ ଓ ଅବ୍ୟବସ୍ଥିତ ନିର୍ମାଣ ଯୋଗୁଁ ଯଦି ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥାଏ, ତେବେ ସମ୍ପୃକ୍ତ ବିଭାଗ ପକ୍ଷରୁ ଯାଂଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ମଧ ଦାବି ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ବର୍ଷା ପରିମାଣ ବଢ଼ିଲେ ଜଳାବଦ୍ଧତା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଏନ୍ଥି-୭୯ ଅଂଚଳର ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ସହ ନିୟମିତ ସଫେଇ ଓ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

# ଆଦର୍ଶ ଓ ଧର୍ମପରାୟଣା ମହିଳା ଶାନ୍ତିଲତା ପାତ୍ରଙ୍କ ମୃତ୍ୟୁରେ ସମଗ୍ର ଆଠଛକରେ ଶୋକର ଛାୟା



ବାଲେଶ୍ୱର,୨୯/୦୭ (ନି.ପ୍ର): ସମଗ୍ର ଜୀବନକାଳ ମଧରେ ଜଣେ ଧର୍ମ ପରାୟଣା, ଦୟାବତୀ ଓ ଦୁଃଖୀ ମଣିଷର ମାଆ ଥିଲେ ସ୍ୱର୍ଗତା ଶାନ୍ତିଶତଳ ପାତ୍ର । ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଦିନ ୯୦ ବର୍ଷ ବୟସରେ ସେ ସ୍ୱର୍ଗାରୋହଣ କଲେ । ବିଶିଷ୍ଟ ସାରସ୍ୱତ ସାଧକ, ବହୁ ପୁସ୍ତକର ରଚୟିତା ପ୍ରଫେସର ଡ. ଜୀବନ କୃଷ୍ଣ ପାତ୍ରଙ୍କ ସହଧର୍ମିଣୀ । ଏକମାତ୍ର ପୁତ୍ର ପ୍ରଫେସର ଡ. ପ୍ରଦୀପ ପାତ୍ର ଆସାମର ବଡ଼ଲେଣ୍ଡ ବିଶ୍ୱବିଦ୍ୟାଳୟର କୁଳପତି ଅଛନ୍ତି । ପୁତ୍ରବଧୂ ପ୍ରଫେସର ଡ. ତନୁଶ୍ରୀ ପାତ୍ର ଇଂରାଜୀ ବିଭାଗର ମୁଖ୍ୟ ଭାବେ ଆସାମରେ କାର୍ଯ୍ୟରତ । ଏକ ଆଦର୍ଶ ଶିକ୍ଷିତ ଓ ସ୍ୱାଧୀନତା ସଂଗ୍ରାମୀ ପରିବାର ଭୋଗରାଇର ନୂଆପାଲି ଠାରେ ଶାନ୍ତିଲତା ଦେବୀଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି । ଭାଇ ଡଃ ବସନ୍ତ ପାତ୍ର, ବିଜୟ ପାତ୍ର, ହରେକୃଷ୍ଣ ପାତ୍ର, ଜିଲ୍ଲା କଂଗ୍ରେସ ସଭାପତି କବି ସତ୍ୟଶିବ ଦାସ, ମନିଷ କାଳିକିଙ୍କର ଦାସ, ସୌଭାଗିନୀ ମିଶ୍ର, କବି ସୁକୁମାର ଦାସ, କବି ବ୍ରଜ ନାରାୟଣ ପାଣିଗ୍ରାହୀ, ସମାଜସେବୀ ଦେବୁ ପାତ୍ର, ଦେବବ୍ରତ ଦେ, ସୁବ୍ରତ ସାହୁ, ମୁରଲୀ ମୋହନ ପଟ୍ଟନାୟକ, ଶିକ୍ଷକ ନେତା ରାଜେନ୍ଦ୍ର ବିକାଶ ପାତ୍ର, ଡ. ଶିବ ନାରାୟଣ ପାତ୍ର, ସମାଜସେବୀ ଧନଞ୍ଜୟ ସାହୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ପରିବାର ପ୍ରିୟଜନଙ୍କୁ ସମବେଦନା ଜଣାଇଥିଲେ ।

# ଉପରଝରେ ମହିଳା କଲେଜ ଓ ହାଇସ୍କୁଲରେ ସମସ୍ୟା ଶୁଣିଲେ ନରସିଂହ ହାଇସ୍କୁଲ ପାଇଁ ଭିତିଭୂମି ଓ କଲେଜର ପାଠପଢା ଉପରେ ଗୁରୁତ୍ୱ

ବଲାଙ୍ଗୀର,୨୮/୦୭ (ନି.ପ୍ର): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ପଂଚାୟତର ଉପରଝର ମହିଳା କଲେଜ ଏବଂ ଉପରଝର ହାଇସ୍କୁଲ ପରିଦର୍ଶନ କରି କଲେଜ ଅଧ୍ୟକ୍ଷ, ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ଏବଂ ଛାତ୍ର ଛାତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଉଭୟ ହାଇସ୍କୁଲ ଏବଂ କଲେଜର ଅଧାପନା କିପରି ଚାଲିଛି, ଭିତିଭୂମି ତଥା ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ସ୍ଥିତି ଏବଂ ଛାତ୍ର ଛାତ୍ରୀମାନଙ୍କ ମଧରେ ଶିକ୍ଷାପ୍ରତି କିପରି ଆଗ୍ରହ ଅଛି ସେ ଉପରେ ଆଲୋଚନା ହୋଇଥିଲା। ଉଭୟ ସ୍କୁଲ ଓ କଲେଜରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସମ୍ପୁର୍ଣ୍ଣ ଭାବେ ପୁରଣ ନ ଥିଲେ ହେଁ ଶିକ୍ଷାଦାନ ଠିକ୍ ଠାକ ଚାଲିଥିବାର ଦେଖାଯାଇଥିଲା। ହାଇସ୍କୁଲର ନବମ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ସଂଖ୍ୟା ଅଧିକ ଥିବାରୁ ଏଠାରେ ଆଉ ଗୋଟିଏ ଲେଖାଏଁ ଶାଖା ବଢିବା ପାଇଁ ଦରକାର କିନ୍ତୁ ଶ୍ରେଣୀ ଗୃହ ଏବଂ ତା ପାଇଁ ଅଧିକ ଶିକ୍ଷକ ପଦବୀ ଦରକାର ଥିବାରୁ ଏହାକୁ ନେଇ ଶିକ୍ଷା ବିଭାଗ ସହ ଶ୍ରୀ ମିଶ୍ର ଆଲୋଚନା କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଯେହେତୁ ଏହି ହାଇସ୍କୁଲରେ ଆଗାମୀ ବର୍ଷରେ ଯୁକ୍ତ ଦୁଇ ବିଜ୍ଞାନ ଖୋଲିବ, ତେଣୁ ଏହାର ଆନୁସଙ୍ଗିକ ବ୍ୟବସ୍ଥା, ପ୍ରସ୍ତୁତି ଓ ଭିତିଭୂମି କିପରି ଅଛି ସେ ଦିଗରେ ଶ୍ରୀ ମିଶ୍ର ଆଲୋଚନା କରିଥିଲେ। ଏହି ଅଂଚଳରେ ଛୋଟ ଛୋଟ ଛୁଆ, ଅଭିଭାବକ, ସାଧାରଣ ଜନତା ଭିତରେ ଶିକ୍ଷ ପ୍ରତି ଅନେକ ଆଗ୍ରହ ଅଛି ତେଣୁ ଶ୍ରୀ ମିଶ୍ର ଏଠାରେ ଏକ ଗୋଦାବରିଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଖୋଲିଲେ ଗୋଟିଏ କ୍ୟାମ୍ପସ ଭିତରେ ସମସ୍ତ ଛାତ୍ର ଛାତ୍ରୀ ପାଠ ପଢିପାରିବେ ବୋଲି ଶ୍ରୀ ମିଶ୍ର କହବା ସହ ଏହାକୁ ଶିଘ୍ର କାର୍ଯ୍ୟକାରିତା କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିବେ ବୋଲି କହିଛନ୍ତି। ହାଇସ୍କୁଲ ଛାତ୍ର ଛାତ୍ରୀମାନ ଶ୍ରୀ ମିଶ୍ର ଆଲୋଚନା କରି ପାଠପଢାରେ ଅବହେଳା ନ କରିବା ତଥା ଆତ୍ମ ବିଶ୍ୱାସ ସହ ସମାଜ ତଥା ଦେଶ ପାଇଁ ନିଜକୁ ଗଢିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ପରେ ଉପରଝର ଯୁକ୍ତ ଦୁଇ ବାଳିକା କଲେଜକୁ ଯାଇ ସେଠାରେ ଥିବା ପରିଚାଳନା କମିଟି, ଅଧ୍ୟକ୍ଷ, ଅଧାପକ ଓ ଛାତ୍ର ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ମିଶ୍ର ନିଜେ ବିଧାୟକ ଥିବା ବେଳେ ଅଂଚଳବାସୀଙ୍କ ଅନୁରୋଧ କ୍ରମେ ନାରୀ ଶିକ୍ଷାର ଗୁରୁତ୍ୱ କୁ ବୁଝି ଏଠାରେ ଏହି କଲେଜର ପ୍ରତିଷ୍ଠା କରାଇଥିଲେ। ଉପରିକି ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୪୫ ଲକ୍ଷ ଟଙ୍କାର ଏକ ଅନୁଦାନ ନୂତନ କୋଠା ତିଆରି କରିବା ପାଇଁ ବ୍ୟବସ୍ଥା କରାଇଥିଲେ କିନ୍ତୁ ସେହି ୪୫ଲକ୍ଷରୁ କେବଳ ୨୫ଲକ୍ଷ ଟଙ୍କା ର କାମ ହୋଇପାରିଲା। ବାକି ଅନୁଦାନ ଲୋକଙ୍କ ତାଳମେଳ ଅଭାବରୁ ଫେରିଯିବାର ଅତ୍ୟନ୍ତ ଦୁଃଖଦାୟକ ବୋଲି ଶ୍ରୀ ମିଶ୍ର କହିଥିଲେ।

# ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶାନ୍ତି କମିଟି ବୈଠକ: ଆଇନ ଶୃଙ୍ଖଳା ରକ୍ଷା, ସାମାଜିକ ସଂହତି ଓ ଜମି ବିବାଦର ସମାଧାନ ପାଇଁ ମିଳିତ ଆହ୍ୱାନ

ମାଲକାନଗିରି,୨୯/୦୭ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ଏଫ୍ ଏଲ୍ ସି ହଲ୍ ରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି କମିଟି ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ପ୍ରଗତି ଏବଂ ସାମାଜିକ ସଦଭାବନାକୁ ସର୍ବୋପରି ପ୍ରାଧାନ୍ୟ ଦେଇ ମାଲକାନଗିରିର ବିଧାୟକ ନରସିଂହ ମାଡ଼କାମି ଯୋଗଦେଇ ଜିଲ୍ଲାବାସୀଙ୍କ ମଧରେ ଏକତା ବଜାୟ ରଖିବା ପାଇଁ ଏକ ଆନ୍ତରିକ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ମାଲକାନଗିରି ଜିଲ୍ଲାରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖି ପରସ୍ପର ମଧରେ ସଂହତି ରକ୍ଷା କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ଆମର ଏହି ପାରସ୍ପରିକ ଭାଇଚାରା ହିଁ ଜିଲ୍ଲାର ବିକାଶକୁ ଆଗକୁ ନେଇପାରିବ। ଏହି ସମ୍ମିଳନୀରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଆଇନଜୀବୀ ଗୁରୁଚରଣ ମହାନ୍ତି, ମାଲକାନଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିବ୍ୟ ରଞ୍ଜନ ଦଳେଇ, ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୋଷ ପ୍ରଧାନଙ୍କ ସହିତ ବିଭିନ୍ନ ତହସିଲର ତହସିଲଦାର, ସମସ୍ତ ଥାନାର ଆଇ ଆଇ ସି ଏବଂ ଜଙ୍ଗଲ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହିତ ମାଲକାନଗିରି ଆଦିବାସୀ ସମାଜର ସଭାପତି ବନ୍ଧୁ ମୁଦୁଲି, ବଙ୍ଗାଳୀ ସମାଜର ସଭାପତି ଗୌରାଙ୍ଗ କର୍ମକାରଙ୍କ ସମେତ ଓଡ଼ିଆ, ତେଲୁଗୁ, ମାହେଶ୍ୱରୀ ଓ ଜୈନ ସମାଜର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବୈଠକରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ସମସ୍ୟା ସହିତ ଜମିଜମା ସଂକ୍ରାନ୍ତ ବିଭିନ୍ନ ବିଷୟରେ ବିସ୍ତୃତ ଭାବେ ସକାରାତ୍ମକ ଆଲୋଚନା ହୋଇଥିଲା। ଉପ-ଜିଲ୍ଲାପାଳ ଶ୍ରୀ ଭୋଇ ଆଦିବାସୀ ଭାଇମାନଙ୍କ ଜମି ଅଣ-ଆଦିବାସୀମାନେ କିଣିଥିବା ଯୋଗୁଁ ଉପୁଜିଥିବା ବିଭିନ୍ନ ସମସ୍ୟା, ଜଙ୍ଗଲ ଜମି ଅଧିକାର ଓ ପଟ୍ଟା ମିଳିବା ଆଇନ ଏବଂ ବେସରକାରୀ ଜମି କିଣାବିକା ସଂକ୍ରାନ୍ତ ଆଇନ ବିଷୟରେ ସମସ୍ତଙ୍କୁ ବିସ୍ତାରିତ ଭାବେ ଅବଗତ କରାଇଥିଲେ। ଜିଲ୍ଲାରେ ସାମାଜିକ ସଦଭାବନା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ସକ୍ରିୟ ଭୂମିକା ଗ୍ରହଣ କରିଛି। ପ୍ରଶାସନ ପକ୍ଷରୁ ସମସ୍ତ ଜମିଜମା ବିବାଦକୁ କେବଳ ଆଇନଗତ ଭାବେ ଓ ପ୍ରଶାସନିକ ସ୍ତରରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରାଯାଇଛି। ଉପ-ଜିଲ୍ଲାପାଳ ଶ୍ରୀ ଭୋଇ ସମସ୍ତଙ୍କୁ ଅନୁରୋଧ କରି କହିଛନ୍ତି, ଜମିଜମା ସଂକ୍ରାନ୍ତୀୟ ଯେକୌଣସି ବିବାଦର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସଦା ସର୍ବଦା ପ୍ରସ୍ତୁତ ରହିଛି। ସେଥିପାଇଁ କେହି ମଧ ଆଇନକୁ ନିଜ ହାତକୁ ନ ନେଇ ପ୍ରଶାସନ ଜରିଆରେ ଆଇନ ଅନୁଯାୟୀ ଏହାର ସମାଧାନ ପାଇଁ ଆବେଦନ କରନ୍ତୁ। ଏଥିସହିତ ସରକାରୀ ଜମି ଜବରଦଖଲ କରିଥିବା ଲୋକମାନଙ୍କୁ ଚିହ୍ନଟ କରି, ସେମାନଙ୍କ ଅଧୀନରେ ଥିବା ସମସ୍ତ ଜମିର ପରିମାଣ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପାଇଁ ଶ୍ରୀ ଭୋଇ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସମାଜରେ ଶାନ୍ତିପୂର୍ଣ୍ଣ ପରିବେଶ ଏବଂ ସାମାଜିକ ସୁରକ୍ଷା ବଜାୟ ରଖିବା ପାଇଁ ବୈଠକରେ ସ୍ପଷ୍ଟ କରାଯାଇଛି ଯେ, ଆଇନ ବିଷୟରେ ସଠିକ୍ ଧାରଣା ନଥାଇ ଯଦି କେହି ବ୍ୟକ୍ତି କୌଣସି ଭ୍ରମାତ୍ମକ ବା ଭୁଲ ତଥ୍ୟ ପ୍ରଚାର କରନ୍ତି, ତେବେ ସାମାଜିକ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶେଷରେ, ସବୁ ସମାଜର କର୍ମକର୍ତ୍ତାମାନେ ପ୍ରଶାସନର ଏହି ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇବା ସହ ଜିଲ୍ଲାର ସମସ୍ତ ସମସ୍ୟାର ସମାଧାନ ଆଗାମୀ ଦିନରେ କେବଳ ଶାନ୍ତିପୂର୍ଣ୍ଣ ସଂଳାପ ଓ ଆଲୋଚନା ମାଧ୍ୟମରେ କରାଯିବ ବୋଲି ସହମତି ପ୍ରଦାନ କରିଛନ୍ତି।

ଏହି ବୈଠକ ପରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ନିୟମ ଅଧୀନରେ ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ଏସସି/ଏସଟି ଅତ୍ୟାଚାର ମାମଲାଗୁଡ଼ିକର ସମୀକ୍ଷା କରାଯିବା ସହ ପୀଡ଼ିତଙ୍କୁ ଯଥାଶୀଘ୍ର ରିଲିଫ୍ ଓ ନ୍ୟାୟିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ବିଡିଓ , ଡିଏସପି ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଆଇନର କଡ଼ାକଡ଼ି କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଛନ୍ତି।

## ବନ୍ୟା ପରିସ୍ଥିତି ଓ ଲଗାଣ ବର୍ଷା ଯୋଗୁଁ ଆଜି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି ବନ୍ଦ

ଭଦ୍ରକ, ୨୯/୭ (ନି.ପ୍ର):ଭଦ୍ରକ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବଂ ଲଗାତାର ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ ତା. ୩୦ଜୁଲାଇ ୨୦୨୬ (ଗୁରୁବାର) ଦିନ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ସହ ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ପାଠପଢ଼ା ସ୍ଥଗିତ ରଖାଯାଇଛି। ତେବେ, ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷକ କର୍ମଚାରୀମାନେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବେ ଏବଂ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ସେମାନେ ତୁରନ୍ତ ଦାୟିତ୍ୱ ପାଳନ କରିବେ।

## ଅଗଷ୍ଟ ୧୧ପର୍ଯ୍ୟନ୍ତ ନୀଳଗିରିରେ ଟ୍ରେନ ଚଳଚଳ ବନ୍ଦ

ନୀଳଗିରି, ୨୯/୭ (ନି.ପ୍ର): ନୀଳଗିରି ଗୋପିନାଥପୁର ରେଳ ଷ୍ଟେସନରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ୩ଟି ମେମୋଟ୍ରେନ ଆସନ୍ତା ଅଗଷ୍ଟ ମାସ ୧୧ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବାନେଇ ରେଳବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଖଡଗପୁର ଡିଭିଜନ୍ ଅଧୀନ ନାରାୟଣଗଡ ରେଳ ଷ୍ଟେସନଠାରୁ ଭଦ୍ରକ ରେଳଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଲାଇନ ରେଳଧାରଣା କାର୍ଯ୍ୟ ଚାଲୁରହିଥିବା କାରଣରୁ ରେଳ ଚଳାଚଳକୁ ବନ୍ଦ କରାଯାଇଛି। ଫଳରେ ପ୍ରତ୍ୟହ ଟ୍ରେନ ସାହାଯ୍ୟରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରୁଥିବା ଅନେକ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହେବେ।

# ପାରାଦୀପ ରିଫାଇନରୀ ହେଉଛି ଶିଳ୍ପ ଉତ୍କର୍ଷତାର ଏକ ସ୍ୱରୂପ, ନବୀକରଣ ଏବଂ ସମାବେଶୀ ବିକାଶର ପ୍ରତୀକ



ପାରାଦ୍ୱୀପ , ୨୯/୭ (ନି.ପ୍ର): ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ଫେବୃଆରୀ ୭,୨୦୧୬ ରେ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ପାରାଦୀପ ରିଫାଇନରୀ ଭାରତର ପୂର୍ବ ଉପକୂଳରେ ଥିବା ସର୍ବବୃହତ ରିଫାଇନରୀ ଏବଂ ପୂର୍ବ ଭାରତର ଶକ୍ତି କ୍ଷେତ୍ରର ପ୍ରବେଶ ପଥ ଭାବରେ ପ୍ରତୀୟମାନ ହୋଇଛି। ବିଶାଳ ୩,୩୦୦ ଏକରର ବୈଷୟିକ ସମୃଦ୍ଧ ଏହି ରିଫାଇନରୀ, ଓଡ଼ିଶାର ପାରାଦୀପର ସ୍ଥିତିକୁ ବଦଳାଇ ଦେଇଛି ଏବଂ ଇଣ୍ଡିଆନ୍ ଅଏଲର ମୁକୁଟରେ ଏକ ଉଜ୍ଜ୍ୱଳ ଅଳଙ୍କାର ଭାବରେ ଗର୍ବର ସହ ଠିଆ ହୋଇଛି । ବୁଧବାର ଦିନ ପାରାଦୀପ ରିଫାଇନାରୀ କମ୍ୟୁନିଟି ହଲ୍ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀଯୁକ୍ତ କୌଶିକ ବସୁ କହିଛନ୍ତି, 'ପାରାଦୀପ ରିଫାଇନରୀ ହେଉଛି ଶିଳ୍ପ ଉତ୍କର୍ଷତାର ଏକ ସ୍ୱରୂପ, ନବୀକରଣ ଏବଂ ସମାବେଶୀ ବିକାଶର ପ୍ରତୀକ। ପାରାଦୀପକୁ ଏକ ବିଶ୍ୱସ୍ତରୀୟ ସମନ୍ୱିତ ରିଫାଇନରୀ ଏବଂ ପେଟ୍ରୋକେମିକାଲ୍ ହବ୍ ଭାବରେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍ ର ନିରନ୍ତର ନିବେଶ ଏହାର ପ୍ରତିବଦ୍ଧତାକୁ ଦୋହରାଉଛି, ଯାହା ଭାରତର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିଥାଏ, ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଓଡ଼ିଶା ତଥା ଦେଶର ଦେଶବାସୀଙ୍କ ପାଇଁ ନିରନ୍ତର ଭାବେ ସୁଫଳ ସୃଷ୍ଟି କରିଥାଏ। "ଇଣ୍ଡିଆନ୍ ଅଏଲ୍: ଭାରତର ଉର୍ଜା ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଆଧାର । ଇଣ୍ଡିଆନ୍ ଅଏଲ୍ ପାରାଦୀପରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ନିବେଶ କରିଛି, ଯେଉଁଥିରେ ଏହାର ଅତ୍ୟାଧୁନିକ ରିଫାଇନରୀ ୟୁନିଟ୍ (୩୪,୫୫୫ କୋଟି ଟଙ୍କା), ପଲିପ୍ରୋପିଲିନ୍ ପ୍ଲାଣ୍ଟ (୩,୧୫୦ କୋଟି ଟଙ୍କା) ଏବଂ ମୋନୋ ଇଥିଲିନ୍ ଗ୍ଲାଇକୋଲ୍ ପ୍ଲାଣ୍ଟ (୫,୬୫୪ କୋଟି ଟଙ୍କା) ଅନ୍ତର୍ଭୁକ୍ତ ଅଟେ । ଏହି ପୁଞ୍ଜିନିବେଶ ଆଜି ପାରାଦୀପ ଏବଂ ଏହାର ଆଖପାଖ ଅଞ୍ଚଳର ୧୨,୫୦୦ ରୁ ଅଧିକ ଲୋକଙ୍କ ଜୀବିକା ନିର୍ବାହରେ ସହାୟକ । ଆର୍ଥିକ ବର୍ଷ ୨୦୨୫-୨୬ ରେ, ପାରାଦୀପ ରିଫାଇନରୀ ସର୍ବାଧିକ ୧୬.୩୫ ମିଲିୟନ୍ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ବିଶୋଧନର ରେକର୍ଡ କରିବା ସହିତ ଷ୍ଟାଣ୍ଡବାଏ ସଲଫର୍ ରିକଭରୀ ୟୁନିଟ୍-ଓଓଓ ଓ ନୂତନ ହାଇଡ୍ରୋଜେନ୍ ଜେନେରେସନ୍ ୟୁନିଟ୍‌କୁ କାର୍ଯ୍ୟକ୍ଷମ କରିଛି। ଏହି ଗତିକୁ ଆଗକୁ ବଢ଼ାଇ, ଚଢ–ଚଞ୍ଚଇ ପ୍ରକଳ୍ପ ଅଧୀନରେ ବାର୍ଷିକ ୧.୨ ମିଲିୟନ୍ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ପ୍ୟୁରିଫାଇଡ୍ ଟେରେଫଥାଲିକ୍ ଏସିଡ୍ ୟୁନିଟ୍ ବର୍ତ୍ତମାନ ସମ୍ପୂର୍ଣ ହେବା ପର୍ଯ୍ୟାୟରେ ପହଞ୍ଚିଛି, ଯାହା ପାରାଦୀପ ରିଫାଇନରୀର ପେଟ୍ରୋକେମିକାଲ୍ ସମ୍ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ଏହା ସହିତ, ପେଟ୍ରୋକେମିକାଲ୍ ଭାଲ୍ୟୁ ଚେନ୍ କୁ ସୁଦୃଢ଼ କରିବା ପାଇଁ ଇଣ୍ଡିଆନ୍ ଅଏଲ୍ ପାରାଦୀପ ଠାରେ ଚାଲୁ ରହିଥିବା ପାରାଜାଇଲିନ୍-ପ୍ୟୁରିଫାଇଡ୍ ଟେରେଫଥାଲିକ୍ ଏସିଡ୍ ପ୍ରକଳ୍ପରେ ୧୩,୮୦୫ କୋଟି ଟଙ୍କା ପୁଞ୍ଜିନିବେଶ କରିଛି। ଏହାଛଡ଼ା, ଓଡ଼ିଶାର ଟେକ୍ସଟାଇଲ୍ କ୍ଷେତ୍ରକୁ ସହାୟତା କରିବା ପାଇଁ ଗଉଚଓ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଳିତ ଉଦ୍ୟୋଗ ମାଧ୍ୟମରେ ଭଦ୍ରକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨ କୋଟି ଟଙ୍କା ନିବେଶ କରାଯିବାକୁ ଯୋଜନା କରାଯାଇଛି ଏବଂ ସଷ୍ଟେନେବଲ୍ ଆଭିଏସନ୍ ଫୁଏଲ୍ ଉତ୍ପାଦନ ପାଇଁ ଗ୧୧ ଏନର୍ଜି ଟ୍ରାଞ୍ଜିସନ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଳିତ ଉଦ୍ୟୋଗ ମାଧ୍ୟମରେ ହାଇଡ୍ରୋପ୍ରୋସେସଡ୍ ଏଷ୍ଟର୍ସ ଆଣ୍ଡ ଫ୍ୟାଟି ଏସିଡ୍ସ -ଆଧାରିତ ସଷ୍ଟେନେବଲ୍ ଆଭିଏସନ୍ ଫୁଏଲ୍ ପ୍ରକଳ୍ପରେ ୧,୦୬୪ କୋଟି ଟଙ୍କା ନିବେଶ କରିବାର ଲକ୍ଷ୍ୟ ରଖାଯାଇଛି । ଇଣ୍ଡିଆନ୍ ଅଏଲ୍ ହେଉଛି ଏକ ଫର୍ଚୁନ୍ ୫୦୦ ତାଲିକାଭୁକ୍ତ, ସମନ୍ୱିତ ଉର୍ଜା ପ୍ରମୁଖ କମ୍ପାନୀ ଯାହା ତୈଳ, ଗ୍ୟାସ୍, ପେଟ୍ରୋକେମିକାଲ୍ ଓ ବିକଳ୍ପ ଉର୍ଜା ଉତ୍ସଗୁଡ଼ିକର ପ୍ରାୟ ସମସ୍ତ କ୍ଷେତ୍ରରେ ଉପସ୍ଥିତ। ଇଣ୍ଡିଆନ୍ ଅଏଲ୍ ଦେଶର ସବୁଠାରୁ ବଡ଼ ଓ ଅଧିକ ବିଶ୍ୱସ୍ତ କମ୍ପାନୀ ମଧ୍ୟରୁ ଗୋଟିଏ, ଯାହା ଏକ ବିଲିୟନ୍ ରୁ ଅଧିକ ଭାରତୀୟଙ୍କ ଜୀବନ ସହିତ ସଂଯୁକ୍ତ ଅଟେ। ପ୍ରାୟ ୩୦,୦୦୦ କର୍ମଚାରୀଙ୍କ ସହିତ, ଏହି କମ୍ପାନୀ ଜାତୀୟ ରିଫାଇନିଂ କ୍ଷମତାର ଏକ ତୃତୀୟାଂଶକୁ ପରିଚାଳନା କରିଥାଏ। ଏକ ବ୍ୟାପକ ବିତରଣ, ମାର୍କେଟିଂ ଭିତ୍ତିଭୂମି ଏବଂ ଉନ୍ନତ ଗବେଷଣା ଓ ବିକାଶ ସୁବିଧା ସହିତ ଇଣ୍ଡିଆନ୍ ଅଏଲ୍ ଏହାର ୬୫,୦୦୦ ରୁ ଅଧିକ ଗ୍ରାହକ ଯୋଗାଯୋଗ ପଏଣ୍ଟର ନିରନ୍ତର ବିସ୍ତୃତ ହେଉଥିବା ନେଟୱାର୍କ ମାଧ୍ୟମରେ ସାରା ଦେଶରେ ଲକ୍ଷ ଲକ୍ଷ ଲୋକଙ୍କୁ ଉର୍ଜା ପ୍ରଦାନ କରୁଛି। ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ୩୦,୩୯୨ କୋଟି ଟଙ୍କାରୁ ଅଧିକ ଅଂଶଦାନ କରିଛି । ନିଜର କୋର୍ ମୂଲ୍ୟ 'ଯତ୍ନ'କୁ ଆଧାର କରି ଇଣ୍ଡିଆନ୍ ଅଏଲ୍, ପାରାଦୀପ ରିଫାଇନରୀ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଭାବଶାଳୀ ଉତ୍ପଜ ପରିଯୋଜନାକୁ କାର୍ଯ୍ୟକାରୀ ଜାରିରଖିଛି। ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ପୁଷ୍ଟି, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ପରିବେଶ ସଂରକ୍ଷଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତା ଆଦି ସାମିଲ ଅଛି। ଏହି ପଦକ୍ଷେପ ଦ୍ୱାରା ସମାବେଶୀ ବିକାଶ ଏବଂ ଉନ୍ନତି ସୁନିଶ୍ଚିତ ହୋଇ ପାରିଛି। ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ଆର୍ଥିକ ବର୍ଷ ୨୦୧୪-୧୫ ରୁ ୨୦୨୫-୨୬ ମଧ୍ୟରେ କୋର୍ପୋରେଟ୍ ସାମାଜିକ ଦାୟିତ୍ୱ ଏବଂ କୋର୍ପୋରେଟ୍ ପରିବେଶ ଦାୟିତ୍ୱ ଅଧୀନରେ ପ୍ରଭାବଶାଳୀ ପଦକ୍ଷେପଗୁଡ଼ିକ ପାଇଁ ୫୬.୭୧ କୋଟି ଟଙ୍କା ବ୍ୟୟ କରିଛି। ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ମିଳନୀରେ ଅର୍ଥ ବିଭାଗର ସି.ଜି.ଏମ୍ ଶ୍ରୀ ଯେ.ସି ଭୋଇ ଓ ମାନବ ସମ୍ବଳ ବିଭାଗର ସି.ଜି.ଏମ୍ ଶ୍ରୀ ଧର୍ମେଶ ଚୌଧୁରୀ ପ୍ରମୁଖ ମଞ୍ଚାସିନ ଥିଲେ । ଆଜିର ଏହୀ ସାମ୍ବାଦିକ ସମ୍ମିଳନୀକୁ ସଂଗ୍ରାମ ମହାପାତ୍ର ଓ ପ୍ରବୀର ପତି ପରିଚାଳନା କରିଥଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟସଭା ଓ ଲୋକସଭା...

ସେ କହିଛନ୍ତି ଯେ, ଏହା କାହା ଉପରେ ବ୍ୟକ୍ତିଗତ ଆକ୍ରମଣ ନୁହେଁ। କଂଗ୍ରେସ କେବଳ ଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ସ୍ୱାର୍ଥ ପାଇଁ ଏକ ପ୍ରସଙ୍ଗ ଉଠାଉଛି। ପୂର୍ଣ୍ଣିଆର ସ୍ୱାଧୀନ ସାଂସଦ ପପ୍ପୁ ଯାଦବ ପଚାରିଥିଲେ, କାହିଁକି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଅଧକ୍ଷଙ୍କୁ ହଟାଯାଇନାହିଁ ? ୨୦୧୮ରେ ଏନ୍‌ଟିଏ ପ୍ରତଷ୍ଠା କରାଯାଇଥିଲା। ଏହାର ଅଧକ୍ଷ ମଧ୍ୟପ୍ରଦେଶ ଶିକ୍ଷା ବିଭାଗରେ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କୁ ଅଣାଯାଇଥିଲା। ସେ କ'ଣ ଦୁନିଆରେ ଏକମାତ୍ର ଅଧିକାରୀ ଅଛନ୍ତି। ପପ୍ପୁ ଯାଦବ କହିଛନ୍ତି ଯେ, ଛଅରୁ ଆଠ କୋଟି ଫର୍ମ ପୂରଣ କରାଯାଏ। ଏହି ଟଙ୍କା ଏନ୍‌ଟିଏକୁ କାହିଁକି ଦିଆଯାଏ ? ଏଥିପାଇଁ କିଏ ଦାୟୀ ? କିଏ ତଦନ୍ତ କରିବ ?

### ଗୋଟିଏ ପଟେ କୂଟନୈତିକ...

ଗୋଟିଏ ପଟେ କୂଟନୈତିକ ଆଲୋଚନା। ଅନ୍ୟପଟେ ସାମରିକ ଆକ୍ରମଣ। ଏହି ଦୁଇ ବିପରୀତ ଘଟଣା ମଧ୍ୟପ୍ରାଚ୍ୟର ସ୍ଥିତିକୁ ଆହୁରି ଜଟିଳ କରିଛି । ଆମେରିକା-ଇରାନ ମଧ୍ୟରେ ଆଗକୁ ଆଲୋଚନା ଜାରି ରହିବ ନା ଉତ୍ତେଜନା ପୁଣି ବଡ଼ ସାମରିକ ସଂଘର୍ଷର ରୂପ ନେବ, ତାହା ଉପରେ ଏବେ ସାରା ବିଶ୍ୱର ନଜର । ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇବା ପାଇଁ କୂଟନୈତିକ ପ୍ରୟାସ ସଫଳ ହେବ ନା ଆଗକୁ ଆହୁରି ବଢ଼ିବ ମିସାଇଲ୍ ଓ ବୋମା ମାଡ଼, ତାହା ସମୟ ହିଁ କହିବ ।

### ଓଡ଼ିଶାରେ ବନ୍ୟା ସ୍ଥିତି: ୪୪ଟି ବ୍ଲକ୍...

ଏହା ବ୍ୟତୀତ ଆଜି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳ ମଧ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସର୍ବାଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକରୁ ପ୍ରାୟ ୩୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଅଞ୍ଚଳରେ ମଧ ଆବଶ୍ୟକତା ଅନୁଯାୟୀ ସ୍ଥାନାନ୍ତରଣ କରାଯାଇଛି। ସମସ୍ତ ରିଲିଫ କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସ୍ଥାନାନ୍ତରିତ ଲୋକଙ୍କୁ ସ୍ୱଚ୍ଛ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବାବେଳେ ଆବଶ୍ୟକ ସ୍ଥଳରେ ଶୁଖିଲା ରାସନ ବଣ୍ଟନ କରାଯାଉଛି। ଶିଶୁ, ମହିଳା ଓ ବୟସ୍କମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହିଳାମାନଙ୍କ ସୁରକ୍ଷା ପାଇଁ ରିଲିଫ କେନ୍ଦ୍ରଗୁଡ଼ିକରେ ମହିଳା ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରାଯାଇଛି। ମେଡିକାଲ ଟିମ୍ ମୁତୟନ କରାଯାଇଥିବାବେଳେ ଆବଶ୍ୟକ ଔଷଧ ମହଜୁଦ ରଖାଯାଇଛି ଏବଂ ସାପ କାମୁଡ଼ାର ଚିକିତ୍ସା ପାଇଁ ଆଣ୍ଟି-ସ୍ନେକ୍ ଭେନମ୍ ଇଞ୍ଜେକ୍ସନ୍ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଜରୁରୀ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମବିବିଏସ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି। ବୈଠକରେ ସୂଚନା ଦିଆଯାଇଥିଲା ଯେ, ବର୍ତ୍ତମାନ ସୁଦ୍ଧା ୨୨୬ଟି ଗ୍ରାମରେ ଜଳବନ୍ଦୀ ସ୍ଥିତି ରହିଛି। ତେବେ ବିଶେଷକରି ବାଲେଶ୍ୱର ଜିଲ୍ଲାରେ ଜଳସ୍ତର କମିବା ଆରମ୍ଭ କରିଥିବାରୁ ଅନେକ ଲୋକ ଧୀରେ ଧୀରେ ରିଲିଫ କେନ୍ଦ୍ରରୁ ନିଜ ଘରକୁ ଫେରୁଛନ୍ତି। ରାଜ୍ୟ ସରକାର ସମଗ୍ର ପରିସ୍ଥିତି ଉପରେ ନିରନ୍ତର ନଜର ରଖି ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ସମସ୍ତ ନଦୀବନ୍ଧ, ରିଲିଫ କେନ୍ଦ୍ର ଓ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂକୁ ବାଧ୍ୟତାମୂଳକ କରାଯାଇଛି। ନଦୀ ପରିସ୍ଥିତିର ସମୀକ୍ଷା ବେଳେ ଜଣାପଡ଼ିଥିଲା ଯେ ଛତିଶଗଡ଼ର ଉପର ଅବବାହିକା ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଛି।

### ବ୍ୟାରିକେଡ୍ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ...

ତେଣୁ ସରକାର ତୁରନ୍ତ ଦାବି ଉପରେ ବିଚାର କରିବା ଦରକାର। ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଦାବି କରିଛନ୍ତି। ଏପଟେ ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି। କୌଣସି ଅପ୍ରୀତିକର ଘଟଣା ଏଡ଼ାଇବା ପାଇଁ ଭୋପାଳର ବିଭିନ୍ନ ସ୍ଥାନରେ ଅତିରିକ୍ତ ପୁଲିସ ବଳ ମୁତୟନ କରାଯାଇଛି।

### ସିଏମ୍‌ଓରୁ ଫାଇଲ୍ ଗାୟବ ମାମଲା...

ଆଗାମୀ ଦିନରେ ଅନ୍ୟ କେଉଁ ଅଧିକାରୀ କିମ୍ବା ବ୍ୟକ୍ତିଙ୍କ ନାମ ଏଥିରେ ସାମ୍ନାକୁ ଆସୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି । ସିଏମ୍‌ଓରୁ ଫାଇଲ୍ ଗାୟବ ହେବା ଭଳି ଏକ ସମ୍ବେଦନଶୀଳ ଘଟଣାର ପର୍ଦ୍ଦାଫାଶ କରିବା ପାଇଁ କ୍ରାଇମବ୍ରାଞ୍ଚ ଏବେ ବୈଷୟିକ ଏବଂ ପାରିପାର୍ଶ୍ୱିକ ପ୍ରମାଣ ସଂଗ୍ରହରେ ଲାଗିପଡ଼ିଛି ।

### ରାଜ୍ୟସଭାରେ "ବନ୍ଦେ ମାତରମ୍'' ସଂଶୋଧନ...

ବିଲ୍ ଉପରେ ଆଲୋଚନା ସମୟରେ ସରକାରଙ୍କ ପକ୍ଷରୁ 'ବନ୍ଦେ ମାତରମ୍'ର ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଏହି ଗୀତ ଲୋକଙ୍କ ମଧ୍ୟରେ ଜାତୀୟ ଚେତନା ଜାଗ୍ରତ କରିବାରେ ବଡ଼ ଭୂମିକା ନେଇଥିଲା । ସରକାରଙ୍କ ମତରେ, ଏହି ସଂଶୋଧନ କେବଳ ଏକ ଆଇନଗତ ପରିବର୍ତ୍ତନ ନୁହେଁ । ଏହା ଦେଶର ଜାତୀୟ ଚେତନା ଓ ସାଂସ୍କୃତିକ ଐତିହ୍ୟ ପ୍ରତି ସମ୍ମାନକୁ ଆହୁରି ମଜବୁତ କରିବ । ତେବେ ଏହି ବିଲ୍‌କୁ ନେଇ ରାଜନୈତିକ ମହଲରେ ମଧ ମତଭେଦ ଦେଖାଦେଇଛି । ବିରୋଧୀ ଦଳର କିଛି ସାଂସଦ ବିଲ୍‌ର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପଟେ ସରକାର ଏହାକୁ ଜାତୀୟ ସଙ୍ଗୀତର ସମ୍ମାନ ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ଦିଗରେ ଏକ ପଦକ୍ଷେପ ବୋଲି କହିଛି । ରାଜ୍ୟସଭାରେ ବିଲ୍ ଗୃହୀତ ହେବା ପରେ ଏବେ ଏହା ଆଇନର ରୂପ ନେବା ପାଇଁ ପରବର୍ତ୍ତୀ ସଂସଦୀୟ ପ୍ରକ୍ରିୟା ଦେଇ ଯିବ । 'ବନ୍ଦେ ମାତରମ୍'କୁ ଆଇନଗତ ସୁରକ୍ଷା ଦେବାର ଏହି ପଦକ୍ଷେପ ଆଗାମୀ ଦିନରେ ଦେଶବ୍ୟାପୀ ଚର୍ଚ୍ଚାରେ ରହିବ ।

### ଅଗଷ୍ଟରୁ ବଢ଼ିବ ଦରଦାମ: ରୋଷେଇଠୁ ...

ଅଶୋଧିତ ତୈଳ ଓ ପାମ୍ ତେଲର ଆନ୍ତର୍ଜାତିକ ମୂଲ୍ୟ ବୃଦ୍ଧି, ପ୍ୟାକେଜିଂ ସାମଗ୍ରୀର ଦର ବୃଦ୍ଧି, ସାମୁଦ୍ରିକ ମାଲ ପରିବହନ ଖର୍ଚ୍ଚ ବଢ଼ିବା ଏବଂ ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ଅସ୍ଥିରତା ଯୋଗୁଁ ଆମଦାନୀ ହେଉଥିବା କଞ୍ଚାମାଲ ମହଙ୍ଗା ହୋଇଛି । ଫଳରେ କମ୍ପାନିଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବଢ଼ିଯାଇଛି । କମ୍ପାନିଗୁଡ଼ିକ ଏକାଥରେ ଦର ବଢ଼ାଇବା ପରିବର୍ତ୍ତେ ପର୍ଯ୍ୟାୟକ୍ରମେ ଏହାକୁ ଲାଗୁ କରିବେ । ପ୍ରଥମେ ବଡ଼ ଓ ପ୍ରିମିୟମ୍ ଉତ୍ପାଦର ଦର ବଢ଼ିବ । ପରବର୍ତ୍ତୀ ସମୟରେ ଛୋଟ ପ୍ୟାକେଟ୍‌ର ମୂଲ୍ୟ ମଧ ବୃଦ୍ଧି କରାଯିବ । ଏଥିସହ ସେପଟେମ୍ବର ମାସରେ ପୁଣି ଥରେ ୨ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ଦର ବୃଦ୍ଧି ହୋଇପାରେ । ନୂଆ ସିଜନ୍‌କୁ ଦୃଷ୍ଟିରେ ରଖି ପୋଷାକ ଉତ୍ପାଦନକାରୀ କମ୍ପାନିମାନେ ମଧ ସେମାନଙ୍କ ଉତ୍ପାଦର ଦର ବଢ଼ାଇବାକୁ ପ୍ରସ୍ତୁତି ଚଳାଇଛନ୍ତି।

# ୨ୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ




ବାରିପଦା , ୨୯/୭ (ନି.ପ୍ର): ସ୍ଥାନୀୟ ମହାରାଜା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ' ଦ୍ୱାରା ଆୟୋଜିତ ହେବାକୁଥିବା ୨ୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଜାତୀୟ ନାଟ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ଓ 'ଆଜିର ସମାଜ : ଆଜିର ନାଟକ' ବିଷୟ ଉପରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ସହଯୋଗୀତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦଘାଟନ କରିଥିଲେ ଓ ମହୋତ୍ସବର ଅଧକ୍ଷ ଡା. କୈଳାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠିତ ନାଟ୍ୟକାର ନିର୍ଦ୍ଦେଶକ ତଥା ଏନ ଏସ ଡି, ନୂଆଦିଲ୍ଲୀର ପ୍ରଫେସର ଡ଼. ସତ୍ୟବ୍ରତ ରାଉତ, କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ତଥା ନାଟ୍ୟଚେତନା ଗ୍ରୁପର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନାଟ୍ୟ ବିଭାଗର ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଗବେଷଣାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସାଧାରଣ ସମ୍ପାଦକ ଓ ଆବାହକ ତଥା ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଡ. ଦେବବ୍ରତ ପ୍ରିୟଦର୍ଶିନୀ ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଡ. ପୁଷ୍ପା ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ଆଲୋଚନା ଚକ୍ରରେ ବହୁ ନାଟ୍ୟପ୍ରେମୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଓ ପରବର୍ତ୍ତୀ ଆଲୋଚନା ଚକ୍ର ଚଳିତ ମାସ ୩୦ ତାରିଖ ଦିନ ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

# ହେଲଦି ଲାଇଫ୍‌ରେ ଦିବ୍ୟ ଜୀବନ ସଂଘ କବିରାମ ନଗର ଶାଖା ଦ୍ୱାରା ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ



ବାଲେଶ୍ୱର, ୨୯/୭ (ନି.ପ୍ର): ୨୯ତାରିଖ ବାଲେଶ୍ୱର ଚିଡ଼ିଆପୋଲ ସ୍ଥିତ ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ ନେଚର କିୟର ଏଣ୍ଡ ଯୋଗିକ ସାଇନସ ପରିସରରେ ବାଲେଶ୍ୱର ବୈରାମ ନଗର ସ୍ଥିତ ଦିବ୍ୟ ଜୀବନ ସଂଘ ଦ୍ୱାରା ଗୁରୁପୂର୍ଣ୍ଣିମା ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଯୋଗ ମହାବିଦ୍ୟାଳୟର ୧୦୦ ଜଣଛାତ୍ରଛାତ୍ରୀ ଓ ଦିବ୍ୟ ଜୀବନ ସଂଘ ଦ୍ୱାରା ୫୦ ଜଣ ସଭ୍ୟ ଯୋଗ ଦାନ କରିଥିଲେ । ଗୁରୁ ପାଦୁକା ପୂଜା, ସ୍ୱାଧ୍ୟାୟ, ପ୍ରାର୍ଥନା, ବେଦପାଠ, ଭଜନ ଓ ଶେଷରେ ପ୍ରସାଦ ସେବନ ହୋଇଥିଲା । ଉତ୍ସବରେ ସଂଘ ତରଫରୁ ଡାକ୍ତର ଆନନ୍ଦ ଶଙ୍କର ମହାପାତ୍ର, ଡାକ୍ତର ଚିତ୍ତରଂଜନ ସାହୁ, ଶରତ କୁମାର ଦାସ ମହାପାତ୍ର, ନିତ୍ୟାନନ୍ଦ ବାରିକ, ସୁରେନ୍ଦ୍ର ମାଝୀ, ପୁରସ୍ତମ ମାଝୀ, ମଣି ଦାସ, ମନୋଜ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ରଣା, ରଞ୍ଜନ ବାରିକ ଅନୁଷ୍ଠାନର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ, ଅଧାପିକା କାନ୍ତିକ୍ରୀର୍ଷ୍ଣା ପାଣିଗ୍ରାହୀ, ଅଧାପିକା ଅନୀତା ଦାସ, ଅଧାପକ ଅଭିଶେକ ଦାସ ଉତ୍ସବରେ ଅଂଶ ଗ୍ରହଣ କରି, ଆଜିର ଦିନରେ ଶାନ୍ତି ଆନନ୍ଦ ନିରୋଗ କେବଳ ଗୁରୁଙ୍କ ସାଧନା ମାର୍ଗ ଦ୍ୱାରା ମନର ବିକାଶ ହୋଇପାରବ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ସଂଯମ, ସଦାଚାର, ଆଦର୍ଶ ଆଚରଣ କଲେ ମଣିଷ ସମାଜ ବଞ୍ଚି ପାରିବ, ଶେଷରେ ଡାକ୍ତର ଚିତ୍ତରଂଜନ ସାହୁ ଏଭଳି ମହତ କାର୍ଯ୍ୟରେ ଯୋଗ ଦେଇଥିବାରୁ ସମସ୍ତଙ୍କୁ ଦୀର୍ଘାୟୁ କାମନା କରିଥିଲେ ।

# 'ଗୀତା'ର ଦିବ୍ୟବାଣୀ ଘରେ ଘରେ ପହଂଚାଇବାର ଉଦ୍ୟମ ଜାରି ରଖିଛନ୍ତି ଛାତ୍ରୀ 'ପରୀରୂପା'



ଉଦଳା , ୨୯/୭ (ନି.ପ୍ର): ମୟୂରଭଂଜରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀ 'ପରୀରୂପା ମହାନ୍ତ' ଗୀତାର ଦିବ୍ୟ ବାଣୀକୁ ଘରେ ଘରେ ପହଂଚାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଛୁଟି ଦିନ ମାନଙ୍କରେ ବିଦ୍ୟାଳୟ ତଥା ଆଖପାଖ ଅଂଚଳର ପିଲାଙ୍କୁ ଏକାଠି କରି ଗୀତା ପଢ଼ାନ୍ତି ଓ ତାକୁ ସରଳ ଭାଷାରେ ବୁଝାଇ ଦିଅନ୍ତି। ତାଛଡ଼ା ଗୀତା ଜୟନ୍ତି, ମନ୍ଦିର ପ୍ରତିଷ୍ଠା, ଦୋଳ ଉତ୍ସବ, ଅଷ୍ଟପ୍ରହରୀ ନାମଯଜ୍ଞ ତଥା ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ମାନଙ୍କରେ ଗୀତା ଉପରେ ପ୍ରବଚନ ଦିଅନ୍ତି। 'ପରୀରୂପା'ଙ୍କର ଏଭଳି ଏକ ଉଦ୍ୟମ ପାଇଁ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । ପ୍ରକାଶ ଥାଉକି ମାତ୍ର ୭ ବର୍ଷ ବୟସରେ ଗୀତାର ୭୦୦ ଶ୍ଳୋକକୁ କଣ୍ଠସ୍ଥ କରି ସେ ସମଗ୍ର ଓଡ଼ିଶାରେ ଚର୍ଚ୍ଚାର ପରିସରକୁ ଆସିଥିଲେ। ଏଥିପାଇଁ ବିଭିନ୍ନ ସ୍ଥାନରୁ ପୁରସ୍କୃତ ହେବା ସହ ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ରେ ସ୍ଥାନ ପାଇଥିଲେ । 'ପରୀରୂପା'ଙ୍କର ଜନ୍ମସ୍ଥାନ ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ। ତାଙ୍କର ପାଠପଢ଼ାରେ ମଧ 'ପରୀରୂପା' ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ସେ ବିଗତ ଦିନରେ ତୃତୀୟ ଶ୍ରେଣୀ ଓ ପଂଚମ ଶ୍ରେଣୀରେ ବୃତି ପରୀକ୍ଷାରେ ପାଇଥିବା ଅର୍ଥରାଶିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି ।

# କାଲାମଙ୍କ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେଉ: ଉପ ମୁଖ୍ୟ ସଚେତକ




ବାଲେଶ୍ୱର, ୨୯/୭ (ନି.ପ୍ର): ଯୁବ ସମାଜ ହେଉଛନ୍ତି ଦେଶର ଭବିଷ୍ୟତ। ଦେଶର ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ସେମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମତବ୍ୟକ୍ତ କରିଛନ୍ତି। ଆଜି ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ଡ.ଏପିଜେ ଅବଦୁଲ କାଲାମ ଙ୍କ ଶ୍ରାଦ୍ଧ ଦିବସ ରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶ୍ରୀ ଦାସ କହିଲେ ଯେ, ଡ. କାଲାମ ତାଙ୍କର ଅଭିଭାଷଣ ରେ ଯୁବ ସମାଜକୁ ସ୍ୱପ୍ନ ଦେଖିବାକୁ କହୁଥିଲେ। ଏହି ସ୍ୱପ୍ନ ଯେଭଳି ଦିବା ସ୍ୱପ୍ନ ରେ ପରିଣତ ନ ହୁଏ ତାହା ଚିନ୍ତା କରିବାକୁ ପଡିବ। କାଲାମ ଙ୍କ ସେହି ସ୍ୱପ୍ନ ଥିଲା ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ କରିବା। ବାଲେଶ୍ୱର ର ପବିତ୍ର ମାଟି ଥିଲା ତାଙ୍କ କର୍ମକ୍ଷେତ୍ର। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ସେ ପ୍ରଥମେ ଅଗ୍ନି କ୍ଷେପଣାସ୍ତ୍ର ପରୀକ୍ଷଣ କରି ସମଗ୍ର ବିଶ୍ୱରେ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ର ମାନ୍ୟତା ଆଣିଥିଲେ। ଯିଏ ଯେଉଁ କ୍ଷେତ୍ରରେ ଥାଉନା କାହିଁକି ଆଗାମୀ ବଂଶଧର ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବିକାଶ, ପ୍ରତିରକ୍ଷା, ଏକତା, ଅଖଣ୍ଡତା, ପ୍ରଗତି ,ଭାଇଚାରା ମାଧ୍ୟମରେ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ଯୁବ ସମାଜ ପ୍ରତିଜ୍ଞା ବଦ୍ଧ ହୋଇ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ କରିବା ଉଚିତ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନ କି ବାତ କାର୍ଯ୍ୟକ୍ରମ ରେ ଏହା ପ୍ରତିଫଳିତ ହୋଇ ଥିଲା ବୋଲି ସେ ସ୍ମରଣ କରାଇ ଦେଇଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରଯାଇଥିବା ଏହି କାର୍ଯ୍ୟକ୍ରମ ରେ କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ପ୍ରସନ୍ନଜିତ ଆଶ,ଲୋକନାଥ ପିରୀ,ମଧୁସୂଦନ ଦାସ,ଆଜିମ ବାଲେଶ୍ୱରୀ କାଲାମ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଅଭିଭାଷଣ ପ୍ରଦାନ କରିଥିଲେ ।ବରିଷ୍ଠ ଆଇନ ଜିବୀ ଭୁବନାନନ୍ଦ ଦାସ, ସମାଜ ସେବୀ ଶତୃଘ୍ନ ମଲ୍ଲିକ, ରୋଟାରିଆନ ଯଶୋଦା ନନ୍ଦନ ଆଶ ,ରାମନାରାୟଣ ଶତପଥି, ଶିଶିର କୁମାର ଦାସ, ଅନାମ ଚରଣ ପଣ୍ଡା,ବିବେକା ନନ୍ଦ ଦାସ , ଲକ୍ଷ୍ମୀଧର ଗାଣ, କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ ।ହାଇଦର ଖାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଜିତ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ।

ଗୁରୁବାର, ଜୁଲାଇ ୩୦, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସଡ଼କ ଦୁର୍ଘଟଣାରେ ଘରୋଇ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ପରଲୋକ

ନୀଳଗିରି, ୨୯/୭ (ନି.ପ୍ର): ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଡ୍ୟୁଟି ସାରି କ୍ୱାଟରକୁ ବାଇକ ଯୋଗେ ଫେରୁଥିବାବେଳେ ଏକ ଅଜଣା କାର ସାମ୍ନାସାମ୍ନୀ ଧକ୍କା ଦେବାରୁ ଯୁବକଙ୍କର ମୁଣ୍ଡରେ ମାଡ ହୋଇ ସଂଜ୍ଞାହୀନ ହୋଇପଡିଥିଲେ। ପରେ ପ୍ରାୟ ଦେଢ଼ମାସ ଚିକିତ୍ସା ହେଉଥିଲେ ହେଁ ଗତକାଲି ତାଙ୍କର ମୃତ୍ୟୁ ଘଟିଛି। ସୂଚନା ମୁତାବକ ନୀଳଗିରି ଏନ.ଏ.ସି. ୭ନମ୍ବର ୱାର୍ଡ଼ ବାଲିଗୋହିରି ଗ୍ରାମର ସ୍ୱର୍ଗତ ଅନନ୍ତ ମହାପାତ୍ରଙ୍କ ସାନପୁଅ କାହ୍ନୁଚରଣ ମହାପାତ୍ର (୩୫) ହାଇଦ୍ରାବାଦରେ ଏକ



ଘରୋଇ କମ୍ପାନୀରେ କାର୍ଯ୍ୟ କରିଆସୁଥିଲେ। ଗତ ଦେଢ଼ମାସ ତଳେ କମ୍ପାନୀରୁ ଡ୍ୟୁଟିସାରି କ୍ୱାର୍ଟର କୁ ବାଇକ ଯୋଗେ ଫେରୁଥିବା ବେଳେ ଏକ ଅଜଣା କାର ସାମ୍ନାସାମ୍ନି ଧକ୍କା ଦେବାରୁ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୁଣ୍ଡରେ ମାଡହୋଇ ସଂଜ୍ଞାହୀନ ହୋଇଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ସେଠାରେ ଥିବା ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ଚିକିତ୍ସାର ୧୫ଦିନ ପରେ ତାଙ୍କ ବଡଭାଇ ସଂଜୀବ ମହାପାତ୍ର କଟକ ବଡ ମେଡିକାଲ ଆଣି ଆଇ.ସି.ୟୁରେ ଭର୍ତ୍ତି କରାଇଥିଲେ।ଚିକିତ୍ସାଧିନ ଅବସ୍ଥାରେ ମଗଂଳବାର ସକାଳ ୯ଘଟିକା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ଜଣେ ମେଳାପି, ମିଷ୍ଟଭାଷୀ ସ୍ୱଭାବର ଯୁବକ ଥିବାରୁ ତାଙ୍କର ମୃତ୍ୟୁରେ ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀର ରାତିପ୍ରାୟ ୯ଘଟିକା ସମୟରେ ଜନ୍ମମାଟିରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ବରିସାହି ସ୍ଥିତ ଶ୍ମାଶନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ୫ ବର୍ଷର ଏକ ପୁତ୍ର ସନ୍ତାନ ଥିବା ଜଣାପଡ଼ିଛି।

# ଉଦଳା ଏନ୍.ଏ.ସି. ତରଫରୁ ଆରମ୍ଭ ହେଲା ବର୍ଷା ଜଳର ସଂରକ୍ଷଣ ଏବଂ ଉପଯୋଗିତା କାର୍ଯ୍ୟକ୍ରମ

ଉଦଳା , ୨୯/୭ (ନି.ପ୍ର): ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ବିଭିନ୍ନ ସ୍ଥାନରେ ନଳକୂପ ଖନନ ଦ୍ୱାରା ଭୂତଳ ଜଳସ୍ତର ଦିନକୁ ଦିନ କମିବାରେ ଲାଗିଛି। ଏହା ଆଗାମୀ ଦିନରେ ପରିବେଶ ପ୍ରତି ଭୟଙ୍କର ବିପଦକୁ ଡ଼ାକି ଆଣୁଛି । ତେବେ ଭୂତଳ ଜଳସ୍ତରକୁ ସ୍ଥିର ରଖିବା ପାଇଁ ବର୍ତମାନ ବର୍ଷା ଜଳର ସଂରକ୍ଷଣ ଜରୁରି ହୋଇ ପଡ଼ିଛି । ଏଥିପାଇଁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ 'କ୍ୟାଚ ଦ ରେନ' ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ଏଠାରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ପ୍ରତ୍ୟେକ ଘର, ସୋସାଇଟି, କର୍ମକ୍ଷେତ୍ରରେ ବର୍ଷା ଜଳ ଅମଳ କୌଶଳ ଆପଣାନ୍ତୁ, ସଠିକ ସ୍ଥାନ ବାଛି ରିଚାର୍ଜ କିଟ ବସାନ୍ତୁ ଓ ସାଫ୍ଟ ନିର୍ମାଣ କରନ୍ତୁ, ଅବ୍ୟବହୃତ ବୋର ୱେଲକୁ ଠିକ୍ କରି ଭୂତଳ ଜଳ ରିଚାର୍ଜ କରିବାରେ ସାହାଯ୍ୟ କରନ୍ତୁ ବୋଲି ଜନସାଧାରଣଙ୍କୁ ଅନୁରୋଧ




ଜଣାଇଛନ୍ତି। ସେହିପରି ନଗରପାଳ ପ୍ରମିଳା ପଣ୍ଡା ନିଜ ବାଡ଼ିରେ ଥିବା ନନ୍ଦ ବସା କୂପକୁ ସଫା ସୁତରା ରଖି ବ୍ୟବହାର ଉପଯୋଗୀ କରନ୍ତୁ, ମୌସମୀ ଜଳର ସର୍ବାଧିକ ସଂଚୟ ପାଇଁ ପାଖରେ ଥିବା ପୋଖରୀ ଓ ଜଳଶୟରୁ ପଙ୍କ କାଢ଼ି ଜଳ ଧାରଣ କ୍ଷମତା ବଢ଼ାନ୍ତୁ ବୋଲି କହିଛନ୍ତି। ଏହିଭଳି ଏକ ସଚେତନତାର ବାର୍ତା ବଂଟାଯିବା ସହ 'କ୍ୟାଚ ଦ ରେନ' ଅଭିଯାନକୁ ସଫଳ କରିବା ପାଇଁ ଉଦଳା ଏନ୍.ଏ.ସି. ତାର ଉଦ୍ୟମ ଜାରି ରଖିଛି । ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବାର ଶୁଣିବାକୁ ମିଳୁଛି ।

# କୃତ୍ରିମ ବୁଦ୍ଧିମତା ଉପରେ ଦକ୍ଷତା ବିକାଶ କର୍ମଶାଳା ଉଦଘାଟିତ

ଭୁବନେଶ୍ୱର, ୨୯/୭ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟରେ 'କୃତ୍ରିମ ବୁଦ୍ଧିମତା (ଏଆଇ) ଉପରେ ଦକ୍ଷତା ବିକାଶ' କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆଜିର କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ. ବି ରାଉତ, ଆଇଆଇଟି ମାଡ୍ରାସର ଶିକ୍ଷାବିତ୍ ଏସ. ନିଥି, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ଓ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ, କୃତ୍ରିମ ବୁଦ୍ଧିମତା ଉପରେ ଉଚ୍ଚକୋଟୀର ଗବେଷଣା ଏବଂ ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଶିକ୍ଷାବିତ୍,ଗବେଷକ, ପ୍ରଶାସନିକ ଅଧିକାରୀମାନେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଯେପରି ଦକ୍ଷ ହୋଇପାରିବେ ଏବଂ ଏହାର ସଠିକ କାର୍ଯ୍ୟାନ୍ୱୟନ କରିପାରିବେ, ସେ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାର ପ୍ରଥମ ଦିନରେ କୃତ୍ରିମ ବୁଦ୍ଧିମତାର ବେସିକ୍ କନସେପ୍ଟ, ଶିକ୍ଷା ଓ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗିତା ଏବଂ ବିଭିନ୍ନ ଫ୍ରି ଏଆଇ ମୋବାଇଲ ଆପ୍ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇବା ସହ ଏଆଇର ସଠିକ କାର୍ଯ୍ୟାନ୍ୱୟନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା ବଢୁଛି

ବାଲିଆପାଳ , ୨୯/୭ (ନି.ପ୍ର): ଗଲା କେତେଦିନ ହେବ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ଧ ବିଲ ବୁଡି ପାଣି ବାହାରକୁ ବାହାରି ଗଲାଣି ଓ ଚାରିଆଡେ ଜଳ ହିଁ ଜଳ। ଶାରଦ ବୁଣା ଧାନ ଚାଷ, ଧାନ ତଳି, ସୁବର୍ଣ୍ଣ ରେଖା ନଦୀ ତଟ ନଳିତା ଚାଷ ବର୍ଷା ପାଣିରେ ବୁଡି ରହିଛି । ଛୋଟ ଛୋଟ ନଦୀ, ନାଳ, ଜୋର ର ପାଣି ଏବେ ସୁବର୍ଣ୍ଣ ରେଖା ନଦୀକୁ ପ୍ରବଳ ବେଗରେ ପଶୁଛି। ନଦୀର ଉପର ମୁଣ୍ଡ ଝାଡ଼ଖଣ୍ଡରେ ମଧ ପ୍ରବଳ ବର୍ଷା ହେଉଥିବା ଜଣାଯାଇଛି। ଝାଡ଼ଖଣ୍ଡ ସରକାର ଚାଣ୍ଡିଲ ଡ୍ୟାମ ପାଣି ଏବେ ଛାଡି ନାହାଁନ୍ତି । ତେବେ ଯେକୌଣସି ମୁହୂର୍ତ୍ତରେ ଡ୍ୟାମରୁ ପାଣି ଛଡା ଯାଇ



ପାରେ ବୋଲି ସୂଚନା ମିଳିଛି। ଏବେ ସୁବର୍ଣ୍ଣ ରେଖା ନଦୀର ଜଳ ସ୍ତର ସାମାନ୍ୟ ବଢିଥିବା ଜଳସେଚନ ବିଭାଗ ସୂତ୍ରରୁ ପ୍ରକାଶ। ତାହା ନଦୀର ପାଣି ମଧ ସମ୍ପୂର୍ଣ୍ଣ ଗୋଳା ରହିଛି । ଏବେ ନଦୀର ଜଳ ସ୍ତର ଜଳେଶ୍ୱର ବ୍ଲକ ରାଜଘାଟଠାରେ ବିପଦ ସଂକେତର ଢେର ତଳେ ରହିଛି। ଏଠାରେ ସତର୍କ ସୂଚନା ୯. ୪୫ ମି ଓ ବିପଦ ସଂକେତ ୧୦. ୩୬ ମିଟର ଦିଆଯାଇଛି। ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ପ୍ରସ୍ତୁତିରେ ରହିଥିବା ବେଳେ ନଦୀ କୁଳିଆ ବାଲିଆପାଳ, ବିଷ୍ଣୁପୁର, ଜାମ କୁଣ୍ଡା, ଡଗରା, ଚୌମୁଖ, ଅସ୍ତି, ଶ୍ରୀରାମପୁର, ଘଣ୍ଟୁଆ, ନିମ୍ବରା, କୁମ୍ଭାରୀ ଆଦି ପଞ୍ଚାୟତର ଅଧିବାସୀ ମାନେ ଆଶଙ୍କାରେ ରହିଛନ୍ତି।

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କଲେ ରେମୁଣା ବିଧାୟକ

ରେମୁଣା, ୨୯/୭ (ନି.ପ୍ର): ପ୍ରବଳ ବର୍ଷା ଯୋଗୁଁ ଉପୁଜିଥିବା ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ରେମୁଣା ବିଧାୟକ ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି।ବିଧାୟକ ରେମୁଣା ନିର୍ବାଚନ ମଣ୍ଡଳୀର କଲ୍ୟାଣପୁର, ଭୀମପୁରା, ଗୁଡୁଦା, ନିଜାମପୁରା ପରି ସମସ୍ତ ପ୍ରମୁଖ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ରାଜ୍ୟ ସିଭିଲ ସପ୍ଲାଇଜ୍ କର୍ପୋରେସନର ଏମ୍‌ଡି



କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବାଲେଶ୍ୱର ପିଡି ସଞ୍ଜୟ ରାଉତ, ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌରଭ ସିଦ୍ଧାର୍ଥ ମହାପାତ୍ର, ତହସିଲଦାର ବର୍ଷା ପରିଡ଼ା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ (ଇନ୍‌ଚାର୍ଜ) ଅମ୍ଳାନ ନାୟକ, ଅତିରିକ୍ତ ତହସିଲଦାର ମନୋଜ ମହାପାତ୍ର ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେମାନଙ୍କ ସହ ବାଲେଶ୍ୱର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ ମଧ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କର ଆବଶ୍ୟକତା ବିଷୟରେ ସମୀକ୍ଷା କରିଥିଲେ। ଏହାର ଆଶୁ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ବିଧାୟକ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରଭାବିତ ପରିବାରଙ୍କ ପାଇଁ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜରୁରୀ ସହାୟତା ସାମଗ୍ରୀ ତୁରନ୍ତ ଯୋଗାଇବାକୁ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଆବଶ୍ୟକ ସ୍ଥଳରେ ଅଧିକରୁ ଅଧିକ ଓଡ୍ରାଫ୍ ଟିମ୍ ମୁତୟନ କରିବା ପାଇଁ ମଧ ସମ୍ପୃକ୍ତ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

# ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଗଲା ଫରଚୁନର କାର

ବୈଶିଙ୍ଗା , ୨୯/୭ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ତିଳପଦା ଗ୍ରାମ ପୋଖରୀରେ ଭାରସାମ୍ୟ ହରାଇ ବିଳମ୍ବିତ ରାତିରେ ପଶିଗଲା ଫରଚୁନର କାର୍ । ୧୮ନଂ ଜାତୀୟ ରାଜପଥର ଜରକା ଛକରୁ ତିଳପଦା ଯାଉଥିବା ରାସ୍ତାରେ ଘଟିଥିବା ଏହି ଘଟଣାକୁ ନେଇ ବୁଧବାର ସକାଳୁ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, **OD02CU-୧୪୨୨** ନମ୍ବର ବିଶିଷ୍ଟ ଏକ ଫରଚୁନର କାର୍ ମଙ୍ଗଳବାର ବିଳମ୍ବିତ ରାତିରେ ସନ୍ତୋଷ ସାହୁ ନାମକ ଜନୈକ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ନେଇ ଡ୍ରାଇଭର ତିଳଦା ଗ୍ରାମରେ ଛାଡ଼ି ଫେରୁଥିବା ସମୟରେ ବର୍ଷା ଚାଲିଥିବା ଯୋଗୁଁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା




ପୋଖରୀ ମଧ୍ୟକୁ ପଶିଯାଇଥିଲା । ତେବେ କୌଣସି ମତେ କାର ଭିତରୁ ବାହାରି ପାଣି ଭିତରେ ନିଜର ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ଡ୍ରାଇଭର । ବୁଧବାର ସକାଳେ କାରଟି ପୋଖରୀ ଭିତରେ ଭାସୁଥିବା ଦୃଶ୍ୟ ସାମ୍ନାକୁ ଆସିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ପ୍ରଥମେ କାର ଭିତରେ କେତେଜଣ ଥିଲେ, କେହି ଫସି ରହିଛନ୍ତି କି ନାହିଁ, ତାହା ନେଇ ଆଶଙ୍କା ବଢ଼ିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ତେବେ ଯାଞ୍ଚ ପରେ କାର ଭିତରେ କୌଣସି ବ୍ୟକ୍ତି ନଥିବା ଜଣାପଡ଼ିଥିଲା। ଅନ୍ୟପକ୍ଷରେ ଖବର ପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଜବତ କରିଛି ।




# ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବଢି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଏକାଧିକ ପଂଚାୟତରେ ବନ୍ୟା ପରିସ୍ଥିତି

## ବନ୍ୟାଂଚଳ ପରିଦର୍ଶନ ସହ ଶୁଖିଲା ଖାଦ୍ୟ ବାଂଟି ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୨୯/୭ (ନି.ପ୍ର): ଲଘୁଚାପ ଜନିତ ଉତ୍ତର ଓଡିଶାରେ ଲଗାଣ ବର୍ଷା ଯୋଗୁଁ ସମ୍ପ୍ରତି ବାଲେଶ୍ୱରରେ ଦେଖାଦେଇଛି ବନ୍ୟା ପରିସ୍ଥିତି । ଗତ ୨୭ତାରିଖ ରାତିରେ ଭୀଷଣ ବର୍ଷା ପରେ ଜଳମଗ୍ନ ବାଲେଶ୍ୱର ସହରର ଅନେକ ସ୍ଥାନରୁ ଜଳ ନିଷ୍କାସିତ ହୋଇଥିଲେ ବି ତଳିଆ ଅଂଚଳରେ ଲୋକଙ୍କ ଦୁର୍ଦ୍ଦଶା ବଢିଛି । ଏହି ବନ୍ୟା ପ୍ରକୋପରୁ ଲୋକଙ୍କୁ ଆଶ୍ୱସ୍ତି ଦେବା ସହିତ ଉଦ୍ଧାର ଓ ରିଲିଫ କାର୍ଯ୍ୟର ନେତୃତ୍ୱ ନେଉଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ସଦର ନିର୍ବାଚନମଣ୍ଡଳୀର ଏକାଧିକ ପଂଚାୟତ ପାଣି ଘେରରେ ଥିବା ବେଳେ ପ୍ରଭାବିତ ଅଂଚଳର ଲୋକଙ୍କ ନିକଟରେ ପହଂଚିଛନ୍ତି ବିଧାୟକ ଶ୍ରୀ ଦତ୍ତ । ଏନଡିଆରଏଫ ଯବାନଙ୍କ ପାୱାର ବୋଟରେ ବିଧାୟକ ଶ୍ରୀ ଦତ୍ତ ବଂଇଚା ପଂଚାୟତରେ ପହଂଚି ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି । ଏହା ସହିତ ବିପଦ ସଙ୍କୁଳ କଚା ଘରେ ବସବାସ କରୁଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର ସହ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ପଂଚାୟତର ଲୋକ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ ନେଇ ବ୍ୟବସ୍ଥାର ସୁପରିଚାଳନା ଉପରେ ମଧ ବିଧାୟକ ଶ୍ରୀ ଦତ୍ତ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିଦର୍ଶନ ସମୟରେ ବନ୍ୟା ପିଡିତମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ। ବନ୍ୟା ଛାଡିବା ପରେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ସବୁ ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରତିଶୃତି ଦେଇଛନ୍ତି । ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ପ୍ରଭାବିତ ବଇଁଚା ପଂଚାୟତରରେ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସୁରକ୍ଷା, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା



ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି ବୋଲି ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ସେହିପରି ବୁଢାବଳଙ୍ଗ ନଦୀ ବନ୍ୟା ଜଳ ଘେରରେ ଥିବା ବାଲେଶ୍ୱର ସହରର ତଳି ଅଂଚଳ ଦଉଡିଭଙ୍ଗାରେ ଓଡ୍ରାଫ ବୋଟ ଯୋଗେ ଘରକୁ ଘର ପହଂଚି ବିଧାୟକ ଶ୍ରୀ ଦତ୍ତ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ବନ୍ୟା ଯୋଗୁଁ ଦଉଡିଭଙ୍ଗା ଅଂଚଳ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ଓଡ୍ରାଫ ଟିମ ସହଯୋଗରେ ଜଳବନ୍ଦୀ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଉଛି, ଲୋକଙ୍କୁ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ପହଂଚାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତ୍ତସୂଚନା ଦେଇଛନ୍ତି । ତେବେ ସକାଳେ ପ୍ରଥମେ ତେଲେଙ୍ଗାସାହିରେ ପହଂଚି ବିଧାୟକ ଶ୍ରୀ ଦତ୍ତ ପ୍ରବଳ ବର୍ଷାରେ ପ୍ରଭାବିତ ପରିବାରଙ୍କୁ ଭେଟି ପଲିଥିନ ବଂଟନ କରିଥିଲେ । ବର୍ଷା ଓ ବନ୍ୟା ପ୍ରଭାବିତଙ୍କ ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି । ସୂଚନା ଯୋଗ୍ୟ ଯେ, ବୁଢାବଳଙ୍ଗ ନଦୀରେ ଜଳସ୍ତର ବଢିବା କ୍ଷଣି ମଙ୍ଗଳବାର ରାତିରେ ବଇଁଚା ପଂଚାୟତର ଗୁଜୁରୀବଜାର ଠାରେ ବିଧାୟକ ଶ୍ରୀ ଦତ୍ତ ପହଂଚି ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ସମ୍ଭାବ୍ୟ ଏକ ବଡ଼ ବନ୍ୟାର ମୁକାବିଲା ପାଇଁ ସମସ୍ତ ସହାୟତା ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ସେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲଘୁଚାପ ସାଙ୍ଗକୁ ପୂର୍ଣ୍ଣିମା ତିଥି ଯୋଗୁଁ ବନ୍ୟା ପରିସ୍ଥିତି ଜଟିଳ ହେବାର ଆଶଙ୍କା ଥିବାରୁ ଏହାର ସଠିକ୍ ମୁକାବିଲା ପାଇଁ ପଂଚାୟତସ୍ତରରେ ପ୍ରଶାସନ ପ୍ରସ୍ତୁତ ରହିବାକୁ ବିଧାୟକ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ । ଅନୁରୂପ ଭାବେ ବାଲେଶ୍ୱର ପୌରାଂଚଳ ଅନ୍ତର୍ଗତ ସୁଏଲପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଆଶ୍ରୟସ୍ଥଳ ପରିଦର୍ଶନ ସହ ବର୍ଷାରେ ପ୍ରଭାବିତ ହୋଇ ସେଠାରେ ଆଶ୍ରୟ ନେଇଥିବା ଭାଇଭଉଣୀମାନଙ୍କୁ ବିଧାୟକ ଶ୍ରୀ ଦତ୍ତ ରନ୍ଧା ଖାଦ୍ୟ ବିତରଣ କରିଥିଲେ ।

# ବ୍ଲକ କଂଗ୍ରେସ କମିଟି ବୈଠକରେ ଏସଆଇଆର ସମ୍ପର୍କୀତ ଆଲୋଚନା

ଖଇରା, ୨୯/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କମିଟିର ଏକ ବୈଠକ ବୁଧବାର ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସଭାପତି ବସନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସଆଇଆର ବା ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଯେଭଳି କୌଣସୀ ଯୋଗ୍ୟବ୍ୟକ୍ତି ତାଲିକାରୁ ବାଦ ନପଡନ୍ତି ସେଥିପାଇଁ ବୁଥସ୍ତରୀୟ କର୍ମୀ ମାନେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିଲା । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ ସୁବ୍ରତ ଧଡା, ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଯୁବ କଂଗ୍ରେସ




ସଭାପତି ନିରଞ୍ଜନ ପରିଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶରତ ଦାସ ପ୍ରମୁଖ ଉପସ୍ଥିତ ରହି ଏସଆଇଆର ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଭିନ୍ନ ପଞ୍ଚାୟତରୁ ଆସିଥିବା କଂଗ୍ରେସ କର୍ମୀ ଦାମୋଦର ବେହେରା, ସିତୁ ପଟ୍ଟନାୟକ, ପ୍ରଫୁଲ୍ଲ ବଳବନ୍ତରାୟ, ତପନ ଦାସ, ଗଦାଧର ଡିଆବାଗ, ମଧୁସୂଦନ ଜେନା, ପ୍ରମୋଦ ମହାପାତ୍ର, ସଞ୍ଜୟ କୁମାର ଦଲେଇ ଙ୍କ ଉପସ୍ଥିତିରେ ବୁଥସ୍ତରର କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida